• Vol.- 45, Issue No. 345
• Thursday, 19 March 2026
• ଗୁରୁବାର, ୧୯ ମାର୍ଚ୍ଚ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ସରକାରଙ୍କ ବଡ଼ କାର୍ଯ୍ୟାନୁଷ୍ଠାନ

# ଏସ୍‌ସିବି ଅଗ୍ନିକାଣ୍ଡ: ୪ ନିଲମ୍ବିତ

ଭୁବନେଶ୍ୱର,୧୮।୩ : କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ(ଏସ୍‌ସିବି)ରେ ଗତ ୧୬ ତାରିଖରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ଯୋଗୁଁ ଅନେକ ଜୀବନ ନଷ୍ଟ ହୋଇଥିଲା। ଏ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଢ଼ କାର୍ଯ୍ୟାନୁଷ୍ଠାନଗ୍ରହଣ କରିଛନ୍ତି । କାର୍ଯ୍ୟରେ ଅବହେଳା ଯୋଗୁଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ୪ ଜଣ ଅଧିକାରୀଙ୍କୁ ସସ୍‌ପେଣ୍ଡ କରାଯାଇଛି । ସସ୍‌ପେଣ୍ଡ ହୋଇଥିବା ୪ ଅଧିକାରୀ ହେଲେ କଟକ ସର୍କଲର ଡେପୁଟି ଫାୟାର ଅଫିସର ପ୍ରକାଶ କୁମାର ଜେନା,କଟକ ସର୍କଲର ଆସିଷ୍ଟାଣ୍ଟ ଫାୟାର ଅଫିସର ସଞ୍ଜୀବ କୁମାର ବେହେରା, ଏସ୍.ସି.ବି ମେଡିକାଲ ଓ ହସ୍ପିଟାଲର ଷ୍ଟେସନ ଅଫିସର ଅଭିନବ ପୃଷ୍ଟି ଏବଂ କଟକ ଜି.ଇ.ଡି ଅନ୍ତର୍ଗତ ଏସ୍.ସି.ବି ସବ୍-ଡିଭିଜନର ଆସିଷ୍ଟାଣ୍ଟ ଏକଜିକ୍ୟୁଟିଭ ଇଞ୍ଜିନିୟର ରଞ୍ଜନ କୁମାର ବିଶ୍ୱାଳ।

## ନନ୍ ଟ୍ରମା କାଜୁଆଲଟିରେ ପୁଣି ନିଆଁ



କଟକ(ନିପ୍ର): କଟକ ବଡ଼ ମେଡିକାଲ ନନ ଟ୍ରମା କାଜୁଆଲଟିରେ ବୁଧବାର ପୁଣି ନିଆଁ ଦେଖିବାକୁ ମିଳିଥିଲା। ସର୍ଟସର୍କିଟ ଅଗ୍ନିକାଣ୍ଡ ବୋଲି କୁହାଯାଉଛି । ଅଳ୍ପକେ ବର୍ତ୍ତିଛନ୍ତି ରୋଗୀ । ନନ ଟ୍ରମା କାଜୁଆଲଟିରେ ଶହେରୁ ଅଧିକ ରୋଗୀ ଚିକିତ୍ସିତ ହେଉଥିଲେ। ଧୂଆଁ ବାହାରିବା କାରଣରୁ ସ୍ମୋକ ଡିଟେକ୍ଟର ସକ୍ରିୟ ହୋଇ ଯାଇଥିଲା । ସଠିକ ସମୟରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି । ଏକ ପ୍ୟାନେଲ ବୋର୍ଡରେ ସର୍ଟସର୍କିଟ ହୋଇଥିବା ସୂଚନା ମିଳିଛି । ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣରେ ରହିଛି। ରବିବାର ରାତିରେ ଏସସିବି ମେଡିକାଲରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଥିଲା । ଟ୍ରମା କେୟାର ଆଇସିୟୁରେ ଏହି ଅଗ୍ନିକାଣ୍ଡ ଘଟିଥିଲା । ଅଗ୍ନିକାଣ୍ଡ ସମୟରେ ଟ୍ରମା କେୟାର ଆଇସିୟୁରେ ୨୩ ରୋଗୀ ଥିଲେ ବୋଲି ଜଣାପଡ଼ିଛି । ଅଗ୍ନିକାଣ୍ଡ ପରେ ଆଇସିୟୁରେ ସାଂଘାତିକ ସ୍ଥିତି ଉପୁଜିଥିଲା । ଏସ୍‌ସିବି ଆଗରେ କାନ୍ଦବୋବାଳି ପଡ଼ିଥିଲା। ଗୁରୁତର ରୋଗୀଙ୍କୁ ନ୍ୟୁ ମେଡିସିନ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା । ଏହି ଘଟଣା ଶୁଣି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏସ୍‌ସିବିରେ ପହଞ୍ଚିଥିଲେ । ମୁଖ୍ୟମନ୍ତ୍ରୀ ପହଞ୍ଚିବା ପରେ ନିଉ ମେଡ଼ିସିନ ୱାର୍ଡକୁ ପ୍ରଥମେ ଯାଇଥିଲେ । ମୃତକଙ୍କ ପରିବାରକୁ ୨୫ ଲକ୍ଷ କ୍ଷତିପୂରଣ ଘୋଷଣା କରିଥିଲେ । ବିଦ୍ୟୁତ୍ ସର୍ଟସର୍କିଟ୍ କାରଣରୁ ଅଗ୍ନିକାଣ୍ଡ ଘଟିଥିଲା ବୋଲି ଆଶଙ୍କା କରାଯାଇଛି। ଅଗ୍ନିକାଣ୍ଡ ସମୟରେ ଟ୍ରମା କେୟାର ଆଇସିୟୁରେ ଥିଲେ ୨୩ ରୋଗୀ । ୨୩ ରୋଗୀଙ୍କ ସ୍ଥାନାନ୍ତର ସମୟରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିଲା।

# 'ଅଶୁଭ' ବୁଧବାର: ନିଆଁ ଆଁ'ରେ ଗଲା ୧୭ ଜୀବନ

## ଦିଲ୍ଲୀରେ ୯ ଓ ଇନ୍ଦୋରରେ ୮



ନୂଆଦିଲ୍ଲୀ,୧୮।୩:ଏଠାରେ ବୁଧବାର ଅଭାବନୀୟ 'ଅଶୁଭ' ଆଣିଦେଇଥିଲା,ଏପରିକି ମୃତ୍ୟୁ ଆଣିଦେଇଥିଲା। ଦିଲ୍ଲୀରେ ୯ ଓ ଇନ୍ଦୋରରେ ୮ ଏପରି ଦିନକରେ ୧୭ ଜୀବନ ଦୀପ ଲିଭିଯାଇଛି। ଦିଲ୍ଲୀର ପାଲମ ଅଞ୍ଚଳରେ ଏକ ଚାରି ମହଲା ବିଶିଷ୍ଟ କୋଠାରେ ବୁଧବାର ନିଆଁ ଲାଗିଯିବା ଫଳରେ ମୋଟ ୩ ଶିଶୁ ସମେତ ୯ଜଣଙ୍କ ମୃତ୍ୟୁ ହୋଇଛି । ଅନେକ ଗୁରତର ହୋଇଛନ୍ତି । ଏକ କସମେଟିକ୍ସ ଦୋକାନରେ ନିଆଁ ଲାଗିବା ପରେ ଏହି ଅଗ୍ନିକାଣ୍ଡ ଘଟିଛି । ଦିଲ୍ଲୀ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଏବଂ ରିଲିଫ କାର୍ଯ୍ୟ ଆରମ୍ଭ କରିଛି ।ବୁଧବାର ସକାଳ ପ୍ରାୟ ୭ଟା ସମୟରେ ପାଲମ ମେଟ୍ରୋ ଷ୍ଟେସନ ନିକଟସ୍ଥ ଲେନ ନମ୍ବର ୨ରେ ତଳେ ଥିବା ଏକ କସମେଟିକ୍ସ ଦୋକାନରେ ପ୍ରଥମେ ଅଗ୍ନିକାଣ୍ଡ ଘଟିଥିଲା। ଗୋଟିଏ ପରେ ଗୋଟିଏ ଦୋକାନକୁ ନିଆଁ ବ୍ୟାପିଥିଲା । ନିଆଁ ଶୀଘ୍ର ଉପର ମହଲାକୁ ବ୍ୟାପି ଯାଇଥିଲା । ନିଆଁ ଏତେ ତୀବ୍ର ଥିଲା ଯେ ସମ୍ପୂର୍ଣ୍ଣ କୋଠାଟି ଜଳି ଯାଇଛି । ସୂଚନା ପାଇବା ମାତ୍ରେ, ଦିଲ୍ଲୀ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଆରମ୍ଭ କରିଥିଲେ । ଘର ଭିତରେ ଅନେକ ଲୋକ ଧୂଆଁରେ ଫସି ରହିଥିଲେ । ଉଦ୍ଧାରକାରୀ ଦଳ ସେମାନଙ୍କୁ ବାହାରକୁ ବାହାର କରିଥିଲେ । ସେମାନଙ୍କ ମଧ୍ୟରୁ ୯ ଜଣଙ୍କ ମୃତ୍ୟୁ ହୋଇଛି । ୪ ଜଣଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ବର୍ତ୍ତମାନ ସେମାନଙ୍କର ଚିକିତ୍ସା କରାଯାଉଛି । ଅଗ୍ନିଶମ ବିଭାଗର ସୂଚନା ଅନୁଯାୟୀ, ନିଆଁ ଲିଭାଇବା ପାଇଁ ଘଟଣାସ୍ଥଳରେ ମୋଟ ୩୦ଟି ଦମକଳ ଗାଡ଼ି ନିୟୋଜନ କରାଯାଇଥିଲା । ଅଗ୍ନିକାଣ୍ଡର କାରଣ ବର୍ତ୍ତମାନ ଅସ୍ପଷ୍ଟ, କିନ୍ତୁ ପ୍ରାଥମିକ ତଦନ୍ତରୁ ସର୍ଟ ସର୍କିଟରୁ ନିଆଁ ଲାଗିଥିବା ସନ୍ଦେହ କରାଯାଇଛି। ସେହିପରି ମଧ୍ୟପ୍ରଦେଶର ଇନ୍ଦୋରରେ ବଙ୍ଗାଳୀ ଛକ ନିକଟରେ ଥିବା ଏକ କଲୋନୀରେ ବୁଧବାର ଭୋର ୪ଟା ସମୟରେ ଗୋଟିଏ ଘରେ ଇଲେକ୍ଟ୍ରିକ୍ କାର୍ ଚାର୍ଜିଂ ସମୟରେ ଶର୍ଟ ସର୍କିଟ୍ ଯୋଗୁ ଘଟିଥିବା ଦୁର୍ଘଟଣାରେ ମୋଟ ୮ଜଣ ଜୀବନ୍ତ ଜଳି ମୃତ୍ୟୁବରଣ କରିଛନ୍ତି ।ପୁଲିସର ପ୍ରାରମ୍ଭିକ ତଦନ୍ତ ଅନୁସାରେ, ପୁଗଲିଆ ପରିବାରରଘର ବାହାରେ ଗତ ରାତିରେ ଇଲେକ୍ଟ୍ରିକ୍ କାର୍ ଚାର୍ଜିଂରେ ଲାଗିଥିଲା। ଭୋର୍ ପ୍ରାୟ ୪ଟା ସମୟରେ ଚାର୍ଜିଂ ପଏଣ୍ଟରେ ଶର୍ଟ ସର୍କିଟ୍ ହୋଇଥିଲା। ଫଳରେ କାରରେ ନିଆଁ ଲାଗିଯାଇଥିଲା। କେବଳ କିଛି ମୁହୂର୍ତ୍ତରେ ନିଆଁ ଭୟାବହ ରୂପ ନେଇ ଘର ଭିତରକୁ ଖେଳିଯାଇଥିଲା। କୁହାଯାଉଛି ଯେ ଘର ଭିତରେ ୧୦ରୁ ଅଧିକ ଗ୍ୟାସ୍ ସିଲିଣ୍ଡର ଓ ଜ୍ୱଳନଶୀଳ ପଦାର୍ଥ ରଖାଯାଇଥିଲା। ନିଆଁ ଲାଗିବା ସହିତ ସିଲିଣ୍ଡରଗୁଡ଼ିକରେ ବିସ୍ଫୋରଣ ଆରମ୍ଭ ହୋଇଯାଇଥିଲା। ଅତି କମ୍‌ରେ ୪ଟି ସିଲିଣ୍ଡର ପର୍ଯ୍ୟାୟକ୍ରମେ ଫାଟିଥିବା କୁହାଯାଉଛି, ଯାହା ଫଳରେ ଜୋର୍ ଧମାକା ହୋଇ ସମଗ୍ର ଅଞ୍ଚଳ ଭୟଭୀତ ହୋଇପଡ଼ିଥିଲା ଏବଂ ଘରର ଏକ ଅଂଶ ଭାଙ୍ଗିପଡ଼ିଥିଲା ।ଦୁର୍ଘଟଣା ସମୟରେ ପୁଗଲିଆ ପରିବାରର ଘରରେ ପରିବାରିକ କାର୍ଯ୍ୟକ୍ରମ ଚାଲୁଥିଲା, ଫଳରେ ଅନେକ ସଦସ୍ୟ ଓ ଆତ୍ମୀୟ ଏକାଠି ଥିଲେ।

## ଇରାନ ଗୁଇନ୍ଦା ମନ୍ତ୍ରୀ ଇସମାଇଲ ଖାତିବ ନିହତ

ନୂଆଦିଲ୍ଲୀ,୧୮।୩: ଇରାନ ଗୁଇନ୍ଦା ମନ୍ତ୍ରୀ ଇସମାଇଲ ଖାତିବଙ୍କୁ 'ହତ୍ୟା କରାଯାଇଥିବା' ନେଇ ବୁଧବାର ନିଶ୍ଚିତ କରିଛନ୍ତି ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ। 'ଏକ୍ସ'ରେ ଇରାନ ରାଷ୍ଟ୍ରପତି ପେଜେସ୍କିଆନ ଏହାକୁ 'କାପୁରୁଷ ହତ୍ୟା 'ଅଭିହିତ କରି ନିନ୍ଦା କରିଛନ୍ତି । ଆଇଡିଏଫ, ଇରାନ ଗୁପ୍ତଚର ମନ୍ତ୍ରୀ ଏସମାଇଲ ଖାତିବଙ୍କୁ ହତ୍ୟା କରାଯାଇଥିବା ନେଇ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଟଜ୍ ସ୍ପଷ୍ଟ କରିଛି । ସୋମବାର ରାତିରେ ଅଲି ଲାରିଜାନି ଏବଂ ବାସିଜ ମୁଖ୍ୟଙ୍କ ହତ୍ୟା ବ୍ୟତୀତ ଯୁଦ୍ଧର ପ୍ରାରମ୍ଭିକ ଦିନଠାରୁ ଖାତିବଙ୍କ ମୃତ୍ୟୁ ଇରାନରେ ପରବର୍ତ୍ତୀ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହତ୍ୟାକାଣ୍ଡ ବୋଲି କୁହାଯାଇଛି। ମୃତକ ଖାତିବ କେବଳ ଜଣେ ମନ୍ତ୍ରୀ ନ ଥିଲେ ଅଧିକନ୍ତୁ ଜଣେ ଦୁର୍ଦ୍ଧର୍ଷ ରଣନୀତିଜ୍ଞ ଥିଲେ।

# ତେଲ ଆଭିଭ୍‌ର ଶତାଧିକ ସ୍ଥାନରେ ଇରାନର ହମଲା

ତେଲ ଆଭିଭ, ୧୮।୩: ଇସଲାମିକ ରିଭଲ୍ୟୁସନରୀ ଗାର୍ଡ କର୍ପସ (ଆଇଆରଜିସି) ଇରାନର ପୂର୍ବତନ ଶୀର୍ଷ ସୁରକ୍ଷା ଅଧିକାରୀ ଡ଼ଃ ଅଲି ଲାରିଜାନିଙ୍କ ହତ୍ୟା ପରେ ଇସ୍ରାଇଲ ବିରୋଧରେ ଜୋରଦାର କାର୍ଯ୍ୟାନୁଷ୍ଠାନ କରିଛି। ଆଇଆରଜିସି ଇସ୍ରାଏଲର ରାଜଧାନୀ ତେଲ ଆଭିଭରେ ୧୦୦ରୁ ଅଧିକ ସ୍ଥାନକୁ ଲକ୍ଷ୍ୟ କରି ଆକ୍ରମଣ କରିଛି। ଡ଼ଃ ଲାରିଜାନିଙ୍କ ମୃତ୍ୟୁ ଆମେରିକା-ଇସ୍ରାଇଲର ଯୁକ୍ତସାମରିକ ଅଭିଯାନରେ ଘଟିଥିବା କୁହାଯାଇଛି। ଆମେରିକା-ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧର ବୁଧବାର ଥିଲା ୧୯ତମ ଦିନ। ଇରାନର ପ୍ରେସ ଟିଭିର ଖବର ଅନୁସାରେ, ଏହି ସୂଚନା ଆଇଆରଜିସିଙ୍କ ବିବୃତିରେ ଦିଆଯାଇଛି। ଆଇଆରଜିସି କହିଛି ଯେ, ସେମାନେ ଆମେରିକା-ଇସ୍ରାଇଲର ଆକ୍ରମଣକୁ ପ୍ରତିଉତ୍ତର ଦେଇ 'ଅପରେସନ୍ ଟ୍ରୁ ପ୍ରମିସ ୪'ର ୬୧ତମ ପର୍ଯ୍ୟାୟରେ ଏହି ଠିକଣାଗୁଡ଼ିକୁ ଲକ୍ଷ୍ୟ କରିଛନ୍ତି। ବିବୃତିରେ କୁହାଯାଇଛି ଯେ, ଶତ୍ରୁ ସ୍ଥାନଗୁଡ଼ିକୁ ଆକ୍ରମଣ କରିବା ପାଇଁ ମଲ୍ଟି-ୱାରହେଡ୍ ଥିବା ଖୁର୍ରମଶହର-୪ ଏବଂ କଦ୍ର ମିସାଇଲ ସହିତ ଇମାଦ ଓଖୈବର ଶିକନ ପ୍ରୋଜେକ୍ଟାଇଲ୍ ବ୍ୟବହାର କରାଯାଇଛି। ଏହି ଆକ୍ରମଣ ଡ଼ଃ ଲାରିଜାନିଙ୍କ ମୃତ୍ୟୁର ପ୍ରତିଶୋଧ ନେବା ପାଇଁ କରାଯାଇଥିବା କୁହାଯାଇଛି ।ପ୍ରେସ ଟିଭି ଅନୁସାରେ, ଏହି ଆକ୍ରମଣରେ ଇସ୍ରାଇଲର ଅତ୍ୟାଧୁନିକ ବାୟୁ ସୁରକ୍ଷା ପ୍ରଣାଳୀକୁ ଧ୍ୱଂସ କରାଯାଇଛି। ଏହାର ପରିଣାମ ସ୍ୱରୂପ ତେଲଆଭିଭରେ ଆଂଶିକ ବ୍ଲାକଆଉଟ୍ ହୋଇଯାଇଛି। ଏହିକାରଣରୁ ଇସ୍ରାଇଲ ସେନାକୁ ପରିସ୍ଥିତି ନିୟନ୍ତ୍ରଣ କରିବା ଏବଂ ପ୍ରଭାବିତ ଲୋକମାନଙ୍କୁ ଉଦ୍ଧାର କରିବାରେ ବହୁତ ସମସ୍ୟା ସାମ୍ନା କରିବାକୁ ପଡ଼ିଛି। ଏହି ମଧ୍ୟରେ, କର୍ପସ କହିଛି ଯେ'ଅପରେସନ୍ ଟ୍ରୁ ପ୍ରମିସ ୪' ଅଧୀନରେ ଏପର୍ଯ୍ୟନ୍ତ ୨୩୦ରୁ ଅଧିକ ଇସ୍ରାଇଲୀଙ୍କ ମୃତ୍ୟୁ ଘଟିଛି।

## ଏପ୍ରିଲ ୧୬ରୁ ଜନଗଣନା ପ୍ରଥମ ପର୍ଯ୍ୟାୟ

### ଗୃହଗଣନା ଓ ଗୃହ ତାଲିକା ହେବ ପ୍ରସ୍ତୁତ



ଭୁବନେଶ୍ୱର,୧୮।୩: ଆସନ୍ତା ଏପ୍ରିଲ ୧୬ ତାରିଖରୁ ରାଜ୍ୟରେ ଆରମ୍ଭ ହେଉଛି ପ୍ରଥମ ପର୍ଯ୍ୟାୟ ଜନଗଣନା । ପ୍ରଥମ ପର୍ଯ୍ୟାୟରେ ଗୃହଗଣନା ଏବଂ ଗୃହ ତାଲିକା ପ୍ରସ୍ତୁତ ହେବ । ଏପ୍ରିଲ ୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ଲୋକମାନେ ସେଲ୍‌ଫ ଏନୁମିରେସନ ପୋର୍ଟାଲ ମାଧମରେ ନିଜେ ନିଜ ସୂଚନା ଦେଇ ପାରିବେ। ଏପ୍ରିଲ ୧୬ରୁ ଘରକୁ ଘର ବୁଲି ଗଣନାକାରୀ ତଥ୍ୟ ସଂଗ୍ରହ କରିବେ । ଗଣନାକାରୀ ଓ ସୁପରଭାଇଜର ମାନେ ଘରେ ଘରେ ଯାଇ ତଥ୍ୟ ସଂଗ୍ରହ କରିବେ। ପ୍ରଥମ ଥର ପାଇଁ ଡିଜିଟାଲ ଜନଗଣନା ହେବ । ରାଜ୍ୟରେ ୩୦ଟି ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଚାଲୁ ରହିବ । ୧ ଲକ୍ଷରୁ ଅଧିକ ଗଣନାକାରୀ ଓ ୧୭ ହଜାରରୁ ଅଧିକ ସୁପରଭାଇଜର ନିଯୁକ୍ତ ହେବେ । ୯୧ ଟି ଏନ୍‌ଏସି, ୪୮ଟି ମ୍ୟୁନିସିପାଲିଟି, ୫ଟି ମ୍ୟୁନିସିପାଲ୍ କର୍ପୋରେସନରେ ଗଣନା କାର୍ଯ୍ୟକ୍ରମ ଜାରି ରହିବ । ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ତଥା ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ବ୍ରାଣ୍ଡ ଆମ୍ବାସାଡର ଭାବେ ଯୋଗ ଦେଇଛନ୍ତି।

### ୫.୫୬ କୋଟି ପେନସନ ଆତ୍ମସାତ ମାମଲା

## ବ୍ୟାଙ୍କ ବ୍ରାଞ୍ଚର ହେଡ୍ ଗିରଫ

ଭଦ୍ରକ/କଟକ,୧୮।୩: ସରକାରୀ ପେନସନ୍ ଟଙ୍କାକୁ ନିଜ ପକେଟରେ ପୂରାଇ ବଡ଼ ଧରଣର ଆତ୍ମସାତ କରାଯିବା ଘଟଣା ସାମ୍ନାକୁ ଆସିଛି। ଓଡ଼ିଶାରେ ପେନସନ୍ ଟଙ୍କାରେ ହୋଇଥିବା ଅନିୟମିତତା ନେଇ ଭିଜିଲାନ୍ସ ପର୍ଦ୍ଦାଫାସ କରିଛି । ୫.୫୬ କୋଟି ଟଙ୍କାର ପେନସନ ପାଣ୍ଠି ଆତ୍ମସାତ ମାମଲାରେ ଭଦ୍ରକର ଜନା ସ୍ମଲ୍ ଫାଇନାନ୍ସ ବ୍ୟାଙ୍କର ବ୍ରାଞ୍ଚ ହେଡ୍ ମାତୃପ୍ରସାଦ ମହାନ୍ତିଙ୍କୁ ଗିରଫ କରାଯାଇଛି। ୨୦୧୮ ନଭେମ୍ବରରୁ ୨୦୨୪ ସେପ୍ଟେମ୍ବର ପର୍ଯ୍ୟନ୍ତ ପ୍ରାୟ ଛଅ ବର୍ଷ ଧରି ଚାଲିଥିବା ଏହି ଠକେଇରେ ପ୍ରାୟ ୫ କୋଟି ୫୬ ଲକ୍ଷ ଟଙ୍କା ଆତ୍ମସାତ ହୋଇଛି। ଏହି ଟଙ୍କା ଯାଜପୁର ଜିଲ୍ଲାର କୋରେଇ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟ ପାଇଁ ଉଦ୍ଦିଷ୍ଟ ପାଣ୍ଠିର ଅପବ୍ୟବହାର ସାମିଲ ଥିଲା। ଅଭିଯୁକ୍ତ ତାଙ୍କ ବାପା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମହାନ୍ତିଙ୍କ ସହ ମିଶି ବିଇଓ କାର୍ଯ୍ୟାଳୟରେ ପୁନଃନିଯୁକ୍ତି ପାଇଥିବା ଜଣାପଡ଼ିଛି। ତଦନ୍ତରୁ ଜଣାପଡ଼ିଛି ଯେ ମାତୃପ୍ରସାଦ ତାଙ୍କ ବାପା ପ୍ରଦୀପ କୁମାର ମହାନ୍ତି (ପୂର୍ବତନ ମୁଖ୍ୟଶିକ୍ଷକ) ସହ ମିଶି ଏହି ଚକ୍ରାନ୍ତ ଗଢ଼ିଥିଲେ। ପ୍ରଦୀପ ବିଇଓ କାର୍ଯ୍ୟାଳୟରେ ପୁନଃନିଯୁକ୍ତ ହୋଇ ଏଚଆରଏମଏସ ସିଷ୍ଟମ୍‌କୁ ଅବୈଧ ଭାବେ ଆକ୍ସେସ୍ କରିଥିଲେ। ମୃତ କିମ୍ବା ଅବସରପ୍ରାପ୍ତଙ୍କୁ 'ଆକ୍ଟିଭ୍' କରି ଚାଲିଥିଲା ଟଙ୍କା ଉଠା ଚାଲିଥିଲା ବୋଲି କୁହାଯାଇଛି। ଅବସରପ୍ରାପ୍ତମାନଙ୍କୁ ଚାକିରିରେ 'ସକ୍ରିୟ' ଭାବରେ ମିଥ୍ୟା ଭାବରେ ଦର୍ଶାଇବା ପାଇଁ ରେକର୍ଡ ହେରଫେର କରି, ସେ ସେମାନଙ୍କ ନାମରେ ଜାଲ୍ ମାସିକ ପେନସନ ବିଲ୍ ପ୍ରସ୍ତୁତ ଏବଂ ପ୍ରକ୍ରିୟାକରଣ କରିଥିଲେ। ୧୩ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କ ନାମରେ ଭୁଲ୍ ତଥ୍ୟ ଭରି ସେମାନଙ୍କୁ 'ସେବାରତ' ଦେଖାଯାଇଥିଲା। ପରେ ମାସିକ ପେନ୍ସନ୍ ବିଲ୍ ତିଆରି କରି ଟଙ୍କା ଉଠାଯାଇଥିଲା। ପରେ ଏହି ଟଙ୍କାକୁ ବିଭିନ୍ନ ବ୍ୟାଙ୍କ ଖାତାରେ ବିଶେଷକରି ପରିବାର ସଦସ୍ୟଙ୍କ ନାମରେ ଟ୍ରାନ୍ସଫର କରାଯାଉଥିଲା। ଓଡ଼ିଶା ଭିଜିଲାନ୍ସ କଟକ ଭିଜିଲାନ୍ସ ପିଏସ୍ କେସ୍ ନମ୍ବର ୧୧/୨୦୨୬ ଅନୁଯାୟୀ ଦୁର୍ନୀତି ନିବାରଣ ଆଇନ, ୨୦୧୮ ର ପ୍ରାସଙ୍ଗିକ ଧାରା ଏବଂ ଭାରତୀୟ ଦଣ୍ଡ ସଂହିତା (ଆଇପିସି) ର ବ୍ୟବସ୍ଥା ଅନୁଯାୟୀ ମାତୃପ୍ରସାଦ ମହାନ୍ତିଙ୍କ ବିରୋଧରେ ଏକ ମାମଲା ରୁଜୁ କରିଛି। ତାଙ୍କୁ ବୁଧବାର ଗିରଫ କରାଯାଇଛି।

## ଆର୍‌ଆଇଙ୍କୁ କାର୍ଯ୍ୟାଳୟ ଭିତରେ ପିଟିଲେ ଯୁବକ

### ଥାନା, ତହସିଲଦାରଙ୍କ ନିକଟରେ ଅଭିଯୋଗ



ଚାନ୍ଦବାଲି,୧୮।୩: କାରଣ ଯାହା ହୋଇ ଥାଉନା କାହିଁକି କାର୍ଯ୍ୟାଳୟ ଭିତରେ କାର୍ଯ୍ୟରତ ସରକାରୀ ଅଧିକାରୀଙ୍କୁ ଆକ୍ରମଣ କରିବାକୁ କୁଣ୍ଠିତ ନ ହେବା ଘଟଣା ଏଠାରେ ବିଭିନ୍ନ ମହଲରେ ଆଲୋଚ୍ୟର ବିଷୟ ହୋଇଛି । ଭଦ୍ରକ ଜିଲ୍ଲା ଚାନ୍ଦବାଲି ତହସିଲ ସାରଣା ଆର୍‌ଆଇ ତାପସ ରଞ୍ଜନ ଜେନାଙ୍କୁ ଅଫିସ୍ ଭିତରେ ପଶି ଜନୈକ ଯୁବକ ଘୋଷାଡ଼ି ଘୋଷାଡ଼ି ପିଟିଥିଲେ । ଅଫିସରେ ଆର୍‌ଆଇ କାମ କରୁଥିବାବେଳେ ମାଡ ମାରୁଥିବାର ଭିଡିଓ ସୋସିଆଲ ମିଡ଼ିଆରେ ଏବେ ଭାଇରାଲ ହେଉଛି । ସୂଚନା ଅନୁଯାୟୀ ଭୂଇଁବୃତ୍ତି ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ସୁବାସ ଦାସ ଆର୍‌ଆଇ ଜଣଙ୍କୁ ମାଡ ମାରୁଥିବା ଜଣାପଡିଛି। ଆର୍‌ଆଇ ତାପସ ରଞ୍ଜନ ଓ ସୁବାସଙ୍କ ମଧ୍ୟରେ କୌଣସି କଥାକୁ ନେଇ କଥା କଟାକଟି ହୋଇଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ ସୁବାସ ଆର୍‌ଆଇଙ୍କୁ ମାଡ ମାରିଥିଲେ ବୋଲି କୁହାଯାଇଛି। ଚାନ୍ଦବାଲି ଥାନା ଓ ତହସିଲଦାରଙ୍କ ନିକଟରେ ଆର୍‌ଆଇ ଜଣକ ଘଟଣା ନେଇ ଲିଖିତ ଅଭିଯୋଗ କରିଛନ୍ତି। ଆହତ ଆର୍‌ଆଇଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି ।ସ୍ମରଣ କରାଯାଇପାରେ ଯେ ଗତ ଫେବୃଆରୀରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ତହସିଲ ଅଧୀନ ଶ୍ରୀରାମପୁର ଆରଆଇ ସରୋଜିନୀ ଟୁଡୁଙ୍କୁ ବାଲି ମାଫିଆମାନେ ଆକ୍ରମଣ କରିଥିଲେ । ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକ । ବାଲିଆପାଳ ଥାନା ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀ ପାଳପଡ଼ାଠାରେ ବେଆଇନ ବାଲି ଉତ୍ତୋଳନ ହେଉଥିବା ଖବର ପାଇ ଆର୍‌ଆଇ ଚଢ଼ାଉ କରିଥିଲେ।


15001/9/2526



ରାଷ୍ଟ୍ରୀୟ ନବବର୍ଷ ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା

ଜୟ ଜଗନ୍ନାଥ!

ଚୈତ୍ର ଶୁକ୍ଳ ପ୍ରତିପଦା ରାଷ୍ଟ୍ରୀୟ ନବବର୍ଷ ଅବସରରେ ରାଜ୍ୟବାସୀ ଭାଇଭଉଣୀ ତଥା ସମଗ୍ର ଦେଶବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଭାରତବର୍ଷର ଐତିହାସିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରମ୍ପରାରେ ଗୁରୁତ୍ୱ ବହନ କରୁଥିବା ଏହି ଦିବସଟି ଅତ୍ୟନ୍ତ ଶୁଭ ଓ ମଙ୍ଗଳମୟ । ରାଷ୍ଟ୍ରୀୟ ନବବର୍ଷ ଆପଣମାନଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଆଣୁ ଏହା ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା ।

ବନ୍ଦେ ମାତରମ୍

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/25-26/0009


### ଏସ୍‌ସିବି ଅଗ୍ନିକାଣ୍ଡ ପ୍ରସଙ୍ଗରେ ଅଭିନବ ପ୍ରତିବାଦ

# ପ୍ରତୀକାତ୍ମକ କୋକେଇ ଶୋଭାଯାତ୍ରା



ଭୁବନେଶ୍ୱର,୧୮।୩ : ବିଧାନସଭା ବଜେଟ୍ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟର ବୁଧବାର ଥିଲା ସପ୍ତମ ଦିନ । ଆଜି ବି ପ୍ରଶ୍ନକାଳ ଚାଲିପାରିଲାନି। ଏସ୍‌ସିବି ଅଗ୍ନିକାଣ୍ଡ ଘଟଣାକୁ ନେଇ ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ନାରାବାଜି କରିବା ସହିତ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ମଧ୍ୟ ଦାବି କରିଥିଲେ। ଏନେଇ ହୋହଲ୍ଲା କରିଥିବା ଦେଖିବାକୁ ମିଳିଥିଲା। ଗତକାଲି ମଧ୍ୟ ସମାନ ପ୍ରସଙ୍ଗ ଉଠିଥିବାରୁ ଗୃହକୁ ବାରମ୍ବାର ମୁଲତବି କରାଯାଇଥିଲା। ଏହି ପ୍ରସଙ୍ଗ ନେଇ ବୁଧବାର କୋକେଇ ଉଠିବା ବେଳେ ଖଇ କଉଡି ପଡ଼ିବା, 'ରାମ ନାମ ସତ୍ୟ ହେ' ଧ୍ୱନିରେ ବିଧାନସଭା ପରିସର କମ୍ପିବା ଘଟଣା ଭିନ୍ନ ଧରଣର ପ୍ରତିବାଦ ସାଜିଛି। ଏସ୍‌ସିବି ଅଗ୍ନିକାଣ୍ଡକୁ ନେଇ ବିଜେଡି ସଦସ୍ୟମାନେ ପ୍ରତୀକାତ୍ମକ ଭାବରେ କୋକେଇ କରି ବିରାଟ ଶୋଭାଯାତ୍ରା କରିଥିଲେ,ଯେଉଁଥିରେ କଂଗ୍ରେସ ସଦସ୍ୟମାନେ ବି ସାଥ୍ ଦେଇଥିଲେ। ବିଧାନସଭା ଆରମ୍ଭରୁ ବିରୋଧୀଙ୍କ ନାରାବାଜି ଆରମ୍ଭ ହୋଇଥିଲା । ଏହି କାରଣରୁ ସାଢ଼େ ୧୧ଟା ଯାଏଁ ଗୃହକୁ ମୁଲତବୀ ଘୋଷଣା କରିଥିଲେ ବାଚସ୍ପତି ସୁରମା ପାଢ଼ୀ। ବିରୋଧୀଙ୍କ ପ୍ରବଳ ନାରାବାଜି ଦେଖିବାକୁ ମିଳିଥିଲା ।



# ନବରାତ୍ରୀରେ ଶକ୍ତି ସ୍ୱରୂପିଣୀ

ଭାରତୀୟ ସଂସ୍କୃତି ଓ ହିନ୍ଦୁ ଧର୍ମଶାସ୍ତ୍ରରେ 'ହିନ୍ଦୁ ନବବର୍ଷ' ରହିଛି ଅନେକ ଗୁରୁତ୍ୱ। ଯାହା ମନୁଷ୍ୟକୃତ ନୁହେଁ ତାହା ଦୈବକୃତ। ତେଣୁ ପୁରାଣରେ ଉଲ୍ଲେଖ ରହିଛି: ଚୈତ୍ରେ ମାସି ଜଗଦ୍ବ୍ରହ୍ମା ସସର୍ଜ ପ୍ରଥମେଽହନି। ଶୁକ୍ଳପକ୍ଷେ ସମଗ୍ରେ ତୁ ତଦା ସୂର୍ଯ୍ୟୋଦୟେ ସତି । ଅର୍ଥାତ୍ ଚୈତ୍ର ମାସର ଶୁକ୍ଳ ପକ୍ଷର ପ୍ରଥମ ଦିନ (ପ୍ରତିପଦା) ସୂର୍ଯ୍ୟୋଦୟ ସମୟରେ ବ୍ରହ୍ମା ଏହି ସୃଷ୍ଟିର ସୃଜନ କରିଥିଲେ। ତେଣୁ ଏହାକୁ 'ବ୍ରହ୍ମ ସାମ୍ବତ୍ସର' ମଧ୍ୟ କୁହାଯାଏ। ଏହି ଦିନ ଠାରୁ ବାସନ୍ତିକ ନବରାତ୍ରୀ ମଧ୍ୟ ଆରମ୍ଭ ହୋଇଥାଏ, ଯାହା ନଅ ଦିନ ବ୍ୟାପୀ ଶକ୍ତି ସ୍ୱରୂପିଣୀ ମା' ଦୁର୍ଗାଙ୍କୁ ପୂଜା କରାଯାଏ ।

ନବରାତ୍ରୀର ଶାବ୍ଦିକ ଅର୍ଥ ହେଉଛି ନଅ ଗୋଟି ରାତ୍ରୀ। ଏହି ନବରାତ୍ରୀ ହିନ୍ଦୁମାନଙ୍କ ଏକ ବିଶେଷ ପର୍ବ ଅଟେ। ସାଧାରଣତଃ ଆମ ସଂସ୍କୃତିରେ ଚାରୋଟି ନବରାତ୍ରୀ ପାଳନ କରାଯାଏ, ଯଥା: ଆଶ୍ୱିନରେ ଶାରଦୀୟ, ଚୈତ୍ରରେ ବାସନ୍ତିକ, ଆଷାଢ଼ ଓ ମାଘ ମାସରେ ଗୁପ୍ତ ନବରାତ୍ରୀ। ଏ ସମୟରେ ଦେବୀ ଦୁର୍ଗା ସପ୍ତାହର ବାର ଅନୁଯାୟୀ ବିବିଧ ବାହନ ମଧ୍ୟରୁ ଗୋଟିଏ ବାହନ ଉପରେ ଉପବେଶନ କରି, ଚୈତ୍ର ପ୍ରତିପଦାରେ ଧରା ପୃଷ୍ଠକୁ ଅବତରଣ କରିଥାନ୍ତି। ଯା'ର ଶାସ୍ତ୍ରୀୟ ମାନ୍ୟତା ଏବଂ ମହତ୍ତ୍ୱ ମଧ୍ୟ ରହିଛି। ଯଦି ଏହି ଦିନ ରବିବାର କିମ୍ବା ସୋମବାର ହୁଏ ତେବେ ମା' ହାତୀ ଉପରେ ଆସିଥାନ୍ତି। ସେପରି ଶନିବାର କିମ୍ବା ମଙ୍ଗଳବାର ପଡ଼େ ତା'ହେଲେ ଘୋଡ଼ା ଉପରେ ଆଗମନ କରନ୍ତି। ଯଦି ଗୁରୁବାର ବା ଶୁକ୍ରବାର ହୁଏ ତେବେ ପାଲିଙ୍କିରେ ଉପବେଶନ କରି ଆସନ୍ତି ଏବଂ ଯଦି ବୁଧବାର ହୁଏ ତେବେ ଡଙ୍ଗାରେ ବସି ଆସିଥାନ୍ତି। ଏହି ବାହାନକୁ ଆଧାର କରି ଶାସ୍ତ୍ରକାରମାନେ ଜଗତବାସୀଙ୍କ ନିମନ୍ତେ ବିବିଧ ଫଳ ନିର୍ଣ୍ଣୟ କରିଥାନ୍ତି।

ବାସନ୍ତିକ ନବରାତ୍ରୀ ସମୟରେ ବସନ୍ତ ଋତୁର ଆଗମନ ସହିତ ପ୍ରକୃତି ସୁସଜ୍ଜିତ ହୋଇଥାଏ। ଗଛଲତାରେ ନୂତନ ପତ୍ର ପଲ୍ଲବିତ ହେବା ସହ ପୁଷ୍ପର ସୁଗନ୍ଧରେ ଚତୁର୍ଦ୍ଦିଗ ମହକି ଉଠେ। ଶୀତର ବିଦାୟ ଓ ଗ୍ରୀଷ୍ମର ଆଗମନ ସମୟରେ ପ୍ରକୃତି ଏକ ସକାରାତ୍ମକ ପରିବର୍ତ୍ତନ ଦେଇ ଗତି କରିଥାଏ, ଯାହା ମନୁଷ୍ୟର ମନରେ ନୂତନ ଶକ୍ତି , ଉତ୍ସାହ ଓ ଭକ୍ତିଭାବ ଭରିଦିଏ। ତେଣୁ ଭକ୍ତମାନେ ମା' ଦୁର୍ଗାଙ୍କୁ ଚୈତ୍ର ଶୁକ୍ଳପକ୍ଷ ପ୍ରତିପଦା ଠାରୁ ଶୁକ୍ଳ ନବମୀ ପର୍ଯ୍ୟନ୍ତ ନବଦୁର୍ଗା ସ୍ୱରୂପାରେ ଆରାଧନା କରିଥାନ୍ତି। ସେହି ସେହି ସ୍ୱରୂପାମାନଙ୍କୁ ଶାସ୍ତ୍ରରେ ଏପରି କୁହାଯାଇଛି - ଓଁ ପ୍ରଥମଂ ଶୈଳପୁତ୍ରୀ ଚ ଦ୍ୱିତୀୟଂ ବ୍ରହ୍ମଚାରିଣୀ । ତୃତୀୟଂ ଚନ୍ଦ୍ରଘଣ୍ଟେତି କୁଷ୍ମାଣ୍ଡେତି ଚତୁର୍ଥକମ୍ ପଞ୍ଚମଂ ସ୍କନ୍ଦମାତେତି ଷଷ୍ଠଂ କାତ୍ୟାୟନୀତି ଚ । ସପ୍ତମଂ କାଳରାତ୍ରୀତି ମହାଗୌରୀତି ଚାଷ୍ଟମମ୍ ନବମଂ ସିଦ୍ଧିଦାତ୍ରୀ ଚ ନବଦୁର୍ଗାଃ ପ୍ରକୀର୍ତ୍ତିତାଃ । ଉକ୍ତାନ୍ୟେତାନି ନାମାନି ବ୍ରହ୍ମଣୈବ ମହାତ୍ମନା ? ଅର୍ଥାତ୍ ପ୍ରଥମ ଦିନ ସେ ଶୈଳପୁତ୍ରୀ, ଦ୍ୱିତୀୟ ଦିନ ବ୍ରହ୍ମଚାରିଣୀ, ତୃତୀୟ ଦିନ ଚନ୍ଦ୍ରଘଣ୍ଟା, ଚତୁର୍ଥ ଦିନ କୁଷ୍ମାଣ୍ଡା, ପଞ୍ଚମ ଦିନ ସ୍କନ୍ଦମାତା, ଷଷ୍ଠ ଦିନ କାତ୍ୟାୟନୀ, ସପ୍ତମ ଦିନ କାଳରାତ୍ରୀ, ଅଷ୍ଟମ ଦିନ ମହାଗୌରୀ ଓ ନବମ ଦିନ ସିଦ୍ଧିଦାତ୍ରୀ ଭାବରେ ପୂଜିତା ହୁଅନ୍ତି। ବିଶ୍ୱାସ ରହିଛି ଯେ, ଏ ନବରାତ୍ରୀ କାଳରେ ଯେ ଭାବ ଭକ୍ତିସହ ନବଦୁର୍ଗାଙ୍କ ଆରାଧନା କରେ, ସେ ଇହ କାଳରେ ଐଶ୍ୱର୍ଯ୍ୟ ଓ ପର କାଳରେ ମୁକ୍ତି ପାଇଥାଏ।

**ଭାରତୀୟ ସଂସ୍କୃତି ଓ ହିନ୍ଦୁ ଧର୍ମଶାସ୍ତ୍ର ଅନୁଯାୟୀ ବର୍ଷ ପ୍ରତିପଦାକୁ 'ହିନ୍ଦୁ ନବବର୍ଷ' ଭାବେ ପାଳନ କରାଯାଏ। ଯାହା ମନୁଷ୍ୟକୃତ ନୁହେଁ ତାହା ଦୈବକୃତ। ତେଣୁ ପୁରାଣରେ ଉଲ୍ଲେଖ ରହିଛି: ଚୈତ୍ରେ ମାସି ଜଗଦ୍ବ୍ରହ୍ମା ସସର୍ଜ ପ୍ରଥମେଽହନି। ଶୁକ୍ଳପକ୍ଷେ ସମଗ୍ରେ ତୁ ତଦା ସୂର୍ଯ୍ୟୋଦୟେ ସତି । ଅର୍ଥାତ୍ ଚୈତ୍ର ମାସର ଶୁକ୍ଳ ପକ୍ଷର ପ୍ରଥମ ଦିନ (ପ୍ରତିପଦା) ସୂର୍ଯ୍ୟୋଦୟ ସମୟରେ ବ୍ରହ୍ମା ଏହି ସୃଷ୍ଟିର ସୃଜନ କରିଥିଲେ। ତେଣୁ ଏହାକୁ 'ବ୍ରହ୍ମ ସାମ୍ବତ୍ସର' ମଧ୍ୟ କୁହାଯାଏ। ଏହି ଦିନ ଠାରୁ ବାସନ୍ତିକ ନବରାତ୍ରୀ ମଧ୍ୟ ଆରମ୍ଭ ହୋଇଥାଏ, ଯାହା ନଅ ଦିନ ବ୍ୟାପୀ ଶକ୍ତି ସ୍ୱରୂପିଣୀ ମା' ଦୁର୍ଗାଙ୍କୁ ପୂଜା କରାଯାଏ ।**

-ହେମନ୍ତ କୁମାର ଗନ୍ତାୟତ
ମୋ:୯୮୬୧୩୩୪୮୬୮







# ଭକ୍ତ, ଭକ୍ତି ଏବଂ ଭଗବାନ

ବିଶ୍ୱ ବ୍ରହ୍ମାଣ୍ଡରେ ଅସଂଖ୍ୟ ଜୀବ, ଜୀବାଣୁ ଅଛନ୍ତି। ଗଛଲତା, ପାହାଡ ପର୍ବତ ,ଗ୍ରହ ,ନକ୍ଷତ୍ର ରହିଛି। ଦିନ ରାତି ହେଉଛି। ଋତୁ ପରିବର୍ତ୍ତନ ହେଉଛି। ପବନ ବହୁଛି। ନିଆଁ ଜଳୁଛି , ପାଣି ବର୍ଷା ହେଉଛି। ଘଡଘଡି ହେଉଛି , ବିଜୁଳି ଚମକୁଛି । ସମୁଦ୍ର ଯେଉଁଠି ଅଛି ସେଠି ହିଁ ରହିଛି। ପ୍ରତ୍ୟେକ ଜୀବଜନ୍ତୁଙ୍କୁ ଭୋକ ହେଉଛି ,ପୁଣି ଖାଦ୍ୟ ମିଳୁଛି। ନିଦ ଆସୁଛି। ଜନ୍ମ ହେଉଛନ୍ତି ପୁଣି ମୃତ୍ୟୁ ଗ୍ରହଣ କରୁଛନ୍ତି। ଏତେ ସବୁ କେମିତି ହେଉଛି ।ଏହା ଏକ ଯୁକ୍ତିଯୁକ୍ତ ବିଷୟ। ବିଶ୍ଲେଷଣ କରି କରି ଅନେକ ବିଜ୍ଞ ଏବଂ ବୈଜ୍ଞାନିକ ଚାଲିଗଲେଣି କିନ୍ତୁ ନିର୍ଯାସ କିଛି ପାଇ ନାହାନ୍ତି। ଏମିତି ଏକ ଅଦ୍ଭୁତ ସୃଷ୍ଟି ସପକ୍ଷରେ ଏବଂ ବିପକ୍ଷରେ ମତାନ୍ତର ଏବଂ ମନାନ୍ତର ଭିତରେ ସମସ୍ତ ମଣିଷ ସମାଜ ଦୁଇ ଶ୍ରେଣୀରେ ଆଜି ବିଭକ୍ତ ହୋଇ ସାରିଛନ୍ତି । ପ୍ରଥମ ଶ୍ରେଣୀ ଆସ୍ତିକ ଏବଂ ଦ୍ୱିତୀୟ ହେଉଛନ୍ତି ନାସ୍ତିକ । ଯାହାକୁ ବର୍ତ୍ତମାନ ହେତୁବାଦୀ ରୂପରେ ଆଖ୍ୟା ଦିଆଯାଇଛି। ଯେଉଁ ମାନେ କି ଗ୍ରହ ନକ୍ଷତ୍ର ,ତିଥି ବାର,ଚନ୍ଦ୍ର ଗ୍ରହଣ ,ସୂର୍ଯ୍ୟ ପରାଗ ଏବଂ ଅମାବାସ୍ୟା ସଂକ୍ରାନ୍ତି କିଛି ମାନନ୍ତି ନାହିଁ। ପରୋକ୍ଷରେ ଭଗବାନଙ୍କ ଅସ୍ତିତ୍ୱକୁ ଅଗ୍ରାହ୍ୟ କରନ୍ତି। ସେମାନଙ୍କ ମତରେ ସୃଷ୍ଟି ନିଜେ ନିଜେ ଆରମ୍ଭ ହୋଇଛି। ସେମାନଙ୍କ ପ୍ରଶ୍ନ ଅଣ୍ଡା ପ୍ରଥମେ ନା କୁକୁଡ଼ା ? ବୃକ୍ଷ ଆଗେ ନା ମଞ୍ଜି ? ମାଛ ପ୍ରଥମେ ନା ବିହନ ? ଏହି ସବୁ ପ୍ରଶ୍ନର ଉତ୍ତର ଖୋଜି ଖୋଜି କୁହନ୍ତି ଦୁଇଟି ଏକା ସାଙ୍ଗରେ। ଅନେକ କିନ୍ତୁ ସେମାନଙ୍କ ଯୁକ୍ତିକୁ ଗ୍ରହଣ ନ କରି ସୃଷ୍ଟି ମୂଳରେ କିଛି ଶକ୍ତି ନିଶ୍ଚିତ ରହିଛି ବୋଲି ଗ୍ରହଣ କରିଛନ୍ତି।

ଯେଉଁ ମାନେ କିଛି ଅସ୍ତିତ୍ୱକୁ ମାନୁଛନ୍ତି ସେମାନେ ହେଉଛନ୍ତି ଭକ୍ତ। ଦୃଶ୍ୟବାନ ଶକ୍ତି ହେଉ କିମ୍ବା ଅଦୃଶ୍ୟ ଶକ୍ତି ହେଉ ଯାହାଙ୍କ ପ୍ରତି ଅତୁଟ ଅନନ୍ୟ ପ୍ରେମ ,ବିଶ୍ୱାସ ଏବଂ ସମର୍ପଣ ଭାବ ରଖୁଥିବା ମଣିଷ ହିଁ ଭକ୍ତ । ସେମାନେ ସମସ୍ତେ ଚରାଚର ବିଶ୍ୱର ସମସ୍ତ ଜୀବଜନ୍ତୁ, ପଦାର୍ଥ ,ଜଡ ନିକଟରେ ଏକ ଆତ୍ମାକୁ ଦେଖି ଥାଆନ୍ତି। ଦୟା ,ଧର୍ମ, ପାପ-ପୁଣ୍ୟରେ ବିଶ୍ୱାସ କରନ୍ତି। ଭାଗ୍ୟ ଏବଂ ଭଗବାନଙ୍କ ଉପରେ ନିର୍ଭର କରନ୍ତି। ସମସ୍ତ ବିଘ୍ନକୁ ଭଗବାନଙ୍କ ଅବଦାନ ବୋଲି ଭାବନ୍ତି। କୌଣସି ପରିସ୍ଥିତିରେ ମଧ୍ୟ ଭଗବାନଙ୍କୁ ଭୁଲନ୍ତି ନାହିଁ। ଭକ୍ତମାନଙ୍କ ମଧ୍ୟରେ ପ୍ରହଲ୍ଲାଦ,ନାରଦ ,ଏବଂ ହନୁମାନ ଶ୍ରେଷ୍ଠ ଭକ୍ତ। ପ୍ରହଲ୍ଲାଦଙ୍କୁ ନିଜ ପିତା ବାରମ୍ବାର ବିଭିନ୍ନ ଧମକ ଚମକ ଦେଇ ଭଗବାନ ଶ୍ରୀହରିଙ୍କ ନାମ ନ ନେବାକୁ କହିବା ପରେ ମଧ୍ୟ ପ୍ରହଲ୍ଲାଦ ଭଗବାନଙ୍କ ବିଶ୍ୱାସରେ ରହିଲେ। ସର୍ପାଘାତ,ହାତୀ ପାଦ ଏବଂ ନିଆଁ କୁଣ୍ଡରେ ନିକ୍ଷେପ କରିବା ପରେ ମଧ୍ୟ ନିଜ ବିଶ୍ୱାସ ଅଟଳ ରହିଥିଲେ। ଅର୍ଥାତ୍ ପ୍ରହଲ୍ଲାଦ ପାଇଁ ସଂସାରରେ ଗୋଟିଏ ହିଁ ଠାକୁର।

ଭକ୍ତି ହେଉଛି ଭକ୍ତର ଭଗବାନଙ୍କୁ ସ୍ମରଣ କରିବା ମାର୍ଗ। ଭକ୍ତି କିନ୍ତୁ ସବୁବେଳେ ନିଷ୍କାମ ହେବା ଉଚିତ। ଭକ୍ତି ମୂଳରେ ଯଦି କାମନା ,ବାସନା ରହିଲା ତେବେ ତାହାକୁ ଭକ୍ତି କୁହାଯିବ ନାହିଁ। ଶାସ୍ତ୍ର ପୁରାଣରେ 'ନବଧା ଭକ୍ତି' ବିଷୟରେ ଉଲ୍ଲେଖ ଅଛି। ଶ୍ରବଣ,କୀର୍ତ୍ତନ,ଅର୍ଚ୍ଚନ, ବନ୍ଦନ, ପାଦ ଦର୍ଶନ,ସ୍ମରଣ, ଦାସ୍ୟ, ସଖ୍ୟ ଏବଂ ଆତ୍ମନିବେଦନ ମାର୍ଗରେ ଭକ୍ତି କରି ପାରିବ। ଏହି ନବଧା ଭକ୍ତି ମଧ୍ୟରୁ ସ୍ମରଣ ହିଁ ଶ୍ରେଷ୍ଠ ଭକ୍ତ କୁହାଯାଇପାରେ। କାରଣ ଜଣେ ମୂକ କୀର୍ତ୍ତନ କରି ପାରିବ ନାହିଁ ।ଜଣେ ବଧିର ଶ୍ରବଣ କରି ପାରିବ ନାହିଁ। ଜଣେ ପଙ୍ଗୁ ମନ୍ଦିର ପହଞ୍ଚି ଅର୍ଚ୍ଚନ କରି ପାରିବ ନାହିଁ। କାୟା ଅପବିତ୍ର ସମୟରେ ମଧ୍ୟ କୀର୍ତ୍ତନ , ପାଦ ସେବନ ପରି ଭକ୍ତି ସମ୍ଭବ ନୁହଁ। ଅତଏବ ଜଣେ ଭକ୍ତ ପ୍ରତ୍ୟେକ ସମୟରେ ସ୍ମରଣ କରି ପାରିବ । ଶ୍ରଦ୍ଧା ଭକ୍ତି ହେଉଛି ଶ୍ରବଣ । ଜ୍ଞାନମିଶ୍ର ଭକ୍ତି ହେଉଛି ଯନ୍ତ୍ର,ମନ୍ତ୍ର,ତନ୍ତ୍ର,ସମାଧି, । ଯେ କୌଣସି ଭକ୍ତ ଆପଣା ଇଚ୍ଛା ଅନୁଯାୟୀ ଭକ୍ତି କରି ପାରିବେ। କର୍ମ ହେଉଛି ଧର୍ମ। ଉଚିତ କର୍ମ ହେଉଛି ଭଗବାନ। ଆସ୍ତିକ ହୁଏ କି ନାସ୍ତିକ ,ସମସ୍ତେ ମାନବ କର୍ମ କରିବା ଉଚିତ। କୁହାଯାଏ ଏଠାରେ ଅଛି ସେଠାରେ ନାହିଁ ।ସେଠାରେ ଅଛି ଏଠାରେ ନାହିଁ ।ଏଠାରେ ନାହିଁ କି ସେଠାରେ ନାହିଁ ।ସେଠାରେ ଅଛି ଏବଂ ଏଠାରେ ଅଛି। ଅର୍ଥାତ୍ ଯିଏ ଉଚିତ୍ କର୍ମ କରୁଛି ସେ ଏଠାରେ ଶାନ୍ତି ପାଉଛି ଏବଂ ମୃତ୍ୟୁ ପରେ ମଧ୍ୟ ସେଠାରେ ଶାନ୍ତି ପାଇବ।

**- ଜଗନ୍ନାଥ ବେହେରା,** ମୋ - ୯୪୩୭୭୮୫୧୫୮

## ଶରୀର ପାଇଁ ଅମୃତ ବେଲପତ୍ର

# ପ୍ରତିଦିନ ଖାଇଲେ ୫ ସମସ୍ୟା ହେବ ଦୂର



ସନାତନ ଧର୍ମରେ ବେଲପତ୍ରକୁ ଦେବାଧିଦେବ ମହାଦେବଙ୍କ ଅତି ପ୍ରିୟ ବୋଲି କୁହାଯାଏ । ତେଣୁ ପ୍ରତି ସୋମବାର, ସଂକ୍ରାନ୍ତି କିମ୍ବା ମହାଶିବରାତ୍ରି ଅବସରରେ ବେଲପତ୍ରକୁ ଆଗ ଖୋଜା ପଡ଼େ । ସାଧାରଣତଃ ବେଲପତ୍ର ପୂଜା,ପର୍ବରେ ବ୍ୟବହାର କରାଯାଏ କିନ୍ତୁ ଏହି ପତ୍ର ଅନେକ ରୋଗ ପାଇଁ ବି ରାମବାଣ ପରି କାମ କରେ । ଆୟୁର୍ବେଦ ଅନୁସାରେ , ପ୍ରତିଦିନ ସକାଳୁ ଖାଲି ପେଟରେ ୨ ରୁ ୩ ଟି ବେଲପତ୍ର ଚୋବାଇ ଖାଇଲେ ପେଟ ସମ୍ବନ୍ଧୀୟ ରୋଗ ଦୂର ହୁଏ । ଶରୀରରେ ଡିଟକ୍ସ , ହଜମ,ଡାଏବେଟିସ୍ ଏବଂ ଇମ୍ୟୁନିଟି ବୁଷ୍ଟର୍ ଭଳି କାମ କରେ ବେଲପତ୍ର । ପୋଷକ ତତ୍ତ୍ୱରେ ଭରପୂର ଏହି ପତ୍ରରେ ଭିଟାମିନ୍ ଏ,ସି,ବି ଏବଂ ବି୬ ଭରପୂର ମାତ୍ରାରେ ଥାଏ । ପ୍ରତିଦିନ ସକାଳୁ ବେଲପତ୍ର ଚୋବାଇ ଖାଇଲେ ଶରୀରକୁ ଅନେକ ତତ୍ତ୍ୱ ପେଟ ସଫା ରଖିବାରେ ସାହାଯ୍ୟ କରେ । କୋଷ୍ଠକାଠିନ୍ୟ,ଏସିଡିଟି ଏବଂ ଗ୍ୟାସ୍ ପାଇଁ ବେଲପତ୍ର ମହୌଷଧି ସମାନ । ଏଥିରେ ଥିବା ହାଇପୋଗ୍ଲାଇସେମିକ୍ ଗୁଣ ଶରୀରରେ ବ୍ଲଡ୍ ସୁଗାର୍ ସ୍ତରକୁ କଣ୍ଟ୍ରୋଲ୍ କରିବାରେ ସହାୟକ ହୁଏ । ପ୍ରତିଦିନ ବେଲପତ୍ର ଖାଇବା ଦ୍ୱାରା ଶରୀରରେ ଇନସୁଲିନ୍ କ୍ଷମତା ଉନ୍ନତ ହୁଏ ଏବଂ ବ୍ଲଡ୍ ଗ୍ଲୁକୋଜ ସ୍ତର କାବୁରେ ରୁହେ । ଏଥିରେ ଥିବା ପୋଟାସିୟମ ଏବଂ ଫାଇଟୋକେମିକାଲ୍ ରକ୍ତ ସଞ୍ଚାଳନକୁ ସନ୍ତୁଳିତ ରଖିଥାଏ । ଷ୍ଟ୍ରେସ୍ ହରମୋନ୍ ବା କାର୍ଟିସୋଲକୁ କମାଇ ହୃତପିଣ୍ଡର କାର୍ଯ୍ୟକ୍ଷମତାକୁ ଏହା ଉନ୍ନତ କରିଥାଏ । ଏହା କୋଲେଷ୍ଟ୍ରୋଲକୁ କମ୍ କରି ହୃଦୟ ସୁସ୍ଥ ରଖିବାରେ ସାହାଯ୍ୟ କରେ । ଯାହାଦ୍ୱାରା ହୃଦୟ ସମ୍ବନ୍ଧୀୟ ରୋଗର ବିପଦ କମ୍ ହୁଏ । ପ୍ରତିଦିନ ବେଲପତ୍ର ଖାଇବା ଦ୍ୱାରା



ଉପକାର ମିଳିବା ସହ ନାନାଦି ରୋଗରୁ ମୁକ୍ତି ମଧ୍ୟ ମିଳେ । ପୂର୍ବରୁ ବାପା , ଜେଜେବାପା ବାରି,ବଗିଚାକୁ ଗଲେ ବେଲ ପତ୍ର ତୋଳି ଆଣୁଥିଲେ । ବେଳେ ବେଳେ ପୂଜା ପାଇଁ ତ ଆଉ କେତେବେଳେ ଚୋବାଇ ଖାଇବା ପାଇଁ । ବର୍ତ୍ତମାନ ପ୍ରତିଟି ରୋଗ ପାଇଁ ଔଷଧ ମିଳୁଥିଲେ ହେଁ ଗାଁ ମାନଙ୍କରେ ଆଜି ବି ପାଚନ ପ୍ରକ୍ରିୟାରେ ଅସୁବିଧା ହେଲେ ବେଲପତ୍ରକୁ ଚୋବାଇ ଖିଆଯାଏ । ପେଟ ସମ୍ବନ୍ଧୀୟ ଅନେକ ସମସ୍ୟା ପାଇଁ ବେଲପତ୍ରକୁ ହିତକାରୀ ବୋଲି କୁହାଯାଇଛି । ପ୍ରତିଦିନ ସକାଳୁ ବେଲପତ୍ର ଖାଇଲେ ପେଟ ସଫା ହୁଏ ଏବଂ ପାଚନକ୍ରିୟା ମଜବୁତ ହୁଏ । ଏଥିରେ ଥିବା ତନ୍ତୁ(ଫାଇବର) ଏବଂ ଡିଟକ୍ସିଫାଇଙ୍ଗ୍ ଶରୀରରେ ଏନର୍ଜି ବୃଦ୍ଧି ହୁଏ । ଏହା ଲିଭରକୁ ଡିଟକ୍ସ କରି ଶରୀରରେ ବିପାକ କ୍ରିୟାକୁ ବୃଦ୍ଧି କରେ । କେବଳ ପତ୍ର ନୁହେଁ ବେଲ ଖାଇଲେ ମଧ୍ୟ ଶରୀରକୁ ଅନେକ ଫାଇଦା ମିଳିଥାଏ । ଏଥିରେ ଥିବା ଆଣ୍ଟି-ଅକ୍ସିଡେଣ୍ଟ୍ସ ଭାଇରାଲ୍ ଇନଫେକ୍ସନ,କାଶ,ଛିଙ୍କ ଏବଂ ଋତୁକାଳୀନ ଜ୍ୱରକୁ ଭଲ କରିବାର ସାମର୍ଥ୍ୟ ରଖେ । ବେଲ ପତ୍ରକୁ ଶୁଖାଇ ଏହାର ପାଉଡର ପ୍ରସ୍ତୁତ କରି ଆପଣ ଅନେକ ଦିନ ପର୍ଯ୍ୟନ୍ତ ସଂରକ୍ଷିତ ରଖିପାରିବେ । ଗରମ ଦିନରେ ଏହାକୁ ଦହି କିମ୍ବା ଘୋଳ ଦହି ସହ ମିଶାଇ ଖାଇଲେ ଶରୀର ଥଣ୍ଡା ରୁହେ । ଏହା ଅମ୍ଳ ବା ଏସିଡିଟି କମ୍ କରିବା ସହ ପେଟ ଜଳାପୋଡ଼ା , ଭାରିପଣ ସମସ୍ୟା ଦୂର କରିବାରେ ସାହାଯ୍ୟ କରେ ।

# ଦୀର୍ଘାୟୁ ହେବାର ସହଜ ମନ୍ତ୍ର

## ସପ୍ତାହକୁ ମାତ୍ର ୧୫୦ ମିନିଟ୍ ବ୍ୟାୟାମ

## ବଦଳାଇ ଦେବ ଆପଣଙ୍କ ଜୀବନ !

ଗବେଷଣାରୁ ଏକ ଆଶାଜନକ ତଥ୍ୟ ମିଳିଛି ଯେ ସୁସ୍ଥ ଜୀବନ ପାଇଁ ସପ୍ତାହକୁ ମାତ୍ର ୧୫୦ ମିନିଟର ବ୍ୟାୟାମ ଯଥେଷ୍ଟ । ଲମ୍ବା ଜୀବନ ପାଇଁ କଠିନ ପରିଶ୍ରମ ନୁହେଁ ବରଂ ନିୟମିତ ଅଳ୍ପ ସମୟର ବ୍ୟାୟାମ ଦରକାର । ଆମେରିକାନ୍ ମେଡିକାଲ ଆସେସିଏସନ୍ ଦ୍ୱାରା ପ୍ରକାଶିତ ଏକ ବୃହତ ଅଧ୍ୟୟନରୁ ଜଣାପଡ଼ିଛି ଯେ ଯଦି କେହି ବ୍ୟକ୍ତି ସପ୍ତାହକରେ ୧୫୦ ମିନିଟ ବ୍ୟାୟାମ କିମ୍ବା ସେହି ଧରଣର କିଛି ଶାରୀରିକ ପରିଶ୍ରମ କରନ୍ତି ତେବେ ଅକାଳ ମୃତ୍ୟୁର ଆଶଙ୍କା କମିଯାଏ । ବିଷେଷକରି ଯେଉଁମାନେ ଆଦୌ ବ୍ୟାୟାମ କରୁନାହାନ୍ତି, ସେମାନଙ୍କ ତୁଳନାରେ ବ୍ୟାୟାମ କରୁଥିବା ବ୍ୟକ୍ତି ଅଧିକ ସୁସ୍ଥ ରହୁଥିବାର ଜଣାପଡିଛି । ପ୍ରଶ୍ନ ଉଠେ, କେତେ ସମୟର ବ୍ୟାୟାମ ଆବଶ୍ୟକ ଏବଂ କଣ କଣ କରିପାରିବା ? ଏକ ଅଧ୍ୟୟନ ଅନୁଯାୟୀ, ଦୈନିକ ପ୍ରାୟ ୩୦ ମିନିଟ୍ କରି ସପ୍ତାହକୁ ୫ ଦିନ ବ୍ୟାୟାମ କରିବା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ଏଥିପାଇଁ ଚାରୋଟି ସହଜ ଉପାୟ ଆପଣାଇ ପାରିବେ । ଦ୍ରୁତ ଗତିରେ ଚାଲିବା ଏମିତି ଚାଲନ୍ତୁ ଯେପରି ଆପଣଙ୍କ ହୃଦସ୍ପନ୍ଦନ ବଢ଼ିବ ଏବଂ ଝାଳ ବାହାରିବ, କିନ୍ତୁ ଆପଣ କଥା ହୋଇପାରୁଥିବେ । ଘଣ୍ଟାକୁ ପ୍ରାୟ ୫-୬ କିଲୋମିଟର ବେଗରେ ଚାଲିବା ଉଚିତ। ଆଉ ମଧ୍ୟ ଆପଣ ସାଇକେଲ ଚଲାଇ ପାରିବେ । ବାହାରେ କିମ୍ବା ଘରେ ଷ୍ଟେସନାରୀ(ସ୍ଥିର) ସାଇକେଲ୍ ସାହାଯ୍ୟରେ ସ୍ଥିର ଗତିରେ ସାଇକେଲ ଚଲାନ୍ତୁ ଏହା ମଧ୍ୟ ଆପଣଙ୍କୁ ସୁସ୍ଥ ରଖିବ। ଅନ୍ତତଃପକ୍ଷେ ୨୦-୩୦ ମିନିଟ୍ ପହଁରିବା ଦ୍ୱାରା ଶରୀରର ସମସ୍ତ ମାଂସପେଶୀ ସକ୍ରିୟ ରହେ । ଅନ୍ୟତମ ଉପାୟ ହେଉଛି ନୃତ୍ୟ ଜୁମ୍ବା, ସାଲସା କିମ୍ବା ମନପସନ୍ଦର ସଙ୍ଗୀତରେ ୩୦ ମିନିଟ୍ ନୃତ୍ୟ କରି ମଧ୍ୟ ନିଜକୁ ଫିଟ୍ ରଖିହେବ ।ଅଧିକ ପରିଶ୍ରମ, ଅଧିକ ଫାଇଦା ଦେଇଥାଏ ।



ଗବେଷଣାରୁ ଏହା ମଧ୍ୟ ଜଣାପଡିଛି ଯେ, ଯେଉଁମାନେ ସପ୍ତାହକୁ ୩୦୦ ରୁ ୬୦୦ ମିନିଟ୍ ବ୍ୟାୟାମ କରୁଛନ୍ତି, ସେମାନଙ୍କ କ୍ଷେତ୍ରରେ ମୃତ୍ୟୁ ଆଶଙ୍କା ୨୬-୩୧% ପର୍ଯ୍ୟନ୍ତ କମ୍ ରହୁଛି। ପୂର୍ବରୁ ବ୍ୟାୟାମ କରୁନଥିବା ବ୍ୟକ୍ତି ଯଦି ଏବେ ମଧ୍ୟ ନିଜ ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତି, ତେବେ ସେମାନେ ମଧ୍ୟ ଏହାର ସୁଫଳ ପାଇପାରିବେ ।

CMYK



# ପିପିଲି ବ୍ଲକରେ ପାନୀୟ ଜଳ ସୁଧୁରିବାର ନାଁ ଧରୁନି !

## ଟାଙ୍କି ଅଛି ପାଣି ଆସୁନି, ନିଘା ନାହିଁ ଯନ୍ତ୍ରୀ ଅବା ଠିକାଦାରଙ୍କ

ପିପିଲି,(ନିପ୍ର): ଗ୍ରାମାଞ୍ଚଳଗୁଡ଼ିକରେ ପାନୀୟ ଜଳ ଯୋଗାଇ ଦେବା କ୍ଷେତ୍ରରେ ସରକାର ସର୍ବଦା ସଜାଗ। ହେଲେ ଏ କ୍ଷେତ୍ରରେ ବେସଜାଗ ହୋଇଛି ଜିଲ୍ଲା ପ୍ରଶାସନ ଏବଂ ବ୍ଲକ ପ୍ରଶାସନ। ଏପରି ମର୍ମରେ ସ୍ଥାନୀୟ ଅଞ୍ଚଳରେ ଅଭିଯୋଗ ପ୍ରକାଶ ପାଇଛି। ସରକାର କୋଟି କୋଟି ଟଙ୍କା ବ୍ୟୟବରାଦ କରି ଉଚ୍ଚ ପାଣି ଟାଙ୍କି ନିର୍ମାଣ କରି ଚାଲିଥିବା ବେଳେ ଏସବୁ ଦାୟିତ୍ୱରେ ଥିବା ଜିଲ୍ଲା ଅଧୀକ୍ଷଣ ଯନ୍ତ୍ରୀ ଏବଂ ବ୍ଲକ କାର୍ଯ୍ୟାଳୟର ନିଯୁକ୍ତି ଥିବା କନିଷ୍ଠ ଯନ୍ତ୍ରୀ ନିଯୁକ୍ତି ଥିବା ଠିକାଦାରଙ୍କ ସହିତ ହାତ ମିଳାଇ କୋଟି କୋଟି ଟଙ୍କାରୁ ଲକ୍ଷାଧିକ ଟଙ୍କା ପିସି ନେଇ ନିମ୍ନମାନର କାର୍ଯ୍ୟ କରାଯାଇଛି। ଅଧା ନିର୍ମାଣ କାର୍ଯ୍ୟ ଏବଂ ନିର୍ମାଣଧୀନ ଟାଙ୍କିରୁ ପାଣି ନ ଆସିବା ଭଳି ଘୋର ସମସ୍ୟା ଦେଖା ଦେଇଛି। ଏସବୁ କେଉଁ ପାହାଡି ଉପାନ୍ତ ଅଞ୍ଚଳର ନୁହେଁ ଖୋଦ୍ ଓଡିଶା ରାଜଧାନୀ ପାର୍ଶ୍ୱ ପୁରୀ ଜିଲ୍ଲା ପିପିଲି ବ୍ଲକର ସମସ୍ୟା।



ସୂଚନା ଥାଉକି ସରସ୍ୱତୀପୁର ଗ୍ରାମ ପଞ୍ଚାୟତ ସାନ ଗାଁ ଠାରେ କୋଟି କୋଟି ଟଙ୍କାରେ ବ୍ୟୟ ବରାଦ ହୋଇ ଉଚ୍ଚ ପାଣି ଟାଙ୍କି ଠିକାଦାର ମାଧ୍ୟମରେ ନିର୍ମାଣ କରାଯାଇଛି। ନିର୍ମାଣ ପରେ ଏହା ରକ୍ଷଣାବେକ୍ଷଣ ପାଇଁ ଠିକାର ଚୁକ୍ତି ନାମା କରି ଥିବା ସୂଚନା ମିଳିଛି। ହେଲେ ଠିକାଦାର ପାଣି ଟାଙ୍କି ନିର୍ମାଣ କରି ରକ୍ଷଣାବେକ୍ଷଣ କରିବା ଦୂରର କଥା, କିନ୍ତୁ ଏଦିଗରେ କେହି ବିଭାଗୀୟ ଅଧିକାରୀ କିମ୍ବା ଜିଲ୍ଲା ପ୍ରଶାସନ ନଜର ନ ଦେବାରୁ ଏହା ସମ୍ପୂର୍ଣ୍ଣ ଠପ୍ ହୋଇଛି। ପାଣି ଟାଙ୍କି ଉପରେ ୫/୭ ଗୋଟି ଗ୍ରାମର ଜନସାଧାରଣ, ଗୋରୁଗାଈ, ପଶୁପକ୍ଷୀ ନିର୍ଭର କରୁଥିବା ବେଳେ ବିଭାଗୀୟ କିଛି ଅଧିକାରୀ ଏବଂ ସ୍ଥାନୀୟ ଜନପ୍ରତିନିଧି ନଜର ନ ଦେବାରୁ ୫/୭ ଗୋଟି ଗ୍ରାମର ଜନସାଧାରଣ ଓ ଗୋରୁଗାଈ ପରିତ୍ୟକ୍ତ ପୋଖରୀ ଓ ଚୁଆରୁ ଦୂଷିତ ପାଣି ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ଏମିତିକି ପରିତ୍ୟକ୍ତ ପୋଖରୀ ଏବଂ ଚୁଆ ମଧ୍ୟରୁ ବିଶୁଦ୍ଧ ପାଣି ବ୍ୟବହାର କରିବା ଯୋଗୁଁ ଅଞ୍ଚଳରେ ବିଭିନ୍ନ ସଂକ୍ରମଣ ରୋଗ ସହିତ ଝାଡ଼ା ବାନ୍ତି ବ୍ୟାପିବାର ଆଶଙ୍କା ଥିବା ଅଭିଯୋଗ ହେଉଛି। ତେଣୁ ଏ ଦିଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନଜର ଦେଇ ବିଭାଗୀୟ ଅନୁସନ୍ଧାନ କରାଇ ଦାୟିତ୍ୱରେ ଥିବା ନ୍ୟସ୍ତସ୍ୱାର୍ଥ ପଦାଧିକାରୀ, କନିଷ୍ଠ ଯନ୍ତ୍ରୀ ଏବଂ ଠିକାଦାରଙ୍କ ବିରୁଦ୍ଧରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚବାସୀ ଦାବି କରି ଛନ୍ତି। ପିପିଲି ବ୍ଲକ କାର୍ଯ୍ୟାଳୟରେ ନିଯୁକ୍ତି ଥିବା ନିଯୁକ୍ତ ଜନୈକା ମହିଳା କନିଷ୍ଠ ଯନ୍ତ୍ରୀଙ୍କ ମତାମତ ନେବାକୁ ଉଦ୍ୟମ କରିବା ବେଳେ ଗଣମାଧ୍ୟମ ପ୍ରତିନିଧି ଜାଣି ତାଙ୍କର ବ୍ୟବହାର ବଦଳିଯାଇଥିଲା। ପିପିଲି ବ୍ଲକ କାର୍ଯ୍ୟାଳୟରେ ବହୁ ସମୟରେ ଏହି ଯନ୍ତ୍ରୀ ଅନୁପସ୍ଥିତ ରହୁଥିବାରୁ ତାଙ୍କର ମତାମତ ମିଳି ପାରୁନାହିଁ।

## ଶାନ୍ତିରେ ଜୀବନ ବିତାଇବା ନେଇ ଜ୍ଞାନ ଆହରଣ

ବଲାଙ୍ଗିର: ମଙ୍ଗଳବାର ସଂଧ୍ୟାରେ ସ୍ଥାନୀୟ ଜୈନ ଭବନ ଠାରେ ଟିଟିଲାଗଡ ବିପାସନା ଧ୍ୟାନକେନ୍ଦ୍ର ତରଫରୁ ଏକ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟବକ୍ତା ଭାବେ ସୁଦୂର ଗୁଜରାଟ ରାଜ୍ୟର ରାଜକୋଟରୁ ଗୁରୁଜୀ ରାଜୁଭାଇ ମେହେଟା ଆସି ଆଧ୍ୟାତ୍ମିକ ପ୍ରବଚନ ଦେଇଥିଲେ । ଏହି ଆଧ୍ୟତ୍ମିକ ପ୍ରବଚନ ଶୁଣିବାକୁ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ସହ ବିଭିନ୍ନ ମହିଳା ସଙ୍ଗଠନର ସଦସ୍ୟମାନେ ସାମିଲ ହୋଇଥିଲେ । ଯେଉଁମାନେ ଏହି ସଂଧ୍ୟାରେ ପ୍ରବଚନ ଶୁଣୁଥିଲେ ସେମାନଙ୍କ କହିବାନୁଯାୟୀ ଏହି ପ୍ରବଚନ ଶୁଣି ନିଜ ଜୀବନକୁ କିପରି ପରିବର୍ତ୍ତନ କରି ଶାନ୍ତିରେ ଜୀବନ ବିତାଇ ହେବ ସେ ବିଷୟରେ ଆମେ ଜ୍ଞାନ ଆହରଣ କରିବାକୁ ପାଇଲୁ ବୋଲି କହିଛନ୍ତି । ଟିଟିଲାଗଡ ବିପାସନା କେନ୍ଦ୍ରର ସଭାପତି ଅଶୋକ ସିହ୍ନା, ସମ୍ପାଦକ ଦୀପକ ନାୟକ, ସଦସ୍ୟ ପ୍ରଦୀପ ଜୈନ, କୈଳାସ ଜୈନ, ବିକାଶ ପାଢୀ ପ୍ରମୁଖ ସହଯୋଗ କରି ଏହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

## ଭାଗବତ ପାରାୟଣ ଉତ୍ସବ

ପାରଳାଖେମୁଣ୍ଡି,(ନିପ୍ର); ଗଜପତି ଜିଲ୍ଲାସଦର ମହକୁମା ସ୍ଥାନୀୟ ପାରଳାଖେମୁଣ୍ଡି ଗୌରହରୀ ପାଠାଗାର ଭାଗବତ ଟୁଙ୍ଗୀ ତରଫରୁ ୮ମ ତମ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଛି ବଡ଼ ରାଧା କାନ୍ତ ମଠ ପୂଜକ ପ୍ରସନ୍ କୁମାର ମିଶ୍ର ପୁଜା ତଥା ପାରାୟଣ କାର୍ଯ୍ୟ ସହଯୋଗ କରି ଭାଗବତ ପଠନ କରିଥିଲେ। ପାରଳାଖେମୁଣ୍ଡି ପୌର ପରିଷଦ ଆନୁକୂଲ୍ୟରେ ପ୍ରତିବର୍ଷ ଏହି ଉତ୍ସବ ଗୌରହରି ପାଠଗାର ଆୟୋଜନ କରିଥାଏ। ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି ତଥା ପାଠାଗାର ସଭାପତି ରମେଶ ଚନ୍ଦ୍ର ପାଢ଼ୀ ପୌର ପରିଷଦ କାର୍ଯ୍ୟ ନିର୍ଭହୀ ଅଧିକାରୀ ଲକ୍ଷଣ କୁମାର ମୁର୍ମୁ ବରିଷ୍ଠ ସାମ୍ବାଦିକ ପ୍ରଦୀପ ନାୟକ ଉପସ୍ଥିତ ରହିଥିଲେ। ସଂପଦ ପ୍ରଫୁଲ୍ଲ ଚନ୍ଦ୍ର ପାଣିଗ୍ରାହୀ ସୁରେଶ ଚନ୍ଦ୍ର ସାହୁ ରମା ନାଥ ପାଣିଗ୍ରାହୀ ସୁଜିତ କୁମାର ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହାଲକ୍ଷ୍ମୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଲେ ମା ତାରାତାରିଣୀ

ବ୍ରହ୍ମପୁର,(ନିପ୍ର): ଗଞ୍ଜାମ ଜିଲ୍ଲାର ଅଧିଷ୍ଠିତ ଦେବୀ ମାତାରା ତାରିଣୀଙ୍କ ପୀଠରେ ଚୈତ୍ର ମାସ ଦ୍ୱିତୀୟ ମଙ୍ଗଳବାର ଯାତ୍ରା । ଗଞ୍ଜାମ ଜିଲ୍ଲା ସହ ରାଜ୍ୟର ବିଭିନ୍ନ ସ୍ଥାନରୁ ଭକ୍ତମାନେ ଏହି ପୀଠକୁ ଆସିଥାନ୍ତି । ରାତ୍ର ଏକ ଘଣ୍ଟା ଠାରୁ ଭକ୍ତମାନେ ମାନସିକ ଚୁଟି ମୁଣ୍ଡନ ପାଇଁ ଆସି ଧାଡିରେ ଠିଆ ହୋଇଥାନ୍ତି । ଚୁଟି ମୁଣ୍ଡନ ଓ ସ୍ନାନ ପରେ ପାହାଡ଼ ଉପରକୁ ସିଡ଼ି, ରୋପୱେ ଓ ବସ ରେ ଯାଇଥାନ୍ତି । ରାତ୍ର ଏକ ଘଣ୍ଟା ଠାରୁ ମାଆଙ୍କର ନୀତି ନିୟମ ହୋଇପ୍ରାତ ତିନିଘଣ୍ଟା ସମୟରେ ମହାଲକ୍ଷ୍ମୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ମାଆଙ୍କ ଏହି ଦୁର୍ଲଭ ବେଶକୁ ଦେଖିବା ପାଇଁ ଲକ୍ଷ ଲକ୍ଷ ଭକ୍ତଙ୍କ ଭିଡ଼ ଲାଗିଥିଲା । ସମସ୍ତେ ଶୃଙ୍ଖଳିତ ଦର୍ଶନ କରି ଆଶୀର୍ବାଦ ଲାଭ କରିଥିଲେ।

## ୩୦ 'ସେଞ୍ଚୁରିଆନ୍ ସାଥୀ'ସମ୍ମାନିତ

ପାରଳାଖେମୁଣ୍ଡି, (ନିପ୍ର); ସେଞ୍ଚୁରିଆନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ୍ ମ୍ୟାନେଜମେଣ୍ଟ ପାରଳାଖେମୁଣ୍ଡି କ୍ୟାମ୍ପସ୍‌ରେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମାରୋହର ଆୟୋଜନ ହୋଇଯାଇଛି । ଯାହାକି ଯୁବପିଢ଼ିଙ୍କୁ ମାର୍ଗଦର୍ଶନ ଏବଂ ଶିକ୍ଷିତ କରିବାରେ ଅବଦାନ ପାଇଁ



ବିଭିନ୍ନ ଅଞ୍ଚଳର ୩୦ ଜଣ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା । ଏହି ବ୍ୟକ୍ତିମାନଙ୍କୁ 'ସେଞ୍ଚୁରିଆନ୍ ସାଥୀ' ଭାବରେ ସ୍ୱୀକୃତି ଦିଆଯାଇଥିଲା ଏବଂ ଶିକ୍ଷା, ଦକ୍ଷତା ଏବଂ କ୍ୟାରିଅର ବିକାଶ ପ୍ରତି ଯୁବପିଢ଼ିଙ୍କୁ ପ୍ରେରଣା ଦେବାରେ ସେମାନଙ୍କର ନିରନ୍ତର ପ୍ରୟାସର ପ୍ରଶଂସା ସ୍ୱରୂପ ସେମାନଙ୍କୁ ବିଶିଷ୍ଟ ସାର୍ବଜନୀନ ସେବା ଏବଂ ସଂଘର ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ପାରଳାଖେମୁଣ୍ଡି କ୍ୟାମ୍ପସର ଡକ୍ଟର ସନ୍ଦିପନ ପାଇନ୍ ସମସ୍ତ ସେଞ୍ଚୁରିଆନ୍ ସାଥୀଙ୍କୁ ବିଶ୍ୱବିଦ୍ୟାଳୟରେ ସ୍ୱାଗତ କରିଥିଲେ । ପ୍ରଶାସନ ନିର୍ଦ୍ଦେଶକ ଡକ୍ଟର ଦୁର୍ଗା ପ୍ରସାଦ ପାଢ଼ୀ ସିୟୁଟିଏମ୍ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ଦକ୍ଷତା କାର୍ଯ୍ୟକ୍ରମର ସାରାଂଶ ପ୍ରଦାନ କରିଥିଲେ । ରେଜିଷ୍ଟ୍ରାର ଡକ୍ଟର ଅନିତା ପାତ୍ର ଶିକ୍ଷାର ଗୁଣବତ୍ତା ବୃଦ୍ଧି ପାଇଁ ବିଶ୍ୱବିଦ୍ୟାଳୟ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ପ୍ରଶାସନିକ ଡିନ୍ ଡକ୍ଟର ଏସ୍.ପି. ନନ୍ଦ ସେଞ୍ଚୁରିଆନର ମାର୍ଗଦର୍ଶୀ ଦର୍ଶନ, 'ଜୀବନ ଗଠନ, ସମ୍ପ୍ରଦାୟକୁ ସଶକ୍ତ କରିବା' ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସମାଜ ବିକାଶ ପାଇଁ ବିଶ୍ୱବିଦ୍ୟାଳୟର ନିରନ୍ତର ପ୍ରୟାସ ଉପରେ ଆଲୋକପାତ କରିଥିଲେ । ଆଲୋଚନା ସମୟରେ, ସାଥୀମାନେ ପାରଳାଖେମୁଣ୍ଡି କ୍ୟାମ୍ପସରେ ଉପଲବ୍ଧ ସୁବିଧା ଏବଂ ଭିତ୍ତିଭୂମି ପ୍ରତି ବହୁତ ସନ୍ତୋଷ ପ୍ରକାଶ କରିଥିଲେ । ଗ୍ରାମୀଣ ଏବଂ ଅର୍ଦ୍ଧ-ସହର ଯୁବପିଢ଼ିଙ୍କ ମଧ୍ୟରେ ଉଦୀୟମାନ କ୍ୟାରିଅର ସୁଯୋଗ ଏବଂ ଦକ୍ଷତା ବିକାଶ ବିଷୟରେ ସଚେତନତା ପ୍ରସାର କରିବାରେ ସମ୍ପ୍ରଦାୟ ନେତା, ଶିକ୍ଷକ ଏବଂ ସାମାଜିକ ଅବଦାନକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଏହି କାର୍ଯ୍ୟକ୍ରମରେ ସ୍ୱୀକାର କରାଯାଇଥିଲା।

## ବନ୍ଦ ସ୍କୁଲ ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ

ଭାପୁର,(ନିପ୍ର): ଭାପୁର ବ୍ଲକ ବିଜିପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକତା ଠାରୁ ଅଧିକ ଛାତ୍ରଛାତ୍ରୀ ଏବଂ ସମସ୍ତ ଭିତ୍ତିଭୂମି ଥାଇ ମଧ୍ୟ ଚାରି ବର୍ଷ ହେଲା ସ୍କୁଲରେ ତାଲା ଝୁଲୁଛି। ଉଲ୍ଲେଖଯୋଗ୍ୟ, ବିଜେଡି ସରକାର ସମୟରେ ଯେଉଁ ସ୍କୁଲରେ ଆବଶ୍ୟକୀୟ ଉପସ୍ଥାନ ବା ଛାତ୍ରଛାତ୍ରୀ ନ ଥିବେ ସେ ବିଦ୍ୟାଳୟକୁ ବନ୍ଦ କରି ନିକଟ ବିଦ୍ୟାଳୟରେ ମିଶ୍ରଣ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ଫଳରେ ବିଜିପୁର ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ନିକଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ କରାଯାଇଥିଲା। ବିଜେପି ସରକାର ଏହା ମଧ୍ୟରେ ବନ୍ଦ ସ୍କୁଲକୁ ଖୋଲିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। କିନ୍ତୁ, ବର୍ତ୍ତମାନ ସୁଦ୍ଧା ଭାପୁର ବ୍ଲକରେ ବନ୍ଦ ସ୍କୁଲ ଖୋଲିବା ପାଇଁ କୌଣସି



ପଦକ୍ଷେପ ନିଆଯାଇ ନ ଥିବାରୁ ଶିକ୍ଷାବିତ୍‌ଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଉଲ୍ଲେଖଯୋଗ୍ୟ,ବର୍ତ୍ତମାନ ବିଦ୍ୟାଳୟରେ ଶିଶୁବାଟିକା ଠାରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ୫୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ପୁଣି,ଚଳିତବର୍ଷ ନୂତନ ଶିକ୍ଷାବର୍ଷରେ ଛାତ୍ରଛାତ୍ରୀମାନେ ନୂତନ କରି ନାମ ଲେଖେଇବେ। ଏହି ବିଦ୍ୟାଳୟରେ ନୂଆ କରି ନିର୍ମାଣ ହୋଇଥିବା ବିଲଡିଂ ୪ ବଖରା ଘର ସହିତ ବିଦ୍ୟୁତ ସଂଯୋଗ, ପାଣି, ଖେଳପଡିଆ ଆଦି ସମସ୍ତ ଭିତ୍ତିଭୂମି ରହିଥିବାବେଳେ ବର୍ତ୍ତମାନ ଏହା ଭୁତକୋଠିରେ ପରିଣତ ହୋଇଛି। ଏହି ବନ୍ଦ ବିଦ୍ୟାଳୟକୁ କାର୍ଯ୍ୟକ୍ଷମ କରିବା ପାଇଁ ଶିକ୍ଷାବିତ୍‌ଙ୍କ ମଧ୍ୟରେ ଦାବି ହୋଇଛି।

## ମନ୍ଦିରରୁ ଚୋରି ମାମଲାରେ ଦ୍ରୁତ ବିଚାର : ଅଭିଯୁକ୍ତକୁ ୨ ବର୍ଷ କାରାଦଣ୍ଡ

ସମ୍ବଲପୁର:ଏକ ମନ୍ଦିର ମୂର୍ତ୍ତି ଚୋରି ସମ୍ବନ୍ଧୀୟ ମାମଲାରେ ଦ୍ରୁତ ବିଚାର କରି ସମ୍ବଲପୁର ଜିଲ୍ଲାର ସମ୍ବଲପୁର ଏସଡିଜେଏମ ଅଦାଲତ ଅଭିଯୁକ୍ତ ରଜନୀକାନ୍ତ ଭୈଁସାଲ ଓରଫ ମୋନୁକୁ ଭାରତୀୟ ନ୍ୟାୟସଂହିତାର ଧାରା ୩୩୧(୩)/୩୦୫(ଡି) ଅନୁଯାୟୀ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ କାରାଦଣ୍ଡ ସହିତ ୧,୦୦୦ ଟଙ୍କା ଜରିମାନାର ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ୨୮ ଦିନରେ ତଦନ୍ତରୁ ଦଣ୍ଡାଦେଶ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପ୍ରକ୍ରିୟା ସମାପ୍ତ ହେବା ଭାରତୀୟ ନୂତନ ଆଇନର ସଫଳ କାର୍ଯ୍ୟକାରିତାର ଏକ ଉଲ୍ଲେଖନୀୟ ଉଦାହରଣ।ମାମଲାର ବିବରଣୀ ଅନୁଯାୟୀ, ୨୦୨୬ ମସିହା ଫେବୃୟାରୀ ୧୭ ତାରିଖରେ ସମ୍ବଲପୁର ଟାଉନ୍ ଥାନା ଅଧୀନ ସୋମନାଥ ବାବା ମନ୍ଦିର, ବାଲିବନ୍ଧରୁ ପ୍ରାୟ ୨ କିଲୋ ଓଜନର ପିତଳର ଗଣେଶମୂର୍ତ୍ତି ଚୋରି ହୋଇଥିବା ସମ୍ପର୍କରେ ମନ୍ଦିର ଟ୍ରଷ୍ଟି ଲୋକନାଥ ପାଣ୍ଡେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ସମ୍ବଲପୁର ପୋଲିସ ତ୍ୱରିତ ତଦନ୍ତ କରି ୨୦ଫେବୃଆରୀରେ ଅଭିଯୁକ୍ତକୁ ଗିରଫ କରିବା ସହ ଚୋରି ହୋଇଥିବା ମୂର୍ତ୍ତିକୁ ଉଦ୍ଧାର କରିଥିଲେ।ମାତ୍ର ୧୧ ଦିନ ମଧ୍ୟରେ ଅର୍ଥାତ ୨୭ ଫେବୃଆରୀରେ ଚାର୍ଜଶିଟ୍ ଦାଖଲ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ନୂତନ ଭାରତୀୟ ଆଇନ କାର୍ଯ୍ୟକାରୀ ହେବା ପରେ ଅପରାଧ ମାମଲାରେ ତ୍ୱରିତ ତଦନ୍ତ ଓ ବିଚାର ପ୍ରକ୍ରିୟା ଗତିଶୀଳ ହୋଇ ଦଣ୍ଡାଦେଶ ହାର ବୃଦ୍ଧି ପାଉଛି। ସମ୍ବଲପୁର ପୋଲିସଙ୍କ ଏହି ସଫଳତା ଆଇନ-ଶୃଙ୍ଖଳା ପ୍ରତି ସେମାନଙ୍କର ଦୃଢ଼ ପ୍ରତିବଦ୍ଧତାର ଏକ ସ୍ପଷ୍ଟ ପ୍ରମାଣ। ଦ୍ରୁତ ତଦନ୍ତ ଓ କମ୍ ସମୟ ମଧ୍ୟରେ ଦୋଷୀ ସାବ୍ୟସ୍ତ ହାର ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଥିବାରୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଏସ୍‌ପି, ସମ୍ବଲପୁର ଓ ତଦନ୍ତକାରୀ ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ପ୍ରସ୍ତାବିତ ପ୍ରଯୁକ୍ତିବିଦ୍ୟା ଆଧାରିତ ପ୍ରଦର୍ଶନୀ ଆୟୋଜିତ

# କୁସୁନପୁରରେ ସିଏସଆଇଆର ସ୍ମାର୍ଟ ଭିଲେଜ ଉଦ୍‌ଘାଟିତ

ଭୁବନେଶ୍ୱର: କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ରାଜନଗର ବ୍ଲକର କୁସୁନପୁର ଗ୍ରାମରେ 'ସିଏସଆଇଆର ସ୍ମାର୍ଟ ଭିଲେଜ' ଉଦଘାଟିତ ହୋଇଛି । ଏହା ଗ୍ରାମୀଣ ସମୁଦାୟ ନିକଟରେ ବୈଜ୍ଞାନିକ ଉଦ୍ଭାବନ ଏବଂ ବ୍ୟାବହାରିକ ସମାଧାନ ପହଂଚାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ବୈଷୟିକ ଜ୍ଞାନକୌଶଳ-ଚାଳିତ ଏବଂ ସ୍ଥାୟୀ ଗ୍ରାମୀଣ ବିକାଶକୁ ପ୍ରୋତ୍ସାହିତ କରିବା ଦିଗରେ ଏହି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଦୃଢ ମତ ପୋଷଣ କରାଯାଇଛି। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଅନୁସନ୍ଧାନ ପ୍ରତିଷ୍ଠାନ, ସ୍ଥାନୀୟ ପ୍ରଶାସନ ଏବଂ କାର୍ଯ୍ୟାନ୍ୱୟନ କରୁଥିବା ସହଯୋଗୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଗ୍ରାମୀଣ ସମୁଦାୟ ନିକଟକୁ ବୈଜ୍ଞାନିକ ଉଦ୍ଭାବନ ଏବଂ ବ୍ୟାବହାରିକ ସମାଧାନ ପହଞ୍ଚାଇବା।ଏହି କାର୍ଯ୍ୟକ୍ରମରେ ବୈଜ୍ଞାନିକ ଏବଂ ଶିଳ୍ପ ଅନୁସନ୍ଧାନ ବିଭାଗର ସଚିବ ତଥା ସିଏସଆଇଆରର ମହାନିର୍ଦ୍ଦେଶକ ଡକ୍ଟର ଏନ୍. କଲାଇସେଲଭି ମୁଖ୍ୟ ଅତିଥି ଭାବେ ଭର୍ଚୁଆଲ ମାଧ୍ୟମରେ ଯୋଗ ଦେଇଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ରଘୁରାମ ଆର. ଆୟର, ସହଭାଗୀ ସିଏସଆଇଆର ପ୍ରୟୋଗଶାଳାର ବରିଷ୍ଠ ବୈଜ୍ଞାନିକ ଏବଂ ପ୍ରାତିଷ୍ଠାନିକ ପ୍ରତିନିଧିମାନଙ୍କ ସହ ଉପସ୍ଥିତ ଥିଲେ। ପ୍ରଫେସର ପ୍ରଦୀପ କୁମାର ରାମନଚାର୍ଲାଙ୍କ ନେତୃତ୍ୱରେ ରୁର୍କି ସ୍ଥିତ ସିଏସଆଇଆର-କେନ୍ଦ୍ରୀୟ ଭବନ ଅନୁସନ୍ଧାନ ପ୍ରତିଷ୍ଠାନ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସିଏସଆଇଆର- ସିଆଇଏମଏଫ, ସିଏସଆଇଆର -ଆଇଏଚବିଟି, ସିଏସଆଇଆର-ସିଇଇଆରଆଇ, ସିଏସଆଇଆର -ଆଇଆଇସିଟି, ସିଏସଆଇଆର-ସିଏମଇଆରଆଇ , ସିଏସଆଇଆର-ଏସଇଆରସି, ସିଏସଆଇଆର-ନିରି , ସିଏସଆଇଆର-ଏଏମପିଆରଆଇ, ସିଏସଆଇଆର-ସିଏଲଆରଆଇ, ସିଏସଆଇଆର-ଏନଜିଆରଆଇ, ସିଏସଆଇଆର-ସିଏସଆଇଓ, ସିଏସଆଇଆର-ସିଆରଆରଆଇ, ସିଏସଆଇଆର-ସିଏଫଟିଆରଆଇ, ଏବଂ ସିଏସଆଇଆର-ଆଇଏମଏମଟି ଭଳି ଅଂଶଗ୍ରହଣକାରୀ ପ୍ରୟୋଗଶାଳାର ନିର୍ଦ୍ଦେଶକମାନେ ସାମିଲ ଥିଲେ।ଓଡ଼ିଶା ସରକାରଙ୍କ ପ୍ରଶାସନିକ ଅଧିକାରୀ ଏବଂ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସହଯୋଗୀ 'ବାଲ ରକ୍ଷା ଭାରତ' (ସେଭ୍ ଦ ଚିଲଡ୍ରେନ୍ ଇଣ୍ଡିଆ) ର ସିଇଓ ଶାନ୍ତନୁ ଚକ୍ରବର୍ତ୍ତୀ ଏବଂ 'ନେଚର୍ସ କ୍ଲବ'ର ସଚିବ ମଧୁସ୍ମିତ ପତିଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ସିଏସଆଇଆର-ଆଇଏମଏମଟି, ଭୁବନେଶ୍ୱରର ନିର୍ଦ୍ଦେଶକ ଡକ୍ଟର ରାମାନୁଜ ନାରାୟଣ ଉପସ୍ଥିତ ଥିଲେ। ଏଥିସହ ଅନେକ ସିଏସଆଇଆର ପ୍ରୟୋଗଶାଳାର ବୈଜ୍ଞାନିକ ଏବଂ ବୈଷୟିକ କର୍ମଚାରୀ, ଓଡ଼ିଶା ସରକାରଙ୍କ ଅଧିକାରୀ, ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସହଯୋଗୀ ସଂସ୍ଥାର ପ୍ରତିନିଧି, କର୍ପୋରେଟ୍ ଏବଂ ଶିଳ୍ପ କ୍ଷେତ୍ରର ସଦସ୍ୟ ଏବଂ କୁସୁନପୁର ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।ଉଦଘାଟନୀ ସମାରୋହ ଅବସରରେ, ବିଭିନ୍ନ ସିଏସଆଇଆର ପ୍ରୟୋଗଶାଳାରୁ ଗ୍ରାମରେ କାର୍ଯ୍ୟକାରୀ ହେବାକୁ ଥିବା ପ୍ରସ୍ତାବିତ ପ୍ରଯୁକ୍ତିବିଦ୍ୟାଗୁଡ଼ିକୁ ପ୍ରଦର୍ଶନ କରିବା ପାଇଁ ଏକ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା।

ଏହା ସହିତ କୁସୁନପୁର ସ୍ମାର୍ଟ ଭିଲେଜ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଉନ୍ମୋଚିତ ହୋଇଥିଲା।

## ସେତୁ ପୁନଃବିଚାର ପାଇଁ ନିବେଦନ

ରମ୍ଭା,(ନିପ୍ର): ନିକଟରେ ଖଲ୍ଲିକୋଟ ତହସିଲ ପକ୍ଷରୁ ଦୁର୍ଘଟଣା ଆଶଙ୍କା ବିନା ନିରାପଦରେ ରମ୍ଭା /ହୁମ୍ମା ଷ୍ଟେସନ ମଧ୍ୟରେ ୫୫୬/୧ -୩ ଠାରେ ଥିବା ରେଳ ଫାଟକ ସଂଖ୍ୟା (୨୭୫) ରେଳ ଲାଇନ ପାର ନିମନ୍ତେ ଫାଟକ ପରିବର୍ତ୍ତେ ଏକ ସଡ଼କ ଉପରେ ସେତୁ (ଆର. ଓ. ବି )ପକ୍ଷରୁ ନିର୍ମାଣ ନିମନ୍ତେ ନିଷ୍ପତ୍ତି ନେବା ସଙ୍ଗେ ସଙ୍ଗେ ଆବଶ୍ୟକ ହେଉଥିବା ତଥା ଉପରୋକ୍ତ ଅଞ୍ଚଳରେ ବ୍ୟକ୍ତିଗତ ଜମିକୁ ଅଧିକରଣ ନିମନ୍ତେ ଡକାଯାଇ ଖଲ୍ଲିକୋଟ ତହସିଲ ପରିସରରେ ଆଲୋଚନା କରାଯାଇଥିଲା। ଏଠାରେ ସୂଚନା ଯୋଗ୍ୟ ଯେ ଉପରୋକ୍ତ ସେତୁ ଯଦି ନିର୍ମାଣ କରାଯାଏ ତାହାହେଲେ ଜଳବନ୍ଦୀ, ଦୁଇ ଗୋଟି ଶିକ୍ଷାନୁଷ୍ଠାନ, ଏନ ଏ ସି ଆହାର କେନ୍ଦ୍ର, ଶୌଚାଳୟ, ସରକାରୀ କାର୍ଯ୍ୟାଳ ଯାହାକି ଜନ ସମାଗମ ଛକ ଜାଗାଟି ମରଣଯନ୍ତା ସାଜିବ ବୋଲି ଅନେକ ସମସ୍ୟା ଉପସ୍ଥାପନ କରାଯାଇଥିଲା। ତତ୍ ସହିତ କ୍ଷତିଗ୍ରସ୍ତ ହେଉଥିବା ଜମିମାଲିକ କିମ୍ବା ଜମି ଉପରେ ନିର୍ଭରଶୀଳ ବ୍ୟକ୍ତି ଯଥା ସୁବାସ ଚନ୍ଦ୍ର ପଣ୍ଡା, ଅନିଲ ପାଢ଼ୀ, ବୁଲୁ ବେହେରା ଗଜେନ୍ଦ୍ର ବେହେରା, ଜୟସେନ ବିଶ୍ୱାଳ, ପ୍ରଶାନ୍ତ ପୃଷ୍ଟି, ବିନାୟକ ପଣ୍ଡା, ଆଶୁତୋଷ ପଣ୍ଡା ପ୍ରମୁଖ ଯିଏ ଯାହାର ଭିନ୍ନ ଭିନ୍ନ ମନ୍ତବ୍ୟ ପ୍ରଦାନ କରିବା ସହ ଜଗନ୍ନାଥ ମନ୍ଦିର ଜମି ସମୂହ ମିଶାଇଲେ ପ୍ରାୟ ୧୫ ଏକର ଜମି ଯିବା ନିଶ୍ଚିତ ବୋଲି ପୂର୍ବତନ ନଗରପାଳ ସୁବାସ ଚନ୍ଦ୍ର ପଣ୍ଡା (ରମ୍ଭା )ଅଭିଯୋଗ ବାଢିଛନ୍ତି।

## ମହିଳା ସଶକ୍ତିକରଣ ଉପରେ ଗୁରୁତ୍ୱ : ପଦାଧିକାରୀମାନଙ୍କୁ ସମାଜ ସେବା ପାଇଁ ଅନୁପ୍ରେରଣା

ବଲାଙ୍ଗିର:ବଲାଙ୍ଗୀର ସ୍ଥାନୀୟ ସେବା ସଦନରେ ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମେଳନର ନୂତନ କାର୍ଯ୍ୟକାରିଣୀର ଭବ୍ୟ ଶପଥ ଗ୍ରହଣ ଉତ୍ସବ ବହୁତ ଉତ୍ସାହ ଓ ଗମ୍ଭୀର ପରିବେଶରେ ସଫଳତାର ସହ ଗତକାଲି ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମାଜର ଅନେକ ଗଣ୍ୟମାନ୍ୟ ବ୍ୟକ୍ତି, ବିଭିନ୍ନ ସଂସ୍ଥାର ପଦାଧିକାରୀମାନେ ଓ ବହୁ ସଂଖ୍ୟକ ମହିଳାଙ୍କର ଗରିମାମୟ ଉପସ୍ଥିତି ଦେଖାଯାଇଥିଲା।ଏହି ଅବସରରେ ସନ୍ତୋଷ ଲାଲ ଅଧ୍ୟକ୍ଷ ପଦରେ ଏବଂ ସୁନୀତା ଅଗ୍ରୱାଲ ସଚିବ ପଦରେ ଶପଥ ଗ୍ରହଣ କରିଥିଲେ। ମଞ୍ଚରେ ପ୍ରାନ୍ତୀୟ ଅଧ୍ୟକ୍ଷା ବବିତା ଅଗ୍ରୱାଲ, ପୂର୍ବ ପ୍ରାନ୍ତୀୟ ଅଧ୍ୟକ୍ଷା ସରଳା ଅଗ୍ରୱାଲ, ମୀରା କେଜ୍ରିୱାଲ, ପୂର୍ବତନ ଅଧ୍ୟକ୍ଷା ଲକ୍ଷ୍ମୀ ଅଗ୍ରୱାଲ ଓ ସଚିବ ଜ୍ୟୋତି ଅଗ୍ରୱାଲ ବିଶେଷ ଭାବେ ଉପସ୍ଥିତ ଥିଲେ ଏବଂ ନୂତନ ଟିମ୍‌କୁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ନଗର ପାଳିକା ଅଧ୍ୟକ୍ଷ ଲିକା ସାହୁ ଉପସ୍ଥିତ ଥିଲେ। ସେ ତାଙ୍କ ଉଦ୍‌ବୋଧନରେ ମହିଳା ସଶକ୍ତିକରଣ ଉପରେ ଜୋର ଦେଇ କହିଥିଲେ ଯେ, ଏପରି ସଂଗଠନମାନେ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ମୁଖ୍ୟ ଭୂମିକା ନିଭାଉଛନ୍ତି। ସେ ନବନିର୍ବାଚିତ ପଦାଧିକାରୀମାନଙ୍କୁ ସମାଜ ସେବା ପାଇଁ ପ୍ରେରିତ କରିଥିଲେ । କୋଷାଧ୍ୟକ୍ଷ ଭାବେ ଦୁର୍ଗୀ ଦେବୀ ଅଗ୍ରୱାଲ ମଧ୍ୟ ଶପଥ ଗ୍ରହଣ କରିଥିଲେ। ଏହି ଅବସରରେ ମାରୱାଡ଼ି ମହିଳା ସମ୍ମେଳନର ବର୍ତ୍ତମାନସଦସ୍ୟା ମାନଙ୍କ ସହ ମାରୱାଡ଼ି ସମ୍ମେଳନର ଅଧ୍ୟକ୍ଷ ଓ ସଚିବ, ଜୈନ ସମାଜରୁ ମନୋଜ ଜୈନ, ସମୃଦ୍ଧି ଶାଖାରୁ ପୂଜା ଅଗ୍ରୱାଲ, ରୋଟାରି କ୍ଲବର ସଦସ୍ୟମାନେ ଓ ଜେସିଆଇ ଅଧ୍ୟକ୍ଷ ମଧ୍ୟ ବିଶେଷ ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସମୟରେ ସମସ୍ତ ଅତିଥିମାନଙ୍କୁ ସ୍ୱାଗତ ଓ ସମ୍ମାନ କରାଯାଇଥିଲା। ସାଂସ୍କୃତିକ ପ୍ରଦର୍ଶନ ମାନେ ଉତ୍ସବର ଶୋଭା ବଢ଼ାଇଥିଲେ ଏବଂ ଉପସ୍ଥିତ ଦର୍ଶକମାନଙ୍କୁ ମନମୁଗ୍ଧ କରିଥିଲେ।ପରିଶେଷରେ ନବନିର୍ବାଚିତ ଟିମ ସମାଜର ଉନ୍ନତି, ମହିଳା ସଶକ୍ତିକରଣ ଓ ସେବା କାର୍ଯ୍ୟମାନଙ୍କୁ ଆଗକୁ ବଢ଼ାଇବାର ସଂକଳ୍ପ ଗ୍ରହଣ କରିଥିଲେ। ଉତ୍ସବ ସାଂପ୍ରତିକ ପରିବେଶରେ ସମାପ୍ତ ହୋଇଥିଲା ଏବଂ ସମସ୍ତ ଉପସ୍ଥିତ ଲୋକମାନେ ଏହାକୁ ଏକ ସଫଳ ଆୟୋଜନ ବୋଲି ମତ ପ୍ରକାଶ କରିଥିଲେ।

## ବ୍ରହ୍ମପୁରରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

ବ୍ରହ୍ମପୁର(ନିପ୍ର ): ବ୍ରହ୍ମପୁର ମହାନଗରର ବହୁ ପୁରାତନ ପ୍ରସିଦ୍ଧ ମନ୍ଦିର ବାବା ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବଙ୍କ ଜୀର୍ଣ୍ଣଉଦ୍ଧାର ପ୍ରାସାଦ ବିସର୍ଜନ ସହିତ ନୂତନ ଭବ୍ୟ ପ୍ରାସାଦାର୍ଘ୍ୟ ମହା ସମାରୋହ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହାସହ ମନ୍ଦିରର ମୁଖ୍ୟ ମୁଖଶାଳାର ଶୁଭ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ସହର ତଥା ଗଞ୍ଜାମ ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତି ଓ ଭକ୍ତଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା, ହୋମଯଜ୍ଞ ଏବଂ ପ୍ରସାଦ ସେବନ କାର୍ଯ୍ୟକ୍ରମ ମହାଆଡମ୍ବରରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ପଣ୍ଡିତ ଅଶୋକ କୁମାର ପାଢ଼ୀ ଏବଂ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପୂଜାରୀଙ୍କ ମିଳିତ ସହଯୋଗରେ ପୂଜାନୀତି ସମ୍ପନ୍ନ ହୋଇଥିଲା। ବାବା ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିରର ଦଧିନଉତି ଓ ତ୍ରିଶୂଳ ବୃଷଭଙ୍କ ଦ୍ୱାରା ଭଗ୍ନ କରାଯାଇଥିଲା । ପଥରରେ ନିର୍ମାଣ ହେବାକୁ ଥିବା ନୂତନ ମନ୍ଦିର ପାଇଁ ବହୁ ଭକ୍ତ ସ୍ୱଇଚ୍ଛାରେ ଅର୍ଥରାଶି ଅନୁଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ପଥରରେ ମନ୍ଦିର ନିର୍ମାଣ କରିବାକୁ ଥିବା ଶିଳ୍ପୀ କାରିଗର, ମନ୍ଦିର ପରିଚାଳନା ଟ୍ରଷ୍ଟି ଓ କମିଟି ସଦସ୍ୟଙ୍କ ଦ୍ୱାରା ସମସ୍ତ କାର୍ଯ୍ୟ ସଂପାଦିତ ହୋଇଥିଲା। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ,ପୂର୍ବତନ ବିଧାୟକ ଡ଼ା ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ,ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ,ପୂର୍ବତନ ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା,ବିଜେଡ଼ି ନେତା ଦୁର୍ଗା ପ୍ରସାଦ ପଣ୍ଡା,ବିଜେପିର ବରିଷ୍ଠ ନେତା ସୁନିଲ କୁମାର ସାହୁ,ବିଜେପି ଜିଲ୍ଲା ଉପସଭାପତି ପ୍ରଭାତ କିରଣ ଷଡ଼ଙ୍ଗୀ,ସହରର ବହୁ କର୍ପୋରେଟରଙ୍କ ସମେତ ସହରର ବିଭିନ୍ନ ଅନୁଷ୍ଠାନର ସଦସ୍ୟ ସଦସ୍ୟାଙ୍କ ସହ ବହୁ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ ।

# ବାରୁଣୀ ବୁଡ଼ ପକାଇଲେ ଲକ୍ଷାଧିକ ଶ୍ରଦ୍ଧାଳୁ

ପିପିଲି,(ନିପ୍ର): ପବିତ୍ର ଚୈତ୍ର ମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥି ଶତଭିଷା ନକ୍ଷତ୍ର ମହାବାରୁଣୀ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବଳପୁର ଗ୍ରାମସ୍ଥିତ ଭାର୍ଗବୀ ନଦୀର ଭୃଗୁ ଘାଟରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ମହାବାରୁଣୀ ପୁଣ୍ୟତୋୟା ଭାର୍ଗବୀରେ ବୁଡ଼ ପକାଇଲେ ମହୋଦଧି ସ୍ନାନର ପୁଣ୍ୟ ମିଳିଥାଏ । ଏଥିପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଏଠାରେ ଶ୍ରଦ୍ଧାଳୁଙ୍କ ସମାବେଶ ଲାଗିଥିଲା। ପୌରାଣିକ ମତବାଦ ଅନୁସାରେ ତ୍ରେତୟା ଯୁଗରେ ବନବାସ ସମୟରେ ପ୍ରଭୁ ଶ୍ରୀରାମଚନ୍ଦ୍ର, ଲକ୍ଷ୍ମଣ ଓ ମାତା ସୀତା ଏଠାରେ ଭୃଗୁ ମୁନିଙ୍କ ଆଶ୍ରମ ରେ ଅବସ୍ଥାନ କରିଥିଲେ । ଭାର୍ଗବୀ ନଦୀରେ ସ୍ନାନ କରିବା ପରେ ଦେବଦେବ ମହାଦେବଙ୍କୁ ପୂଜା କରିପାଇଁ ବାଲିରେ ପ୍ରତିଷ୍ଠା କରିଥିବା ଶିବଲିଙ୍ଗ ଏବେ ବାଲୁଙ୍କେଶ୍ୱର ଠାକୁର ନାମରେ ପୂଜା ପାଉଛନ୍ତି । ଠାକୁରଙ୍କ ଅପାର ମହିମା ନେଇ ଭକ୍ତମାନଙ୍କ ମଧ୍ୟରେ ଅଗାଧ ବିଶ୍ୱାସ ରହିଛି । ବରାଳ ଗ୍ରାମର ବାଲୁଙ୍କେଶ୍ୱର ବଡ଼ଭାଇ ଏବଂ ବଳପୁର ଗ୍ରାମର ବାଲୁଙ୍କେଶ୍ୱର ସାନଭାଇଙ୍କୁ ନେଇ ଭୃଗୁ ଘାଟରେ ଅନୁଷ୍ଠିତ ହେଉଥିବା ସାଗର ସ୍ନାନ ଯାତ୍ରା ଭାଇଚାରାର ଅନନ୍ୟ ପରମ୍ପରା ସୃଷ୍ଟି କରିଛି । ଗୁରୁବାର ମଧ୍ୟାହ୍ନରେ ସାନଭାଇ ବଳପୁର ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବ ବଡ଼ଭାଇ ଶ୍ରୀ ଶ୍ରୀ ବରାଳ ବାଲୁଙ୍କେଶ୍ୱର ଦେବଙ୍କୁ ସାଗରସ୍ନାନ ଯାତ୍ରାକୁ ନିମନ୍ତ୍ରଣ କରିବାକୁ ବରାଳ ମନ୍ଦିରରେରେ



ରୀତିନୀତି ଅନୁଯାୟୀ ପହଞ୍ଚିଥିଲେ। ମନ୍ଦିରରେ ଦୁଇଭାଇଙ୍କୁ ମୁକ୍ତିମଣ୍ଡପ ପନ୍ତୀଭୋଗ କରାଯାଇଥିଲା। ବୀରକାହାଳି, ମହୁରି, ବାଜା, ଘଣ୍ଟ ମର୍ଦ୍ଦଳ, ସଂକୀର୍ତ୍ତନ ଏବଂ ହରିବୋଲ ହୁଳହୁଳି ଧ୍ୱନି ଦେଇ ଦୁଇଟି ସୁସଜ୍ଜିତ ବିମାନରେ ଠାକୁର ଭାର୍ଗବୀ ନଦୀତଟସ୍ଥ ଭୃଗୁଘାଟକୁ ପଟୁଆରରେ ବିଜେ କରିଥିଲେ । ସେଠାରେ ଚାରିଘରିଆ ସେବାୟତମାନେ ପବିତ୍ରତାର ସହ ନଦୀରୁ ଜଳ ସଂଗ୍ରହ କରିଥିଲେ। ଅଭିମନ୍ତ୍ରିତ ଜଳରେ ଠାକୁରମାନଙ୍କ ବାରୁଣୀ ସ୍ନାନନୀତି ସମାପନ କରିଥିଲେ । ସେଠାରେ ପ୍ରତୀକ୍ଷା କରିଥିବା ହଜାର ହଜାର ମାନସିକଧାରୀ ଶ୍ରଦ୍ଧାଳୁ ନଦୀରେ ବୁଡ଼ ପକାଇବା, କେଶ ଦାନ କରିବା ଦେଖାଯାଇଥିଲା । ନିଃସନ୍ତାନ ମହିଳମାନେ ସନ୍ତାନ ପ୍ରାପ୍ତି ଆଶାରେ ଭୃଗୁ ଘାଟରେ ବୁଡ଼ ପକାଇଥିଲେ। ଏହି ସମୟରେ ଉକ୍ତ ଘାଟର ଜଳରାଶି ମହୋଦଧି ଜଳଭଳି ପବିତ୍ର ହୋଇଥାଏ । ଏହି ଅବସରରେ ବ୍ରତୋପନୟନରେ ଓ ବିବାହରେ ବ୍ୟବହୃତ ମୁକୁଟ, ସନ୍ତରା ମସିଣା ଆଦି ନଦୀ ଗର୍ଭରେ ବିସର୍ଜନ କରାଯାଇଥିଲା। ବିଭିନ୍ନ ଗ୍ରାମକୋଠ ଏବଂ ଭକ୍ତ ଓ ଶ୍ରଦ୍ଧାଳୁମାନେ ଦଳ ଦଳ ହୋଇ ନଦୀକୂଳରେ ଭୋଗ ପ୍ରସ୍ତୁତ କରି ଠାକୁରଙ୍କୁ ନୈବେଦ୍ୟ ପ୍ରଦାନ କରିବା ନଦୀ ଘାଟରେ ପ୍ରସାଦ ସେବନ କରିଥିଲେ । ସେହିପରି ନଦୀର ଅପର ପାର୍ଶ୍ୱର ଘାଟରେ ଅନୁରୂପ ଭାବେ ସୁଆଣ୍ଡୋ ଗ୍ରାମର ଲୋକେଶ୍ୱର ଦେବ ଓ ବିଦ୍ୟାଧରପୁରର ଭାବ କୁଣ୍ଡଳେଶ୍ୱର ଦେ୍ୱ ଘାଟକୁ ବିଜେ କରିଥିଲେ। ଗ୍ରାମୀଣ ବଜାରରୁ ସମବେତ ଲୋକ ବିଭିନ୍ନ ଘରକରଣା କିଣିବା ଦେଖାଯାଇଥିଲା। ସଂସ୍କୃତିକ କାର୍ଯ୍ୟକ୍ରମ ଭଜନ ପରିବେଷଣ କରାଯାଇଥିଲା।ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ମଣ୍ଡପ ଉପରେ ଠାକୁରଙ୍କ ଦର୍ଶନ କରିଥିଲେ। ସତ୍ୟବାଦୀ ତହସିଲଦାର ମାଜିଷ୍ଟ୍ରେଟ ଦାୟିତ୍ୱରେ ସନ୍ତୋଷ କୁମାର ପାଣିଗ୍ରାହୀ , ସତ୍ୟବାଦୀ ଥାନା ଆଇଆଇସି ସୌମ୍ୟରଞ୍ଜନ ମହାଲିକ ପୋଲିସ ଫୋର୍ସ ସହିତ ଭିଡ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳାରେ ମେଳା ପରିଚାଳନା କରିଥିଲେ।ସେହିପରି ସାକ୍ଷୀଗୋପାଳ ଦମକଳ କେନ୍ଦ୍ର ଅଧିକାରୀ ଓ ଅଗ୍ନିକ ମାନଙ୍କ ସହିତ ସୁରକ୍ଷିତ ସ୍ନାନ ପ୍ରତି ନଜର ରଖିଥିଲେ। ଏହା ସହିତ ପନୀୟ ଜଳ ,ସ୍ୱାସ୍ଥ୍ୟ ଶିବିର ଏବଂ ବିଭିନ୍ନ ସଂଗଠନର ସେବା ଶିବିର ଆୟୋଜନ କରଯାଇଥିଲା ।

CMYK

18..03.20256.pmd 1 3/18/2026, 6:49 PM

ତିଥି : (ଅମାବାସ୍ୟା) : (ଉତ୍ତରଭାଦ୍ର ମୀନ)
ଅମୃତବେଳା: ଦିବା ଘ.୧।୮ ଗତେ ଘ୩।୩୨ ମଧ୍ୟେ

## ଆଜିର ଅନୁଚିନ୍ତନ

କର୍ମ ବେଦରୁ ଉତ୍ପନ୍ନ ହୋଇଛି ଏବଂ ବେଦ ଅକ୍ଷର ବ୍ରହ୍ମରୁ ପ୍ରକଟ ହୋଇଛନ୍ତି ବୋଲି ତୁମେ ଜାଣିରଖ। ତେଣୁ ସର୍ବବ୍ୟାପୀ ପରମାତ୍ମା ଯଜ୍ଞରେ ନିତ୍ୟ ସ୍ଥିତ ।। - ଶ୍ରୀମଦ୍ ଭଗବଦ୍ ଗୀତା

# ସଂକଟରେ ଆଞ୍ଚଳିକ ଶାନ୍ତି

ଗତ ସୋମବାର ରାତିରେ ଆଫଗାନିସ୍ତାନ ଉପରେ ପାକିସ୍ତାନର ଏୟାର ଷ୍ଟ୍ରାଇକ ଫଳରେ ସେଠାକାର ଓମିଦ ଆଡିକ୍‌ସନ ଟ୍ରିଟମେଣ୍ଟ ହସପିଟାଲରେ ୪୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ପାଖାପାଖି ୨୫୦ ଜଣ ଆହତ ହେଲେ। ଏଭଳି ଅଭାବନୀୟ ଘଟଣା ଆଫଗାନିସ୍ତାନ ଇତିହାସରେ ପ୍ରଥମ। ଏପରି ଏୟାର ଷ୍ଟ୍ରାଇକ କରିବା ପଛରେ ପାକିସ୍ତାନର ଦାବି ଯେ ଉକ୍ତ ହସପିଟାଲ କୁଆଡ଼େ ଆତଙ୍କବାଦୀଙ୍କ ଆଡ୍‌ଡାସ୍ଥଳୀ ସମେତ ବହୁ ଅସ୍ତ୍ରଶସ୍ତ୍ର ଗଚ୍ଛିତ ରହିବାର କେନ୍ଦ୍ର ପାଲଟିଥିଲା। ଏହାକୁ ଆଫଗାନିସ୍ତାନ ପକ୍ଷରୁ ଅସ୍ୱୀକାର କରାଯାଇଛି। ବରଂ ଦାବି କରାଯାଇଛି ଯେ ୨୦୦୦ ଶଯ୍ୟା ବିଶିଷ୍ଟ ଏହି ହସ୍‌ପିଟାଲରେ ନିଶାସକ୍ତ ବ୍ୟକ୍ତିମାନଙ୍କ ଚିକିତ୍ସା କେନ୍ଦ୍ର ରୂପେ ବିବେଚିତ। ଅପରପକ୍ଷେ ପାକ୍‌ର କହିବା କଥା ପାକ୍ ନାଗରିକଙ୍କ ବିରୋଧରେ କାବୁଲ ସ୍ଥିତ ଆଫଗାନି ଆଧାରିତ ପାକ୍ ଉଗ୍ରପନ୍ଥୀଙ୍କ ଆତଙ୍କବାଦୀ ଭିତ୍ତିଭୂମି ଏହା ରହିଥିଲା। ତେଣୁ ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳୀକୁ ଏହା ଧ୍ୱଂସ କରିଛି।

ସ୍ମରଣ କରାଯାଇପାରେ ଯେ ଦୁଇ ରାଷ୍ଟ୍ର ମଧ୍ୟରେ ତିକ୍ତତା ତଥା ସଂଘର୍ଷ ଗତ ଫେବୃୟାରୀରୁ ଲକ୍ଷ୍ୟ କରାଯାଇଆସୁଛି। ଆଫଗାନିସ୍ତାନ ସୀମା ପାର୍ ଆତଙ୍କବାଦୀ ଆକ୍ରମଣ ଚଳାଇବାରୁ ପାକିସ୍ତାନ କାବୁଲ ଉପରେ ଏୟାରଷ୍ଟ୍ରାଇକ କଲା ବୋଲି କୁହାଯାଇଛି। ତେବେ ଏହି ସଦ୍ୟ ଆକ୍ରମଣକୁ ଦେଖିଲେ ଜଣାପଡ଼େ ଯେ ପାକିସ୍ତାନ ଆଫଗାନିସ୍ତାନର ସାର୍ବଭୌମତ୍ୱ ଉପରେ ଅହେତୁକ ଭାବରେ ହାକିମାତି ପ୍ରଦର୍ଶନ କରୁଛି। ଯାହାକି ପାକିସ୍ତାନର ମନ୍ଦ ଉଦ୍ଦେଶ୍ୟ ସୂଚାଇ ଦେଉଛି। ପାକିସ୍ତାନ ପକ୍ଷରୁ ଏହି ଆକ୍ରମଣକୁ ସଂକ୍ଷେପରେ କହିଲେ ଏତିକି ହେବ ଯେ ଏହା ହେଉଛି ସଭ୍ୟ ଜଗତରେ ମାନବତା ବିରୋଧରେ ଏକ ଭୟଙ୍କର ଅପରାଧ। ଉଭୟ ଦେଶର ସାଧାରଣ ସୀମାରେ ଗୁଳିଗୋଳା ବିନିମୟ ବେଶ୍ କିଛିଦିନ ହେବ ଚାଲିଲାଣି। କାବୁଲ ଉପରେ ସଦ୍ୟ ଘଟଣା ପରିପ୍ରେକ୍ଷୀରେ ପ୍ରଶ୍ନ ଉଠିବ ଯଦି ଏହା ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳୀ ଥିଲା ତେବେ ସଂପୃକ୍ତ ସ୍ଥାନରୁ କି କି ଅସ୍ତ୍ର ବାହାରିଲା ସେନେଇ କୌଣସି ରିପୋର୍ଟ ନାହିଁ। ଯେଉଁମାନଙ୍କ ମୃତ୍ୟୁ ଘଟିଲା ସେଥିରୁ କେତେ ଜଣ ଥିଲେ ଆତଙ୍କବାଦୀ ?ବରଂ ଏ କ୍ଷେତ୍ରରେ ପାକିସ୍ତାନର ନୀରବତା ଓ ନିଷ୍କ୍ରିୟତା ହିଁ ପରିଲକ୍ଷିତ।

ଘଟିଥିବା ଆକ୍ରମଣ ପରିପ୍ରେକ୍ଷୀରେ ଭାରତ ପକ୍ଷରୁ କୁହାଯାଇଛି ଏହା ବର୍ବରୋଚିତ। ଅଧିକନ୍ତୁ ପାକିସ୍ତାନ ନିଜର ଆଭ୍ୟନ୍ତରୀଣ ବିଫଳତାଗୁଡ଼ିକୁ ଏଭଳି ଭାବରେ ପରିପ୍ରକାଶ କରି ବିଫଳତାର ଅହେତୁକ ବାହ୍ୟକରଣ ହିଁ କରୁଛି। ସହଜେ ଉପସାଗରୀୟ ଏକାଧିକ ଦେଶରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଜାରି ରହିଛି। ଯୁଦ୍ଧ କାରଣରୁ ଏଲ୍‌ପିଜିର ଅଭାବ ସାଙ୍ଗକୁ ନାନା ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ଘଟିଲାଣି। ଏଭଳି ସ୍ଥିତିରେ ପାକିସ୍ତାନ ନିଜ ଦେଶର ଶାସନ ବ୍ୟବସ୍ଥା କିଭଳି ଶୃଙ୍ଖଳିତ ହେବ ତାହା ଉପରେ ଧ୍ୟାନ ନ ଦେଇ ବିଶ୍ୱ ପ୍ରେକ୍ଷାପଟରେ ପଡ଼ୋଶୀ ରାଷ୍ଟ୍ର ଉପରେ ଦାଦାଗିରି ଦେଖାଇବା ସାର ହୋଇଛି। ସୁତରାଂ ଆଫଗାନିସ୍ତାନ ସହିତ ସଂଯମତା ଆଚରଣ ପରବର୍ତ୍ତେ ଆଞ୍ଚଳିକ ଶାନ୍ତି ତଥା ସ୍ଥିରତା ପ୍ରତି ପାକିସ୍ତାନ ଯେଉଁ ବିପଦ ସୃଷ୍ଟି କରିଚାଲିଛି ତାହା ଆଗକୁ ବୁମେରାଂ ହେବା ଏକ ପ୍ରକାର ଥୟ।

# ଘୋଡ଼ା ନା ଛେଳି,ମେଣ୍ଢା !

**ଶ୍ରୀମୟ କର**

> ଏହାଦ୍ୱାରା କ'ଣ ପ୍ରତିପାଦିତ ହେଲା ? ଏକ ନିର୍ଦ୍ଧାରିତ ମାନସିକତା ଅଭିହିତ କରି ବିଜେପି ବିରୁଦ୍ଧରେ ନବୀନ ପଟ୍ଟନାୟକଙ୍କ ପ୍ରଥମଥର ପାଇଁ ଯୁଦ୍ଧଂଦେହି ଆହ୍ୱାନ ଏବଂ କଂଗ୍ରେସ ଭଳି ଦଳ ବା ସାଥୀ ସହିତ ଅନେକ ବର୍ଷ ପରେ ସାଲିସ। ଏ ସାଲିସକୁ କେତେଦୂର ଲୋକେ ବା ସେମାନଙ୍କ ବିଧାୟକମାନେ ଗ୍ରହଣ କଲେ ? ଯେଉଁ ବିଧାୟକମାନେ ଏହାକୁ ଗ୍ରହଣ କରିପାରିଲେ ନାହିଁ, ସେମାନେ 'ମୂଲ୍ୟବୋଧ' ହେଉ ବା ଅନ୍ୟ ଯେ କୌଣସି କାରଣରୁ ହେଉ ସେମାନେ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟଙ୍କୁ ତାଙ୍କ 'ବିବେକ ଅନୁଯାୟୀ' ଭୋଟ ଦେଇ ଜିତାଇଲେ। ଜଣେ ପୁରୁଖା ରାଜନୈତିକ ଭାବେ ଦିଲୀପ ରାୟ ଫାଙ୍କ ବାଟର ଫାଇଦା ନେଲେ ବୋଲି କୁହାଯାଇପାରେ। ଫାଙ୍କ ସୃଷ୍ଟି କଲା କିଏ, ଦିଲୀପଙ୍କ ରାଜ୍ୟସଭା ଅଭିଳାଷ ପାଇଁ ?

ରାଜନୀତିରେ ଘୋଡ଼ା ବେପାର ବା କ୍ରସ୍ ଭୋଟିଂ କିଛି ନୂଆ ନୁହେଁ। ଏ ବେପାର ପଚାଶ ଦଶକରୁ ଚାଲିଆସିଛି। ଓଡ଼ିଶାରେ ସରିଥିବା ସଦ୍ୟତମ ରାଜ୍ୟସଭା ନିର୍ବାଚନରେ ଏହାର ଏକ ନୂତନ ସଂଜ୍ଞା ନିରୂପଣ କରିଛନ୍ତି ରାଜ୍ୟ କଂଗ୍ରେସ ପ୍ରଦେଶ କମିଟିର ସଭାପତି ଭକ୍ତ ଚରଣ ଦାସ। ତିନି କଂଗ୍ରେସ ବିଧାୟକଙ୍କୁ ସେ 'ଛେଳି ଓ ମେଣ୍ଢା' ଭଳି ନିଜକୁ ବିକ୍ରି କରିଦେଲେ ବୋଲି କହିବାକୁ ପଛାଇ ନାହାନ୍ତି। ରାଜନୀତି ଦୀର୍ଘଦିନରୁ ଆଉ ରାଜନୀତି ହୋଇନାହିଁ। ବରଂ ସୁବିଧାବାଦୀଙ୍କ ପାଇଁ ଏହା ଏକ ସହଜ ମାଧ୍ୟମ ବା ପନ୍ଥା ପାଲଟିଯାଇଛି ଯେଉଁଠି ସେବା ବା ମୂଲ୍ୟବୋଧ ପ୍ରାୟତଃ ଜଳାଞ୍ଜଳି ଦିଆଯାଇସାରିଲାଣି।

ଏହି ପରିପ୍ରେକ୍ଷୀରେ ପୋଖତ ନେତାମାନଙ୍କର 'ଘୋଡ଼ା ବେପାର' ଶବ୍ଦର ବ୍ୟବହାର ବା ଅପବ୍ୟବହାର କେବଳ ଶ୍ରୁତିକଟୁ ଲାଗୁନାହିଁ ବରଂ ସେମାନଙ୍କର ପ୍ରବଞ୍ଚନାମୟ ରାଜନୈତିକ ଜୀବନଶୈଳୀର ମୁଖା ଆହୁରି ଖୋଲି ଚାଲିଛି।

କିଏ ଆଜି ଘୋଡ଼ା ବେପାର ବା କ୍ରସ୍ ଭୋଟିଂ ନାମରେ ସହାନୁଭୂତି ଗୋଟାଇବାକୁ ଆଗେଇ ଆସିଛନ୍ତି ରାଜ୍ୟସଭା ନିର୍ବାଚନରେ ଲଜ୍ଜାଜନକ ପରାଜୟ ପରେ। ନବୀନ ପଟ୍ଟନାୟକ ବା ଭକ୍ତ ଚରଣ ଦାସ କ'ଣ ଓଡ଼ିଶା ରାଜ୍ୟସଭା ନିର୍ବାଚନର ହିସାବ ନିକାଶର କଳନା କରିପାରିନଥିଲେ ? ଉଭୟ ଅନୁଭବୀ ରାଜନୈତିକ ଓ ସମ୍ଭବତଃ ସେମାନେ ଫଳାଫଳ କ'ଣ ହେବ ଭଲ ଭାବେ ଜାଣି ମଧ୍ୟ ଜନସାଧାରଣଙ୍କୁ ଭୁଆଁ ବୁଲାଇବା ଉଦ୍ଦେଶ୍ୟରେ ଏକ ମେଣ୍ଟ କଲେ। କାରଣ ଆଜିର ରାଜନୀତି ସୁବିଧାବାଦ ଉପରେ ପର୍ଯ୍ୟବସିତ।

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ମୃତ୍ୟୁ ପରେ ଯେତେବେଳେ ବିଜେଡି ଗଠନ କରାଗଲା ତା'ର ଉଦ୍ଦେଶ୍ୟ ଥିଲା କ'ଣ ? ଓଡ଼ିଶାରୁ କଂଗ୍ରେସକୁ ହଟାଇବା ଏବଂ ବିଜେଡି ପକ୍ଷରୁ ତାହା ଏକାକୀ ସମ୍ଭବ ନ ଥିଲା। ତେଣୁ, ଏହି ଦଳ ବିଜେପି ସହିତ ହାତ ମିଳେଇ ଓଡ଼ିଶାରେ କଂଗ୍ରେସ ବିରୋଧରେ ଏକ ଦୃଢ଼ଶକ୍ତି ତିଆରି କରିବାରେ ସକ୍ଷମ ଥିଲା। ଏଠି କହିବା ବାହୁଲ୍ୟ ଯେ ବିଜୁପଟ୍ଟନାୟକ ତାଙ୍କ ଶେଷ ଜୀବନରେ ରାଜ୍ୟରେ ଏକ ନୂତନ ରାଜନୈତିକ ସମୀକରଣ ପାଇଁ ଚିନ୍ତାପ୍ରକଟ କରିଥିଲେ। କିନ୍ତୁ ତାଙ୍କ ଜୀବଦ୍ଦଶାରେ ତାହା ସମ୍ଭବ ହୋଇ ପାରିନଥିଲା।

ବିଜୁବାବୁଙ୍କ ଅନ୍ତେ, ବିଜେଡି ଗଠନ ପରେ ଏହି ମାନସିକତାର ଅନ୍ତ ଘଟିଥିଲା। ଦଳରେ ଏବଂ ବିଜେପି ସହିତ ସ୍ୱତଃପ୍ରବୃତ୍ତ ଭାବେ ହାତ ମିଳେଇଲେ ଯାହାକି କହିବାକୁ ଗଲେ ସିଧାସଳଖ ବା ପରୋକ୍ଷ ଭାବେ ୨୦୨୪ ପର୍ଯ୍ୟନ୍ତ ଚାଲିଥିଲା।

ନବୀନ ପଟ୍ଟନାୟକ ଜଣେ ଧୂରୀଣ ରାଜନୀତିଜ୍ଞ। ହଲିଲା ପାଣିରେ ସେ ଗୋଡ଼ ବୁଡ଼େଇବା ପାଇଁ କେବେ ବି ନ ଥିଲେ ଆଜି ମଧ୍ୟ ନୁହନ୍ତି। ନିଜର ସ୍ୱାର୍ଥ ପାଇଁ କେଉଁ ପରିସ୍ଥିତିରେ କିଭଳି ଗୋଟିଚାଳନା କରାଯାଇପାରେ ସେ ବାବଦରେ ସାମ୍ପ୍ରତିକ ଭାରତୀୟ ରାଜନେତାମାନେ ତାଙ୍କଠୁ ଶିକ୍ଷା ଲାଭ କରିବା ଦରକାର। ବିନା ଦ୍ୱେଷରେ ସେ ନିଜର ବିଚାର ଓ ଅସ୍ତିତ୍ୱକୁ ଅତି ଚମତ୍କାର ଭାବେ ସାବ୍ୟସ୍ତ କରିପାରିଛନ୍ତି। ତାଙ୍କର ଭଲ ଗୁଣ ହେଲା ଦେଶ ପାଇଁ ଯାହା ସଠିକ୍, ତାହା



କଂଗ୍ରେସ ନେତୃତ୍ୱରେ ଗଠିତ ୟୁପିଏ ସରକାର ହେଉ ବା ଏନ୍‌ଡିଏ ସରକାର ହେଉ ପରିସ୍ଥିତି ଅନୁଯାୟୀ ସେ ତାଙ୍କର ସମର୍ଥନ ଦେଇ ଆସିଛନ୍ତି। ସେଇଟା ଥିଲା ତାଙ୍କର ବିଚାରବନ୍ତ ଓ ପରିପକ୍ୱ ମସ୍ତିଷ୍କର ସ୍ଥିତପ୍ରଜ୍ଞତା।

ଆଜିର ପ୍ରଶ୍ନଟି ହେଲା,ଯେଉଁ ବ୍ୟକ୍ତି ଚିରାଚରିତ ଢଙ୍ଗରେ ସର୍ବଦା କଂଗ୍ରେସ ଓ ବିଜେପି ଠାରୁ ସମଦୂରତା ରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ବିଭିନ୍ନ ମଞ୍ଚ ଓ ଆଳରେ ଘୋଷଣା କରିଆସିଛନ୍ତି ଏବଂ ପ୍ରକୃତପକ୍ଷେ ସେ ସେଇ ଉକ୍ତିଟିକୁ କେତେ ପାଳନ କରିଛନ୍ତି ? ଏହି ଲେଖକଙ୍କ ମତରେ ଆଦୌ ନୁହେଁ। ପରିସ୍ଥିତି ଅନୁଯାୟୀ ସେହି ବ୍ୟକ୍ତି ସୁବିଧାବାଦର ପନ୍ଥା ଅନୁସରଣ କରିଛନ୍ତି। ସେଇଟା ତାଙ୍କର ବିଚାରଧାରା। ତାହା ଠିକ୍ କି ଭୁଲ୍ ସେ ଓ ଜନସାଧାରଣ ତଉଲିବେ ବୋଲି କୁହାଯାଇପାରେ।

ଏବେ ଯିବା ରାଜ୍ୟର ରାଜ୍ୟସଭା ନିର୍ବାଚନକୁ। ବିଧାନସଭାରେ ଦଳଗୁଡ଼ିକର ସଂଖ୍ୟା ନେଇ ରାଜ୍ୟସଭା ନିର୍ବାଚନ ଅଙ୍କ ଅତ୍ୟନ୍ତ ସ୍ପଷ୍ଟ, ଆଜି ନୁହେଁ ବରଂ ୨୦୨୪ ବିଧାନସଭା ଫଳାଫଳ ଠାରୁ। କେଉଁ ବର୍ଷ କେଉଁ ପରିସ୍ଥିତିରେ କେଉଁ ଦଳର କେତେ ଜଣ ପ୍ରାର୍ଥୀ ଜିତିବେ ତାହା ସମ୍ପୂର୍ଣ୍ଣ ଭାବେ ସମସ୍ତଙ୍କୁ ଦୃଶ୍ୟମାନ। କାରଣ ଏହା ସାଧାରଣ ଅଙ୍କ ଉପରେ ଆଧାରିତ, ରକେଟ୍ ବିଜ୍ଞାନ ଉପରେ ନୁହେଁ। ସଂଖ୍ୟା ନ ଥାଇ ବା ଦ୍ୱିତୀୟ ପ୍ରିଫେରେନସ୍ ଭୋଟକୁ ଆଧାରକୁ ନ ନେଇ ରାଜ୍ୟସଭା ଭୋଟ୍‌କୁ କଳନା କରିବା ଏକ ଧୃଷ୍ଟତା ବା ରାଜନୈତିକ ବଳ କଷାକଷି। ଜନସାଧାରଣଙ୍କୁ କ'ଣ ସନ୍ଦେଶ ଦିଆଯାଉଛି ବିରୋଧୀ ଦଳ ପକ୍ଷରୁ- ଆମେ ବି ଜିତିପାରିବୁ ଚତୁର୍ଥ ସିଟ୍ ଯଦିଓ ଅଙ୍କ ଓଲଟା ସୂଚାଉଛି। ନିରୀହ ଜନତା ଏହି ରାଜନୈତିକ ଚକ୍ରବ୍ୟୂହରେ ଭାସିଯାଆନ୍ତି ଏବଂ ଭାବନ୍ତି ନବୀନ ପଟ୍ଟନାୟକ ଓ ଭକ୍ତ ଚରଣ ଦାସ ହେଲେ ଯୋଦ୍ଧା, ସରକାରୀ ଦଳ ବିରୁଦ୍ଧରେ ଏକ ସୁଚିନ୍ତିତ ଯୋଜନା ରଚିଛନ୍ତି ତାଙ୍କୁ ପାନେ ଦେବାକୁ।

ଏହାଦ୍ୱାରା କ'ଣ ପ୍ରତିପାଦିତ ହେଲା ? ଏକ ନିର୍ଦ୍ଧାରିତ ମାନସିକତା ଅଭିହିତ କରି ବିଜେପି ବିରୁଦ୍ଧରେ ନବୀନ ପଟ୍ଟନାୟକଙ୍କ ପ୍ରଥମଥର ପାଇଁ ଯୁଦ୍ଧଂଦେହି ଆହ୍ୱାନ ଏବଂ କଂଗ୍ରେସ ଭଳି ଦଳ ବା ସାଥୀ ସହିତ ଅନେକ ବର୍ଷ ପରେ ସାଲିସ। ଏ ସାଲିସକୁ କେତେଦୂର ଲୋକେ ବା ସେମାନଙ୍କ ବିଧାୟକମାନେ ଗ୍ରହଣ କଲେ ? ଯେଉଁ ବିଧାୟକମାନେ ଏହାକୁ ଗ୍ରହଣ କରିପାରିଲେ ନାହିଁ, ସେମାନେ 'ମୂଲ୍ୟବୋଧ' ହେଉ ବା ଅନ୍ୟ ଯେକୌଣସି କାରଣରୁ ହେଉ ସେମାନେ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟଙ୍କୁ ତାଙ୍କ 'ବିବେକ ଅନୁଯାୟୀ' ଭୋଟ ଦେଇ ଜିତାଇଲେ। ଜଣେ ପୁରୁଖା ରାଜନୈତିକ ଭାବେ ଦିଲୀପ ରାୟ ଫାଙ୍କ ବାଟର ଫାଇଦା ନେଲେ ବୋଲି କୁହାଯାଇପାରେ। ଫାଙ୍କ ସୃଷ୍ଟି କଲା କିଏ ଦିଲୀପଙ୍କ ରାଜ୍ୟସଭା ଅଭିଳାଷ ପାଇଁ?

ବିଜେଡି ଏବଂ କଂଗ୍ରେସର ଅବାଞ୍ଛିତ ମେଣ୍ଟ ପାଇଁ କି ! ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କ ନାମ ଆସିଥିଲା ଚତୁର୍ଥ ପ୍ରାର୍ଥୀ ଭାବେ। ନବୀନ ବାବୁ ଏହାକୁ ସ୍ୱୀକୃତି ଦେଲେ। ତା'ପରେ ଚାଲିଲା ଅଙ୍କ ଏବଂ ରାଜନୈତିକ ବଳ କଷାକଷି।

ଗୋଟିଏ ପ୍ରଶ୍ନ ସ୍ୱତଃ ସମସ୍ତଙ୍କୁ ଆନ୍ଦୋଳିତ କଲା ଯେ ରାଜ୍ୟସଭା ନିର୍ବାଚନର ଦେଢ ଦି'ମାସ ପୂର୍ବରୁ ସନା ମହାକୁଡ଼ ଓ ଅରବିନ୍ଦ ମହାପାତ୍ରଙ୍କୁ ବିଜେଡି କାହିଁକି ଦଳରୁ ନିଲମ୍ବିତ କଲା ? ସେମାନଙ୍କୁ ତାଙ୍କର ବକ୍ତବ୍ୟ ରଖିବାକୁ ଦିଆଗଲା ନାହିଁ। ନବୀନ ବାବୁ କ'ଣ ଏହାର ରାଜ୍ୟସଭା ନିର୍ବାଚନରେ ସୁଦୂରପ୍ରସାରୀ ପ୍ରଭାବ କଳନା କରିପାରିଲେ ନାହିଁ ବା ତାଙ୍କୁ ତାଙ୍କର ସହଚରମାନେ ବୁଝାଇପାରିଲେ ନାହିଁ ? ବିଜେଡି ଭଳି ଦଳରୁ ଆଠ ଜଣ କ୍ରସ୍ ଭୋଟିଂ କଲେ ଯେଉଁମାନଙ୍କ ଭିତରୁ ଅଧା ଖୋର୍ଦ୍ଧା ଲୁଙ୍ଗି ପିନ୍ଧି, ଠାକୁରଙ୍କ ଶପଥ କରି ନବୀନ ନିବାସରେ ରାତ୍ରିଯାପନ କଲେ।

ଏ କଥା ନିତାନ୍ତ ସତ୍ୟ ଯେ ବିଜେଡିର ଆଠଜଣ ଓ କଂଗ୍ରେସର ତିନିଜଣ ବିଧାୟକ ଓ ବିଧାୟିକା ଯେଉଁମାନେ ଦଳର ନିଷ୍ପତ୍ତି ବିରୁଦ୍ଧରେ ଯାଇ ଦିଲୀପ ରାୟଙ୍କ ସପକ୍ଷରେ ଭୋଟ ଦେଇଛନ୍ତି ସେମାନେ ଦଳର ନିଷ୍ପତ୍ତି ସହ ଏକମତ ନ ଥିଲେ। ସେମାନେ ପ୍ରକଟ କରିଛନ୍ତି ଯେ ସେମାନେ ତାଙ୍କ ବିବେକ ଅନୁଯାୟୀ ଭୋଟ ଦେଇଛନ୍ତି। ପ୍ରଶ୍ନ ଉଠେ,ରାଜନୀତିରେ ସାଧୁତା ଅଛି କି ?

ଭୁବନେଶ୍ୱର

# ମଧ୍ୟପ୍ରାଚ୍ୟ ଯୁଦ୍ଧର ଅବସାନ ଦ୍ୱନ୍ଦ୍ୱ

**ଡକ୍ଟର ଲକ୍ଷ୍ମଣ ସାହୁ**

ଇରାନ ଓ ଇସ୍ରାଏଲ-ଆମେରିକା ଯୁଦ୍ଧର ଅବସାନ କେବେ ? ଏନେଇ ନାନା ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ନୂତନ ସର୍ବୋଚ୍ଚ ନେତା ମୋଜତାବା ଖାମେନି ଇରାନର ପରମାଣୁ ଓ କ୍ଷେପଣାସ୍ତ୍ର ପରିତ୍ୟାଗ କରିବାକୁ ନାରାଜ । ଅନ୍ୟ ପକ୍ଷରେ ହିଜବୋଲ୍ଲା ଭଳି ଆଞ୍ଚଳିକ ପ୍ରକ୍ସିକୁ ସମର୍ଥନ କରିବା ବନ୍ଦ କରିବାକୁ ରାଜି ହେବାର ସମ୍ଭାବନା କମ୍ । କିନ୍ତୁ ନୂତନ ଖାମେନିଙ୍କ ଶାସନ ବହୁତ କମ୍ ହୋଇପାରେ । ତାଙ୍କ ପରେ ଯିଏ ବି ଶାସନ ଭାର ଯଦି ଗ୍ରହଣ କରନ୍ତି ତେବେ ଦାହା ଦୁର୍ବଳ ଓ ବିଚ୍ଛିନ୍ନତାର ସମ୍ମୁଖୀନ ହେବା ଆଶଙ୍କା ଅଧିକ । ଆମେରିକୀୟ ସୈନ୍ୟବାହିନୀ ଖାର୍ଗ ଦ୍ୱୀପକୁ କବ୍‌ଜା କରିବା ମତଲବରେ ରହିଛି । ଯାହା ଇରାନର ପ୍ରାୟ ୯୦ ପ୍ରତିଶତ ତୈଳ ରପ୍ତାନି ପାଇଁ ଏକ ଟର୍ମିନାଲ ଭାବରେ କାର୍ଯ୍ୟ କରେ ।

ଆମେରିକା ଓ ଇସ୍ରାଏଲ ଇରାନର ଅବଶିଷ୍ଟ ପରମାଣୁ ସ୍ଥାନଗୁଡ଼ିକ ଉପରେ ଆକ୍ରମଣ କରିବା ପୂର୍ବରୁ ଏହି ଯୁଦ୍ଧ ଶେଷ ହୋଇଯିବ ବୋଲି କଳ୍ପନା କରିବା କଷ୍ଟକର । ହର୍ମୁଜ୍ ପ୍ରଣାଳୀରେ ଏକ ବଡ଼ ଆତଙ୍କବାଦୀ ଆକ୍ରମଣ କିମ୍ବା ଲ୍ୟାଣ୍ଡମାଇନ୍ ବିଛାଇବା ପାଇଁ ଇରାନର ଯେକୌଣସି ପ୍ରୟାସ ଆଉ ଏକ ଯୁଦ୍ଧକୁ ତ୍ୱରାନ୍ୱିତ କରିପାରେ।

ଇରାନୀ ନେତାମାନେ ନିଜକୁ ଅଭେଦ୍ୟ ମନେ କରୁଥିବା ଯୁଗ ଶେଷ ହୋଇଛି । ଏହା



ସୂଚାଇ ଦିଏ ଯେ ଇରାନୀ ଶାସନ କେବଳ ଏକ ନିର୍ଜୀବ ଅବସ୍ଥାରେ ବଞ୍ଚି ରହିପାରିବ । ଫଳସ୍ୱରୂପ କିଛି ବର୍ଷ ମଧ୍ୟରେ ଶାସନ ପରିବର୍ତ୍ତନ ହୋଇପାରେ । ସମ୍ଭବତଃ ନେତୃତ୍ୱ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ କିମ୍ବା ଅନ୍ୟ ଏକ ଲୋକପ୍ରିୟ ବିଦ୍ରୋହ ଯୋଗୁଁ ଘଟୁଛି । ଉଭୟ କ୍ଷେତ୍ରରେ ଶାସନର ଦିନ ଗଣନା କରାଯାଇଛି । ଏହାର ଏକ କୁତ୍ସିତ ଦିଗ ମଧ୍ୟ ଅଛି: ଶାସନ ପରିବର୍ତ୍ତନ ନୁହେଁ, ବରଂ ରାଷ୍ଟ୍ର ପତନ । ସବୁଠାରୁ ଚିନ୍ତାଜନକ ଫଳାଫଳ ସିରିଆର ୧୩ ବର୍ଷର ଗୃହଯୁଦ୍ଧ ପରି ହୋଇପାରେ ଯେଉଁଥିରେ ବିଦ୍ୟମାନ ଶାସନ ଇରାନର କିଛି ଅଞ୍ଚଳରେ ବଞ୍ଚି ରହିଛି । କିନ୍ତୁ ଅନ୍ୟ ସ୍ଥାନରେ ପତନ ହୋଇଛି । ଫଳରେ ବିଦେଶୀ ହସ୍ତକ୍ଷେପ ଓ ବହୁ ପରିମାଣର ଧନ ଜୀବନ ଓ ସମ୍ପତ୍ତି କ୍ଷତି ହେବ । ଏହା ପଶ୍ଚିମ ଏସିଆରୁ ୟୁରୋପ ଓ ଅଷ୍ଟ୍ରେଲିଆ ପର୍ଯ୍ୟନ୍ତ ଶରଣାର୍ଥୀଙ୍କ ବନ୍ୟା ମଧ୍ୟ ଆଣିପାରେ । ଏଥିରେ ଟ୍ରମ୍ପ ଇରାକର କୁର୍ଦ୍ଦିସ ବାହିନୀକୁ ଇରାନକୁ ପ୍ରବେଶ କରିବାକୁ ବାରଣ କରିଥିଲେ। ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । କିନ୍ତୁ ଯଦି ଇରାନର ଦୁର୍ବଳ ସରକାର ଏହାର ସୀମା ମଧ୍ୟରେ ଅଶାନ୍ତ କୁର୍ଦ୍ଦମାନଙ୍କ ବିରୁଦ୍ଧରେ ନରସଂହାର ଆରମ୍ଭ କରେ, ତେବେ ଏହି ଶକ୍ତି ଚୁପ୍ ବସି ରହିବ ନାହିଁ ।

ଦକ୍ଷିଣ-ପୂର୍ବରେ ଇରାନର ବାଲୁଚ୍ ସଂଖ୍ୟାଲଘୁ ଓ ଦକ୍ଷିଣ-ପଶ୍ଚିମରେ ଇରାନୀ ଆରବମାନଙ୍କ ସହିତ ସମାନ ପରିସ୍ଥିତି ସୃଷ୍ଟି ହୋଇପାରେ । ଇସ୍ରାଏଲୀମାନେ ଏହାକୁ ଆପତ୍ତି ନ କରିପାରନ୍ତି, ସେମାନେ ବିଶ୍ୱାସ କରନ୍ତି ଯେ ଏକ ଭାଙ୍ଗିଯାଇଥିବା ଇରାନ ଅନ୍ୟ କାହାର ସମସ୍ୟା । କିନ୍ତୁ ଏହା ଆମେରିକା ଓ ଆରବ ସହଯୋଗୀମାନଙ୍କ ପାଇଁ, ଇରାନରେ ଦୀର୍ଘକାଳୀନ ଆଭ୍ୟନ୍ତରୀଣ ସଂଘର୍ଷ ପରମାଣୁ ବିପଦର ଅନ୍ତ କରିପାରେ ।

କଟକ -୪
ମୋ : ୯୦୪୦ ୧୫୧୪ ୭୫

# ସଞ୍ଚୟ ଏବଂ ଖର୍ଚ୍ଚର ସନ୍ତୁଳନ ଜରୁରୀ

**ଗୋପାଳ ମହାପାତ୍ର**

> ଭାରତୀୟ ପରମ୍ପରାରେ ସଞ୍ଚୟକୁ କେବଳ ଆର୍ଥିକ କ୍ରିୟା ନୁହେଁ ବରଂ ଏକ ସଦ୍‌ଗୁଣ ବୋଲି କୁହାଯାଏ। ଆଜିର ସଞ୍ଚୟ, ଆଗାମୀ କାଲିର ସମ୍ବଳ ବୋଲି ମଧ୍ୟ କୁହାଯାଏ। ଗୃହସ୍ଥ ଜୀବନରେ ସନ୍ତୁଳନ, ସଂଯମ ଓ ସଞ୍ଚୟକୁ ଜୀବନ ମୂଲ୍ୟ ରୂପେ ସ୍ୱୀକାର କରାଯାଇଛି। ପିଲାଙ୍କ କୁମ୍ଭି ବା ସରାଗାତ, ଧାନର ଓଳିଆ, ଗହଣା ରୂପରେ ସୁରକ୍ଷିତ ଧନ ଏବଂ ପର୍ବପର୍ବାଣିରେ ସୀମିତ ଖର୍ଚ୍ଚ ଭାରତୀୟ ଜୀବନଶୈଳୀର ଅଂଗ ଥିଲା। ସଙ୍କଟ ସମୟରେ ଭାରତୀୟ ପରିବାର କାହା ଆଗରେ ହାତ ପତାଇବା ପରିବର୍ତ୍ତେ ନିଜର ଜମା ପୁଂଜି ଏବଂ ସଂସାଧନ ଉପରେ ଭରସା କରୁଥିଲେ। ଏହି ଆତ୍ମନିର୍ଭରତା ଭାରତୀୟ ସମାଜର ଶକ୍ତି ଥିଲା। କିନ୍ତୁ ପରିବର୍ତ୍ତିତ ଜୀବନ ଶୈଳୀ ଏବଂ ବଜାର ସଂସ୍କୃତି ଏହି ପରମ୍ପରାକୁ ଦୁର୍ବଳ କରିଦେଇଛି। ଏବେ ଆସନ୍ତାକାଲି ବିଷୟରେ ନ ଭାବି ଆଜି ପାଇଁ ଭାବିବାର ମାନସିକତା, ସହଜରଣ, ଇଏମ୍‌ଆଇ ସଂସ୍କୃତି, କ୍ରେଡିଟକାର୍ଡ, ଅନଲାଇନ୍ ଶପିଂ (କ୍ରୟ) ଏବଂ ସାମାଜିକ ଗଣ ମାଧ୍ୟମରେ ଦେଖେଇ ହେବାର ମାନସିକତା ଖର୍ଚ୍ଚକୁ ଏକ ପ୍ରକାର ପରିଚୟରେ ପରିଣତ କରିଦେଇଛି।

କରୋନା ମହାମାରୀ ପରଠାରୁ ସାରା ଦୁନିଆ କେବଳ ସ୍ୱାସ୍ଥ୍ୟର ସ୍ତରରେ ନୁହେଁ ବରଂ ଆର୍ଥିକ ସ୍ତରରେ ଏବଂ ବ୍ୟବହାରରେ ମଧ୍ୟ ସଂକ୍ରମଣର ଶିକାର ହୋଇଛି। ବୈଶ୍ୱିକ ଆମଦାନି ଶୃଙ୍ଖଳାର ଅସ୍ଥିରତା, ଭୂରାଜନୈତିକ ଚାପ, ଦରଦାମ ବୃଦ୍ଧି, ଟେକନିକ ଆଧାରିତ ବଜାର ଏବଂ ଉପଭୋକ୍ତାବାଦ ସଂସ୍କୃତିର ତୀବ୍ର ପ୍ରସାର ଲୋକଙ୍କ ଖର୍ଚ୍ଚ ବା ବ୍ୟୟ କରିବାର ପ୍ରବୃତ୍ତିକୁ ବଢାଇ ଦେଇଛି। ଏହି ପରିବର୍ତ୍ତନର ସବୁଠାରୁ ଗଭୀର ପ୍ରଭାବ ସଞ୍ଚୟ ଉପରେ ପଡ଼ିଛି। ଭାରତ ସମେତ ଅନେକ ଦେଶରେ ଘରୋଇ ସଞ୍ଚୟ (ସାଧାରଣ ଲୋକଙ୍କ ସଞ୍ଚୟ ପ୍ରବୃତ୍ତି) ଐତିହାସିକ ରୂପେ ତଳସ୍ତରକୁ ଖସି ଆସିଛି। ଉପଭୋଗ ବଢୁଛି କିନ୍ତୁ ଭବିଷ୍ୟତର ସୁରକ୍ଷା ପାଇଁ ଆବଶ୍ୟକ ସଞ୍ଚୟର ହାର ନିରନ୍ତର କମିବାରେ ଲାଗିଛି। ଏଭଳି ସ୍ଥିତି କେବଳ ଆର୍ଥିକ ନୁହେଁ ବରଂ ସାମାଜିକ ଏବଂ ସାଂସ୍କୃତିକ ବ୍ୟବସ୍ଥା ପାଇଁ ଚିନ୍ତାର ବିଷୟ ପାଲଟିଛି। ଭାରତ ଭଳି ଦ୍ରୁତ ବିକାଶଶୀଳ ଅର୍ଥବ୍ୟବସ୍ଥା ପାଇଁ ଘରୋଇ ସଞ୍ଚୟ ସବୁବେଳେ ବିକାଶର ମୂଳଦୁଆ ଭାବେ ରହିଆସିଛି। ବୁନିଆଦି ଢାଞ୍ଚା ଠାରୁ ଆରମ୍ଭ କରି ଔଦ୍ୟୋଗିକ ନିବେଶ ପର୍ଯ୍ୟନ୍ତ ଭାରତର ବିକାଶ ଗାଥାରେ ଘରୋଇ ସଞ୍ଚୟର ଭୂମିକା ନିର୍ଣ୍ଣାୟକ ରହିଆସିଛି। ପରନ୍ତୁ ଏବେ ସ୍ଥିତି ପରିବର୍ତ୍ତନ ହେବାରେ ଲାଗିଛି। ଯୁବବର୍ଗଙ୍କ ସଞ୍ଚୟ କରିବାର ପ୍ରବୃତ୍ତି କମିବାରେ ଲାଗିଛି। ଯୁବବର୍ଗଙ୍କ ସଞ୍ଚୟର ହାର ୧୦ ରୁ ୧୫ ପ୍ରତିଶତରେ ପହଞ୍ଚିଛି। ଅର୍ଥାତ୍ ଯୁବବର୍ଗଙ୍କ ମଧ୍ୟରେ ସଞ୍ଚୟକୁ ନେଇ ମାନସିକତା କମିଛି। ଏହା କୌଣସି ବି ବିକାଶଶୀଳ ଅର୍ଥବ୍ୟବସ୍ଥା ପାଇଁ ସନ୍ତୋଷ ଜନକ ବୋଲି କୁହାଯାଇ ପାରିବ ନାହିଁ। ଭାରତ ବିଶ୍ୱର ୩ୟ ବୃହତ୍ ଅର୍ଥ ବ୍ୟବସ୍ଥାରେ ପରିଣତ ହେବା ଦିଗରେ ଅଗ୍ରସର ହେଉଛି। ଏଭଳି ସମୟରେ ସଞ୍ଚୟ ଏବଂ ଖର୍ଚ୍ଚ ମଧ୍ୟରେ ଅସନ୍ତୁଳନ ଏକ ଗମ୍ଭୀର ଚେତାବନୀ ଭାବେ ସାମନାକୁ ଆସୁଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଯୁବ ବର୍ଗଙ୍କ ଭୂମିକାକୁ ସବୁବେଳେ ନିର୍ଣ୍ଣାୟକ ବୋଲି କହୁଛନ୍ତି। ସଞ୍ଚୟ କେବଳ ବ୍ୟକ୍ତିଗତ ସୁରକ୍ଷା ନୁହେଁ ବରଂ ରାଷ୍ଟ୍ର ନିର୍ମାଣର ମୂଳଦୁଆ ଅଟେ। ସଞ୍ଚୟ କରିବାର ପ୍ରବୃତ୍ତି ଓ ସଂସ୍କୃତି ଯୁବବର୍ଗଙ୍କ ମଧ୍ୟରେ ଆତ୍ମନିର୍ଭରତା, ଅନୁଶାସନ ଏବଂ ଦୀର୍ଘକାଳୀନ ବିଚାରଧାରାର ବିକାଶ କରିଥାଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନ-ଧନ ଯୋଜନା, ସୁକନ୍ୟା-ସମୃଦ୍ଧି ଯୋଜନା, ଅଟଳ ପେନସନ ଯୋଜନା, ଡିଜିଟାଲ ସଞ୍ଚୟ ଏବଂ ନିବେଶ ଭଳି ଯୋଜନାକୁ ପ୍ରୋତ୍ସାହିତ କରି ସ୍ପଷ୍ଟ ସନ୍ଦେଶ ଦେଇଛନ୍ତି ଯେ ନିୟମିତ ଛୋଟ ଛୋଟ ନିବେଶ ଭବିଷ୍ୟତର ବୃହତ୍ ଆର୍ଥିକ ଶକ୍ତି ହୋଇପାରିବ। ଲୋକେ ଯଦି ଅନାବଶ୍ୟକ ଖର୍ଚ୍ଚ ନକରି ସେହି ଅର୍ଥକୁ ସଞ୍ଚୟ କରିବେ ତେବେ ଭାରତର ଅର୍ଥବ୍ୟବସ୍ଥା ସ୍ଥିର, ସମାବେଶୀ ଏବଂ ବିଶ୍ୱସ୍ତରରେ ପ୍ରତିସ୍ପର୍ଦ୍ଧୀ ହୋଇପାରିବ କାରଣ ଆତ୍ମନିର୍ଭର ଜନତା/ଯୁବବର୍ଗ ହିଁ ସଶକ୍ତ ଭାରତର ସବୁଠାରୁ ବଡ଼ ପୁଞ୍ଜି।

ଭାରତୀୟ ପରମ୍ପରାରେ ସଞ୍ଚୟକୁ କେବଳ ଆର୍ଥିକ କ୍ରିୟା ନୁହେଁ ବରଂ ଏକ ସଦ୍‌ଗୁଣ ବୋଲି କୁହାଯାଏ। ଆଜିର ସଞ୍ଚୟ, ଆଗାମୀ କାଲିର ସମ୍ବଳ ବୋଲି ମଧ୍ୟ କୁହାଯାଏ। ଗୃହସ୍ଥ ଜୀବନରେ ସନ୍ତୁଳନ, ସଂଯମ ଓ ସଞ୍ଚୟକୁ ଜୀବନ ମୂଲ୍ୟ ରୂପେ ସ୍ୱୀକାର କରାଯାଇଛି। ପିଲାଙ୍କ କୁମ୍ଭି ବା ସରାଗାତ, ଧାନର ଓଳିଆ, ଗହଣା ରୂପରେ ସୁରକ୍ଷିତ ଧନ ଏବଂ ପର୍ବପର୍ବାଣିରେ ସୀମିତ ଖର୍ଚ୍ଚ ଭାରତୀୟ ଜୀବନଶୈଳୀର ଅଂଗ ଥିଲା। ସଙ୍କଟ ସମୟରେ ଭାରତୀୟ ପରିବାର କାହା ଆଗରେ ହାତ ପତାଇବା ପରିବର୍ତ୍ତେ ନିଜର ଜମା ପୁଂଜି ଏବଂ ସଂସାଧନ ଉପରେ ଭରସା କରୁଥିଲେ। ଏହି ଆତ୍ମନିର୍ଭରତା ଭାରତୀୟ ସମାଜର ଶକ୍ତି ଥିଲା। କିନ୍ତୁ ପରିବର୍ତ୍ତିତ ଜୀବନ ଶୈଳୀ ଏବଂ ବଜାର ସଂସ୍କୃତି ଏହି ପରମ୍ପରାକୁ ଦୁର୍ବଳ କରିଦେଇଛି। ଏବେ ଆସନ୍ତାକାଲି ବିଷୟରେ ନ ଭାବି ଆଜି ପାଇଁ ଭାବିବାର ମାନସିକତା, ସହଜରଣ, ଇଏମ୍‌ଆଇ ସଂସ୍କୃତି, କ୍ରେଡିଟକାର୍ଡ, ଅନଲାଇନ୍ ଶପିଂ (କ୍ରୟ) ଏବଂ ସାମାଜିକ ଗଣ ମାଧ୍ୟମରେ ଦେଖେଇ ହେବାର ମାନସିକତା ଖର୍ଚ୍ଚକୁ ଏକ ପ୍ରକାର ପରିଚୟରେ ପରିଣତ କରିଦେଇଛି। ଉପଭୋଗ ଏବେ ଆବଶ୍ୟକତା ଠାରୁ ଅଧିକ ଆକାଂକ୍ଷାରେ ସଞ୍ଚାଳିତ ହେବାରେ ଲାଗିଛି। ଏବେ ସଞ୍ଚୟ ଯେମିତି ଏକ ଅସ୍ପଷ୍ଟ ଚିନ୍ତା ଭଳି ଲୋକଙ୍କୁ ଲାଗିଲାଣି ଏହି ସ୍ଥିତି ଭାରତୀୟ ଦର୍ଶନର ମୂଳ ଭାବନାର ବିପରୀତ ଅଟେ। ଭାରତୀୟ ବିଚାର ପରମ୍ପରା ଅତି ଭୋଗବାଦର ପକ୍ଷଧର ନୁହେଁ। କିମ୍ବା ଅତି ତ୍ୟାଗର ପକ୍ଷଧର ନୁହେଁ। ସମ, ସନ୍ତୁଳନ ଏବଂ ବିବେକର ମାର୍ଗକୁ ଶ୍ରେଷ୍ଠ ବୋଲି କୁହାଯାଏ। ଏହି ସିଦ୍ଧାନ୍ତ ଆର୍ଥିକ ଜୀବନରେ ମଧ୍ୟ ଲାଗୁ। ଉପଭୋଗର ଆବଶ୍ୟକତା ରହିଛି କାରଣ ଏହାଦ୍ୱାରା ଅର୍ଥବ୍ୟବସ୍ଥା ଗତିଶୀଳ ହୋଇଥାଏ, ରୋଜଗାର ସୃଜନ ହୁଏ ଏବଂ ନବାଚାରକୁ କୁପ୍ରୋତ୍ସାହନ ମିଳିଥାଏ। କିନ୍ତୁ ଯେତେବେଳେ ଖର୍ଚ୍ଚ ଅନିୟନ୍ତ୍ରିତ ହୋଇଯାଏ ଏବଂ ସଞ୍ଚୟ ଉପେକ୍ଷିତ ହୁଏ ସେତେବେଳେ କେବଳ ବ୍ୟକ୍ତି ନୁହେଁ ସମାଜ ଏବଂ ରାଷ୍ଟ୍ର ଅସୁରକ୍ଷିତ ହୋଇଯାଏ।

ଭାରତୀୟ ଆର୍ଥିକ ବିଚାରଧାରାରେ ସଞ୍ଚୟକୁ ଆର୍ଥିକ ସୁରକ୍ଷା ଏବଂ ବିକାଶର ଆଧାର ଭାବେ ଗ୍ରହଣ କରାଯାଇଥାଏ ଯେଉଁଠି ଘର-ପରିବାରର ଆୟର ଅଧିକ ଭାଗ ଘରୋଇ ସଞ୍ଚୟ ଯଥା ସୁନା, ସ୍ଥାୟୀ ଜମା ଭଳି ଯୋଜନାରେ କରାଯାଇଥାଏ। କିନ୍ତୁ ନୂଆ ପିଢ଼ି ଏକଥାକୁ ଗ୍ରହଣ କରିବାକୁ ନାରାଜ। ଏଣୁ ସଞ୍ଚୟର ହାର କମିବାରେ ଲାଗିଛି। ଆଜିର ବୈଶ୍ୱିକ ପରିସ୍ଥିତି ଏହି ଅସୁରକ୍ଷାକୁ ଅଧିକ ଗଭୀର କରିଛି। ଭୂରାଜନୈତିକ ଅବ୍ୟବସ୍ଥା, ଯୁଦ୍ଧ, ଜଳବାୟୁ ସଙ୍କଟ, ଟେକ୍‌ନିକ ପରିବର୍ତ୍ତନ ଏବଂ ରୋଜଗାରର ଅନିଶ୍ଚିତତାରୁ ସ୍ପଷ୍ଟ ଯେ ଭବିଷ୍ୟତ ପୂର୍ବାପେକ୍ଷା ଅଧିକ ଅସ୍ଥିର ହେବାକୁ ଯାଉଛି। ଏଭଳି ସ୍ଥିତିରେ ସଞ୍ଚୟ ଏବଂ ନିବେଶ ଉଭୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ। ଯଦି ଭାରତୀୟ ସମାଜ ନିଜର ସଞ୍ଚୟ ସଂସ୍କୃତିରୁ ଦୂରେଇଯିବ ତେବେ ଆର୍ଥିକ ଆତ୍ମନିର୍ଭରତା ଦୁର୍ବଳ ହୋଇଯିବ। ଫଳତଃ ଦେଶ ବିଦେଶୀ ପୁଂଜି ଉପରେ ଅଧିକ ନିର୍ଭର କରିବ । ଘରୋଇ ସଂସାଧନର ଭୂମିକା ସୀମିତ ହୋଇଯିବ।

ସଞ୍ଚୟ ହାର କମିବାର ସିଧା ପ୍ରଭାବ ପରିବାର ଏବଂ ସାମାଜିକ ସୁରକ୍ଷା ଉପରେ ପଡିଥାଏ। ଏ ଦିଗରେ ପରିବାରର ଭୂମିକା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପିଲାଙ୍କୁ ବିବେକପୂର୍ଣ୍ଣ ଖର୍ଚ୍ଚ ଏବଂ ସଞ୍ଚୟ କରିବା ପାଇଁ ପିଲାଦିନରୁ ଶିକ୍ଷା ଦେବା ଆବଶ୍ୟକ। ମାତା- ପିତା ଯଦି ସନ୍ତୁଳିତ ବ୍ୟବହାର କରିଥାନ୍ତି ତେବେ ତାର ପ୍ରଭାବ ପିଲାଙ୍କ ଉପରେ ପଡିଥାଏ। ଏକଥା ଚିନ୍ତା କରିବା ଉଚିତ୍ ଯେ ଭବିଷ୍ୟତ ଚିନ୍ତା କରିବା ଭୟ ନୁହେଁ ବରଂ ବୁଦ୍ଧିମତା। ସଞ୍ଚୟର ଅର୍ଥ ନୁହେଁ ଯେ ଜୀବନର ସବୁ ଆନନ୍ଦକୁ ତ୍ୟାଗ କରିବା ବରଂ ଏହାର ଅର୍ଥ ହେଉଛି ନୁହେଁ ଯେ ଜୀବନର ସବୁ ଆନନ୍ଦକୁ ତ୍ୟାଗ କରିବା ବରଂ ଏହାର ଅର୍ଥ ହେଉଛି ଭବିଷ୍ୟତର ଆନନ୍ଦକୁ ସୁରକ୍ଷିତ କରିବା। ସନ୍ତୁଳିତ ଖର୍ଚ୍ଚ ଏବଂ ନିୟମିତ ସଞ୍ଚୟ ହିଁ ଏକ ସୁରକ୍ଷିତ, ଆତ୍ମନିର୍ଭର ଏବଂ ସ୍ଥିର ସମାଜ ନିର୍ମାଣ କରିପାରେ। ଭାରତ ଯଦି ଆର୍ଥିକ ମହାଶକ୍ତି ହେବାର-ସ୍ୱପ୍ନ ଦେଖୁଛି ତେବେ କେବଳ ଉପଭୋଗ ଆଧାରିତ ବିକାଶର ଊର୍ଦ୍ଧ୍ୱରେ ରହି ସଞ୍ଚୟ-ସମ୍ବର୍ଦ୍ଧିତ ମଡ଼େଲକୁ ଆପଣେଇବାକୁ ପଡିବ। ସଞ୍ଚୟ ଏବଂ ଖର୍ଚ୍ଚ ମଧ୍ୟରେ ସନ୍ତୁଳନ କେବଳ ବ୍ୟକ୍ତିଗତ ଆବଶ୍ୟକତା ନୁହେଁ ବରଂ ରାଷ୍ଟ୍ରୀୟ ଆବଶ୍ୟକତା। ତତ୍‌କାଳୀନ ଉପଭୋଗର ଆକର୍ଷଣର ଊର୍ଦ୍ଧ୍ୱକୁ ଯାଇ ଦୀର୍ଘକାଳୀନ ସ୍ଥିରତାକୁ ପ୍ରାଥମିକତା ଦିଆଯିବାର ଆବଶ୍ୟକତା ରହିଛି। ଏହା ହୋଇପାରିଲେ ଭାରତର ଆର୍ଥିକ ଉତ୍‌ଥାନ ଦୀର୍ଘସ୍ଥାୟୀ, ସମାବେଶୀ ଏବଂ ସୁରକ୍ଷିତ ହୋଇପାରିବ।

ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

## ଦିବ୍ୟାଙ୍ଗ ଅଭିଭାବକ ଓ ଶିକ୍ଷକଙ୍କ ପ୍ରଶିକ୍ଷଣ କର୍ମଶାଳା

କୃଷ୍ଣପ୍ରସାଦ,୧୮ ।୩ (ନିପ୍ର); ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ଦିବ୍ୟାଙ୍ଗମାନଙ୍କ ଅଭିଭାବକ ଓ ଶିକ୍ଷକ ମାନଙ୍କର ଅନ୍ତଃନିବେଶୀ ଶିକ୍ଷା ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଆୟୋଜିତ କର୍ମଶାଳାରେ ଅତିରିକ୍ତ ଶିକ୍ଷା ଅଧିକାରୀ ବଳଭଦ୍ର ସାହୁ, ବିଆର୍‌ସିସି ସିଧେଶ୍ୱର କରଣ ପ୍ରମୁଖ ଯୋଗଦେଇଥିଲେ । ଗୋଷ୍ଠୀ ସମ୍ବଳ ଶିକ୍ଷକ ଦୀନବନ୍ଧୁ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଦିବ୍ୟାଙ୍ଗମାନଙ୍କର ଅଧିକାର, ସରକାରଙ୍କ ତରଫରୁ ମିଳୁଥିବା ସୁବିଧା ସୁଯୋଗ କିପରି ଦିବ୍ୟାଙ୍ଗମାନଙ୍କ ନିକଟରେ ପହଁଞ୍ଚି ପାରିବ, ସେମାନଙ୍କୁ ମିଳୁଥିବା ଦିବ୍ୟାଙ୍ଗ ଉପକରଣ ଗୁଡ଼ିକର ଯତ୍ନ ଏବଂ ସୁରକ୍ଷା, ବିଦ୍ୟାଳୟରେ ସ୍ୱତନ୍ତ୍ର ଶିକ୍ଷା ଦାନର ବ୍ୟବସ୍ଥା, ଦିବ୍ୟାଙ୍ଗ ଅଭିଭାବକମାନଙ୍କର ଦାୟିତ୍ୱ ଏବଂ ସେମାନଙ୍କର ଯତ୍ନ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା । ପ୍ରଧାନ ଶିକ୍ଷକ ମାହୁନ୍ତ କୁମାର ଜେନା, ପ୍ରଧାନ ଶିକ୍ଷକ ମନୋଜ କୁମାର ଲେଙ୍କା, ସିଆରସିସି ପ୍ରଶାନ୍ତ କୁମାର ପ୍ରଧାନ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ । ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ୟୁଜି ୟୁପି ସ୍କୁଲ, ରାମଚଣ୍ଡୀ ନୋଡାଲ ବିଦ୍ୟାପୀଠ, ମାଲୁଦ ପ୍ରାଥମିକ ବିଦ୍ୟାଳୟ ପରିସରରେ ପୃଥକ ପୃଥକ ଭାବେ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ୧୨୦ ଜଣ ଅଭିଭାବକ ଏବଂ ଶିକ୍ଷକ ଏହି ପ୍ରଶିକ୍ଷଣ ଶିବିରରେ ଅଂଶ ଗ୍ରହଣ କରିଥିଲେ । ସମ୍ବଳ ଶିକ୍ଷୟିତ୍ରୀ ହରପ୍ରିୟା ବେହେରା, ଜିତେନ୍ଦ୍ର କୁମାର ମାଝୀ, ଗଣେଶ୍ୱର ସାହୁ, ଶିବରାମ ନାୟକ, ବିଚିତ୍ରା ଜାଲି, ପ୍ରତାପ କୁମାର ଖୁଣ୍ଟିଆ, ମୀନା କୁମାରୀ ସାହୁ, ପ୍ରଭାକର ଦାସ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ମହାବାରୁଣୀ ସ୍ନାନ ଉପଲକ୍ଷେ ମହାନଦୀରେ ବୁଡ଼

ଭାପୁର,୧୮ ।୩ (ନିପ୍ର); ତ୍ରୟୋଦଶିତିଥିରେ ସାରା ଦେଶରେ ମହାବାରୁଣୀ ସ୍ନାନ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ, ଭାପୁର ବ୍ଲକ ପଦ୍ମାବତୀ ଗ୍ରାମ ଦେଇ ପ୍ରବାହିତ ହେଉଥିବା ପୁଣ୍ୟତୋୟା ମହାନଦୀରେ ହଜାର ହଜାର ଶ୍ରଦ୍ଧାଳୁ ବୁଡ଼ ପକେଇ ପୁଣ୍ୟ ଅର୍ଜନ କରିଛନ୍ତି । ହିନ୍ଦୁଶାସ୍ତ୍ର ମତରେ ବିଶ୍ୱାସ ଅଛି, ମହାବାରୁଣୀ ତିଥିର ପବିତ୍ର ଜଳାଶୟରେ ସ୍ନାନ କରିଲେ ପାପ କ୍ଷୟ ହୋଇଥାଏ ତେଣୁ,ପଦ୍ମବତୀ ଗ୍ରାମଦେଇ ପ୍ରବାହିତ ହେଉଥିବା ମହାନଦୀରେ ପଚାଶ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଡ଼ ପକେଇଛନ୍ତି । ନିକଟ ଗ୍ରାମ ମାନଙ୍କରୁ ଯାଇଥିବା ମହାଦେବ ଠାକୁର ପ୍ରଥମେ ସ୍ନାନ କରିବାପରେ ଶ୍ରଦ୍ଧାଳୁ ମାନେ ବୁଡ଼ ପକେଇଥିଲେ ଏବଂ ଠାକୁରଙ୍କ ହରିହର ଭେଟ ଦେଖି ଶ୍ରଦ୍ଧାଳୁ ନିଜକୁ ଧନ୍ୟ ମଣିଥିଲେ । ବାରୁଣୀ ସ୍ନାନ ପଡିଆରେ କ୍ରୟବିକ୍ରୟ ପାଇଁ ବିଭିନ୍ନ ଦୋକାନ, ମିନାବଜାର ପଡିବା ସହିତ ଶାନ୍ତିଶୃଙ୍ଖଳା ବଜାୟ ପାଇଁ ଫତେଗଡ଼ ଥାନା ପକ୍ଷରୁ ଏକ ପ୍ଲାଟୁନ ପୋଲିସ ମୁତୟନ ହୋଇଥିଲେ ।କୌଣସି ଅଘଟଣକୁ ରୋକିବା ପାଇଁ ଭାପୁର ଅଗ୍ନିଶମ ବିଭାଗ ପକ୍ଷରୁ ସୁବନ୍ଦୋବସ୍ତ କରାଯାଇଥିଲା ।

## ସୂଚନା ଅଧିକାର ଆଇନ ଉପରେ କର୍ମଶାଳା

ଭଦ୍ରକ,୧୮ ।୩ (ନିପ୍ର): ଭଦ୍ରକ ଜିଲ୍ଲାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗଙ୍କ ଅନୁକୂଲ୍ୟରେ ସୂଚନା ଅଧିକାର ଆଇନ-୨୦୦୫ ଉପରେ ଜିଲ୍ଲାର ସମସ୍ତ ଏକ ଦିନିଆ କର୍ମଶାଳା ଆୟୋଜିତ ହୋଇଥିଲା । ଉକ୍ତ କର୍ମଶାଳାକୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବି ନାରାୟଣ ସାହୁ, ଉପ-ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ ଏବଂ ରିସୋର୍ସ ପର୍ସନ୍ ଶ୍ରୀ ରଶ୍ମି ରଞ୍ଜନ ରାଉତ ଦ୍ୱୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ ।ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଅଧିକାରୀମାନଙ୍କୁ ଜଞ୍ଚଓ ନିୟମ ମାଧ୍ୟମରେ ସରକାରୀ କାର୍ଯ୍ୟକଳାପରେ ପ୍ରତିଦାୟିତ୍ୱ ଓ ପାରଦର୍ଶିତା ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇ ଉପ-ଆରକ୍ଷୀ ଅଧୀକ୍ଷକ ବିଶ୍ୱପତି ପଣ୍ଡା ସମସ୍ତ ବିଭାଗର ଅଧିକାରୀମାନଙ୍କୁ ଆରଟିଆଇ ଆଇନର ସଠିକ୍ ପ୍ରୟୋଗ ନେଇ ସଜାଗ ରହିବାକୁ ଗୁରୁତ୍ୱ ଆରୋପ କରିଥିଲେ ।ସମସ୍ତ ଅଧିକାରୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ଭଦ୍ରକ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଓଡ଼ିଆ ବିଭାଗ ମୁଖ୍ୟ ଅଭୟ କୁମାର ଦାସ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଭୀମକାନ୍ତ ମାଝି କହିଥିଲେ ଯେ ସୂଚନା ଆଇନ ମାଧ୍ୟମରେ ସାଧାରଣ ଲୋକମାନେ ସହଜରେ ନିଜ ଅଧିକାର ସମ୍ବନ୍ଧୀୟ ସୂଚନା ପାଇପାରୁଛନ୍ତି ।

## ବ୍ରହ୍ମପୁରଠାରେ ଜନଶୁଣାଣି ଶିବିର

ବ୍ରହ୍ମପୁର,୧୮ ।୩ (ନିପ୍ର )ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆଜି ଜାତୀୟ ମହିଳା ଆୟୋଗ ଓ ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ଆନୁକୂଲ୍ୟରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିରରେ ଗଞ୍ଜାମ ଓ ଗଜପତି ଜିଲ୍ଲାର ୨୯ଗୋଟି ମୋକଦ୍ଦମା ଦାୟର ହୋଇଥିଲା । ତନ୍ମଧ୍ୟରୁ ଉଭୟ ଦଳ ପକ୍ଷରୁ ୮ଗୋଟି,ଏକ ପକ୍ଷ ୭ଗୋଟି ପିଟିସନ ଦାଖଲ କରିଥିବା ୭ ଜଣ ଏବଂ ଅନ୍ୟ ଏକ ପକ୍ଷରୁ ୨ଜଣ ଏହିପରି ମୋଟ ୧୭ଗୋଟି ଦଳ ଉପସ୍ଥିତ ଥିଲେ । ସେଥିମଧ୍ୟରୁ ସହମତି କ୍ରମେ ୫ଗୋଟି କେସ ସମାଧାନ କରାଯାଇଥିବା ବେଳେ ୩ଗୋଟି ମୋକଦ୍ଦମା ଆରକ୍ଷୀ ଅଧୀକ୍ଷକଙ୍କୁ ପ୍ରେରଣ କରାଯାଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ ୦୪ଟି କେସ ସମାଧାନ ପାଇଁ ପ୍ରେରଣ କରାଯାଇଥିଲା । ପରବର୍ତ୍ତି ଶୁଣାଣି ନିମନ୍ତେ ୫ଜଣଙ୍କୁ ନୋଟିସ ପ୍ରେରଣ କରାଯାଇଥିଲା ।ଏଥି ସହିତ ନୂତନ ଭାବେ ୩ଟି କେସ ପଞ୍ଜୀକୃତ ହୋଇଥିଲା । ଏହି ଜନ ଶୁଣାଣି ରେ ଓଡ଼ିଶା ମହିଳା କମିଶନର ଅଧକ୍ଷା ଶୋଭନା ମହାନ୍ତି,ସଭ୍ୟ ମୁକ୍ତା ସାହୁ , ପରାମର୍ଶଦାତା ବନ୍ଦନା ପଟ୍ଟନାୟକ ଓ ପ୍ରିୟଦର୍ଶନୀ ଆଚାର୍ଯ୍ୟ, ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟି ଉପସ୍ଥିତ ରହିଥିଲେ ।

## ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି,୧୮ ।୩ (ନିପ୍ର); ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା,ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ,ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା ,ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର ଅଭିଯୋଗ ଶୁଣାଣିରେ ଯୋଗଦାନ କରି ଗୋଷାଣୀ ବ୍ଲକ ପଞ୍ଚାୟତ ସମିତିର ସମୁଦାୟ ମୋଟ- ୧୦୩ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୫୯ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା -୪୪ ଗୋଟି ଅଭିଯୋଗ ଆସିଥିଲା । ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଜଣ ଦିବ୍ୟାଙ୍ଗଙ୍କୁ ବିବାହ ପ୍ରୋତ୍ସାହନ ରାଶି ୨ ଲକ୍ଷ ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି ଓ ୫ଜଣଙ୍କୁ ନୂତନ ପେନସନ ଯୋଜନାରେ ସାମିଲ କରାଯାଇଛି । ସେହିପରି ୩୦ ଜଣଙ୍କୁ ଜମି ଉତ୍ତରାଧିକାରୀ ଜମିପଟ୍ଟା ପ୍ରଦାନ କରାଯାଇଛି । ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ଆଧାରିତ ବିଭିନ୍ନ ଅଭିଯୋଗ ଆସିଥିଲା ।

## ଗାଈକୁ ମାରି ଖାଇଲା କିଏ, ବନ୍ୟଜନ୍ତୁ କି ବାଘ

ପାରଳାଖେମୁଣ୍ଡି,୧୮ ।୩ (ନିପ୍ର); ଗଞ୍ଜାମ,ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତଗତ ସୀମାନ୍ତ ଅଞ୍ଚଳରେ ଥିବା ଢେପାଗୁଡା ପଞ୍ଚାୟତର କାଇଟିମା ଓ ବାରିଆଦରା ଗାଁରେ ବାଘ ଆତଙ୍କ ଅଭିଯୋଗ କରିଛନ୍ତି ଗ୍ରାମବାସୀ । ଚାରିଦିନ ତଳେ କାଇଟିମା ଗାଁର ରୟାମ୍ ବେହେରାଙ୍କ ଏକ ବଳଦକୁ ଅଜଣା ବନ୍ୟଜନ୍ତୁ ଖାଇଥିଲା । ପୁଣି ଦୁଇଦିନ ତଳେ ବାରିଆଦରା ଗାଁର ମଙ୍ଗଳୁ ମଳିକଙ୍କ ଦୁଇ ଗୋରୁକୁ ଅଜଣା ଜନ୍ତୁ ଆକ୍ରମଣ ରେ ଆହାତ ହୋଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ଏହି ଦୁଇ ଗାଁ ଚନ୍ଦ୍ରଗିରି ବନାଞ୍ଚଳ ଅଧୀନରେ ଥିବା ଲଖାରି ଅଭୟାରଣ୍ୟ ରେ ରହିଥିବାରୁ ବନ ବିଭାଗ ଗୁରୁତ୍ୱ ଦେଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି । ଗ୍ରାମବାସୀ ଗୋଟିଏ ପଟେ ବାଘ ଖାଇଥିବା ନେଇ ଅଭିଯୋଗ କରିଛନ୍ତି । ଅନ୍ୟପଟେ ଚନ୍ଦ୍ରଗିରି ବନାଞ୍ଚଳ ପକ୍ଷରୁ ଟ୍ରାପ କ୍ୟାମେରା ଲଗାଇଥିଲେ ମଧ ସେଥିରେ କୌଣସି ବନ୍ୟଜନ୍ତୁ କିମ୍ବା ବାଘର ଫୋଟ ଆସିନଥିଲା । ଏପରି କି ବାଘର କୌଣସି ପାଦ ଚିହ୍ନ ମଧ ଦେଖିବାକୁ ମିଳିନଥିଲା ।ଯାହାକୁ ନେଇ ଚନ୍ଦ୍ରଗିରି ବନାଞ୍ଚଳ ଅଧିକାରୀ ରୂପକ କୁମାର ସୂଚନା ଦେଇଛନ୍ତି । ଗାଈଟିକୁ କିଏ ଖାଇଛି ତାହା ତଦନ୍ତ ଚାଲିଥିବା ବେଳେ କ୍ଷତି ପୂରଣ ଦାବି କରିଛନ୍ତି ଗାଈ ମାଲିକ ।

# ଡୁମଛାଳି ଜଙ୍ଗଲରେ ଦୁର୍ଦ୍ଦାନ୍ତ ଅପରାଧୀ ଟିମାକୁ ଏନକାଉଣ୍ଟର

- ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି
- ୪୧ରୁ ଉର୍ଦ୍ଧ୍ୱ ମାମଲାରେ ଜଡିତ
- ଟିମା ସମେତ ଅନ୍ୟ ୩ ସହଯୋଗୀ ମଧ୍ୟ ଗିରଫ

ରେଢ଼ାଖୋଲ,୧୮ ।୩ (ନିପ୍ର); ରେଢ଼ାଖୋଲ ଥାନା ଡୁଙ୍କଛାଲି ଜଙ୍ଗଲରେ ବୁଧବାର ଭୋର ସକାଳେ ୫.୪୫ ମିନିଟ ସମୟରେ ପୋଲିସର ଏନକାଉଣ୍ଟରରେ ଦୁର୍ଦ୍ଦାନ୍ତ ଅପରାଧୀ ଟିମା ଓରଫ୍ ଧନେଶ୍ୱର ଝାଙ୍କର ଗୁରୁତର । ଡାହାଣ ଗୋଡରେ ବାଜିଛି ଗୁଳି , ପ୍ରଥମେ ରେଢ଼ାଖୋଲ ମେଡିକାଲ ରେ ଭର୍ତ୍ତି ପରେ ସେଠାରୁ ବୁର୍ଲା ସ୍ଥାନାନ୍ତରିତ କରାଯାଇଛି । ଟିମା ନାଁରେ ବିଭିନ୍ନ ଜିଲ୍ଲାରେ ୪୧ରୁ ଅଧିକ ମାମଲା ଥିବା ସୂଚନା ମିଳିଛି । ଟିମାର ୩ ସହଯୋଗୀକୁ ମଧ ପୋଲିସ ଗିରଫ କରିଛି । ଅଭିଯୁକ୍ତ ତାଙ୍କ ୩ ଜଣ ସହଯୋଗୀ ସହିତ



ରେଢ଼ାଖୋଲ ଥାନା ଅଞ୍ଚଳର ଡୁମଚାଳି ଜଙ୍ଗଲ ଅଞ୍ଚଳରେ ଥିବା ଜାଣି ନାକଟିଦେଉଳ ପୋଲିସ ସେମାନଙ୍କୁ ଅଟକାଇବାକୁ ପ୍ରୟାସ କରିଥିଲେ । କିନ୍ତୁ ପୋଲିସକୁ ଚକମା ଦେଖାଇ ଅଭିଯୁକ୍ତ ଖସି ପଳାଇବା ଚେଷ୍ଟା କରି ପୋଲିସ ଉପରକୁ ୩ ରାଉଣ୍ଡ ଗୁଳି ଚାଲାଇଥିଲେ । ଏହାର ଜବାବରେ ଆତ୍ମରକ୍ଷା ପାଇଁ ପୋଲିସ ପକ୍ଷରୁ ନିୟନ୍ତ୍ରିତ ୨ରାଉଣ୍ଡ ଗୁଳିଚାଳନା କରାଯାଇଥିଲା । ଯାହା ଅଭିଯୁକ୍ତ ଟିମା ଝାଙ୍କର୍‌ର ଡାହାଣ ଗୋଡ଼ରେ ଗୁଳି ବାଜିଥିଲା ଫଳରେ ପୋଲିସ ଟିମା ସମେତ ଅନ୍ୟ ୩ ଜଣ ସହଯୋଗୀକୁ ଘଟଣା ସ୍ଥଳରୁ ପୋଲିସ ଗିରଫ କରିବା ସହିତ ଟିମା କୁ ମଧ କବ୍ଜା କରିଛି । ଏହି ସମୟରେ ପୋଲିସ ଏକ ପିସ୍ତଲ ସହିତ ଜୀବନ୍ତ ଗୁଳି, ଏକ ବୋଲେରୋ ଗାଡ଼ି, ଏକ ତାର କଟର ଓ ବିଦ୍ୟୁତ୍ ତାର କାଟିବାରେ ବ୍ୟବହୃତ ଅନ୍ୟାନ୍ୟ ଉପକରଣ ଜବତ କରି ଆହୁରି ତଦନ୍ତ ଆରମ୍ଭ କରିଛି ପୋଲିସ ।

## ୮୦୦ରୁ ଅଧିକ ବୋତଲ ମଦ ଜବତ : ୫ ଗିରଫ

ସୁନ୍ଦରଗଡ ୧୮/୩ (ନିପ୍ର); କିଞ୍ଜିରିକେଲା ଥାନା ପକ୍ଷରୁ ୮୦୦ରୁ ଅଧିକ ବୋତଲ ଓ ନକଲି ବିଦେଶୀ ମଦ ଜବତ୍ କରାଯାଇଛି । ଏ ନେଇ କିଞ୍ଜିରିକେଲା ଥାନାରେ ବିପିଏସ୍ କେସ୍ ନଂ ୯୭/୨୬, ୯୮/୨୬, ୯୯/୨୬, ୧୦୦/୨୬, ଏବଂ ୧୦୧/୨୬ ଅନୁଯାୟୀ ମାମଲା ରୁଜୁ କରାଯିବା ସହିତ ଏଥିରେ ଜଡିତ ୫ ଜଣଙ୍କୁ ପୋଲିସ ଗିରଫ କରିଛି । ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟରେ ହାଜର କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ଗୌତମ ସାହୁ ପିତା - ବୈଦ୍ୟନାଥ ସାହୁ, ଛତ୍ରଭୁଜ ସାହୁ ପିତା - ଦୋଳଗୋବିନ୍ଦ ସାହୁ, ମୁକେଶ ବେହେରା ପିତା - ଚୁନୁ ବେହେରା, ଭୀମସେନ ସାହୁ ପିତା- ସ୍ୱର୍ଗତଃ ଦୋଳଗୋବିନ୍ଦ ସାହୁ ଏବଂ ବନମାଳୀ ବେହେରା ପିତା - ସ୍ୱର୍ଗତଃ ପୂର୍ଣ୍ଣ ଚନ୍ଦ୍ର ବେହେରା ବୋଲି ଚିହ୍ନଟ କରାଯାଇଛି । ସମସ୍ତେ କିଞ୍ଜିରିକେଲା ଗ୍ରାମର ବାସିନ୍ଦା । ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଅଭିଯାନ ସମୟରେ ବହୁ ପରିମାଣର ବେଆଇନ ମଦ ଜବତ କରାଯାଇଥିଲା । ଜବତ ସାମଗ୍ରୀ ମଧ୍ୟରେ ୪୩୩ ବୋତଲ ବିୟର କ୍ୟାନ, ବିଭିନ୍ନ ବ୍ରାଣ୍ଡର ୩୯୮ ବୋତଲ ହ୍ୱିସ୍କି ଏବଂ ଭୋଡକା ଅନ୍ତର୍ଭୁକ୍ତ । ମାମଲାର ଅଧିକ ତଦନ୍ତ ଜାରି ରହିଛି ।

## ଓଡ଼ିଆ ଅସ୍ମିତା ଆଧାରରେ ଇଂରାଜୀ ଭାଷାର ବହୁଳ ବ୍ୟବହାର !

ପାରଳାଖେମୁଣ୍ଡି,୧୮ ।୩ (ନିପ୍ର); ଗଜପତି ଜିଲ୍ଲାର ଓଡ଼ିଆ ଭାଷାକୁ ଅଗ୍ରାଧିକାର ଭିତ୍ତିରେ ବ୍ୟବହାର ନିମନ୍ତେ ଜୋର ଦେଉଛନ୍ତି ସରକାର ଓ ବିଭିନ୍ନ ବିଭାଗ । ଓଡ଼ିଆଙ୍କ ଭାଷାଗତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଭିନ୍ନ ସମୟରେ ଓଡ଼ିଆ ଭାଷାରେ ଚିଠିପତ୍ର ଆଦାନ ପ୍ରଦାନ ,ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡିକରେ ଓଡ଼ିଆରେ ନାମଫଳକ ଲେଖିବା ନେଇ ବିଜ୍ଞପ୍ତି ପରେ ବିଜ୍ଞପ୍ତି ପ୍ରକାଶ କରିଆସୁଛନ୍ତି , ସରକାର କିନ୍ତୁ ଏଠି ସରକାରୀ ବାବୁଙ୍କ ଗାଡ଼ି ଗୁଡ଼ିକରେ ନାମଫଳକ ଓ ନମ୍ବର ଫଳକରେ ଓଡ଼ିଆ ଅକ୍ଷର ବ୍ୟବହାର ହେଉନଥିବା ଦେଖିବାକୁ ମିଳିଛି । ଯାହାକୁ ନେଇ ବୁଦ୍ଧିଜୀବୀଙ୍କ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଓଡ଼ିଆ ଅସ୍ମିତାକୁ ଆଧାର କରି ବିଭିନ୍ନ କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ନାମ ପରିବର୍ତ୍ତନ କରାଯାଉଛି । ସରକାରଙ୍କ ପକ୍ଷରୁ ବାରମ୍ଵାର ବିଜ୍ଞପ୍ତି ପ୍ରକାଶ ପାଉଛି କିନ୍ତୁ ଓଡ଼ିଆ ଭାଷାର ବ୍ୟବହାର ପ୍ରତି ସରକାରଙ୍କ ବିଭାଗ ଗୁଡିକ ତଥା ଅଧିକାରୀଙ୍କ ଆଦୌ ଆନ୍ତରିକତା ନଥିବା ଅଭିଯୋଗ ହୋଇଛି । ନିଜେ କିଛି ସରକାରୀ ଅଧିକାରୀ ଏହି ନିୟମକୁ ଖୋଲାଖୋଲି ଭାବେ ଅବଜ୍ଞା କରି ଚାଲିଥିବା ବିଭିନ୍ନ ମହଲରେ ଆଲୋଚନା ହେଉଛି । ଏହି ସୂତ୍ରରୁ ପ୍ରକାଶ ଯେ ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟାଳୟର ବିଭିନ୍ନ ବିଭାଗର କିଛି ଅଧିକାରୀଙ୍କ ଗାଡ଼ିର ନମ୍ବର ଫଳକରେ ଓ ନାମ ଫଳକରେ ଇଂରାଜୀ ଭାଷାରେ ଲେଖାଥିବା ଦେଖିବାକୁ ମିଳିଛି । ଯାହାକୁ ନେଇ ଓଡ଼ିଆ ଭାଷା ସୁରକ୍ଷା ଓ ଭାଷାର ବହୁଳ ବ୍ୟବହାର ତଥା ପ୍ରଚାର ପ୍ରସାରରେ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି । ଜିଲ୍ଲା ପ୍ରଶାସନର ଜଣେ ତୁଙ୍ଗ ଅଧିକାରୀଙ୍କ ଗାଡ଼ିର ନମ୍ବର ଫଳକରେ ଓ ନାମ ଫଳକରେ ଇଂରାଜୀ ଭାଷାର ବ୍ୟବହାରକୁ ଗୁରୁତ୍ୱ ଦେଇଥିବା ବେଳେ ଓଡ଼ିଆ ଭାଷାକୁ ଗୌଣ କରାଯାଇଥିବା ସ୍ପଷ୍ଟ ବାରି ହେଉଛି । ଏଭିଳି ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଗାଡ଼ି , ଆଦିବାସୀ ଉନ୍ନୟନ ସଂସ୍ଥା , ଜଳସେଚନ ବିଭାଗ , ଜାତୀୟ ରାଜପଥ , ଗ୍ରାମ୍ୟ ଉନ୍ନୟନ ବିଭାଗ ଯୋଗାଣ ବିଭାଗ ଏଭଳି ଅନେକ ବିଭାଗରେ ଓଡ଼ିଆ ଭାଷାରେ ନାମଫଳକ ନଥିବା ବେଳେ ଜିଲ୍ଲାର ଦୁଇ ବିଧାୟକଙ୍କ ଗାଡିରେ ମଧ ଓଡିଆରେ ଲେଖା ଯାଇନଥିବାରୁ ଓଡିଆ ଭାଷା ପ୍ରତି ଆନ୍ତରିକତା ନଥିବା ଅଭିଯୋଗ ହୋଇଛି । ସରକାରଙ୍କ ନିୟମ ପାଳନ କରିବା ପାଇଁ ଲୋକଙ୍କୁ ବାଧ୍ୟ କରୁଥିବା ଓ ଏହାର ଖିଲାପ କଲେ ଜରିମାନା ଓ ଦଣ୍ଡ ବିଧାନ କରିବା ଅଧିକାରୀ ତଥା ବିଭାଗ ଏହାକୁ ପ୍ରଥମେ ଅବମାନନା କରୁଛି । ଏଭଳି ଅଧିକାରୀ ଓ ବିଭାଗ ପ୍ରତି ସରକାର ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବେ କି ତେବେ ଭାଷାର ବହୁଳ ବ୍ୟବହାର ତଥା ଭାଷା ସୁରକ୍ଷା ହେବ କିପରି ବୋଲି ପ୍ରଶ୍ନ କରିଛନ୍ତି ବୁଦ୍ଧିଜୀବୀ । ତେବେ ଏଥିପ୍ରତି ସରକାର ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ କେବେ ଦୃଷ୍ଟି ପଡୁଛି ଆଉ ଓଡିଆ ଅସ୍ମିତା ଆଧାରରେ ଇଂରାଜୀ ଭାଷାର ବହୁଳ ବ୍ୟବହାର କେବେ ପରିବର୍ତ୍ତନ ହେଉଛି ତାହ ଉପରେ ରହିଛି ନଜର ।

## ରାସ୍ତା ନିର୍ମାଣ ବିଳମ୍ବ ଯୋଗୁଁ ୩ ଗ୍ରାମର ଲୋକ ଅସୁବିଧାର ସମ୍ମୁଖୀନ

ରମ୍ଭା,୧୮ ।୩ (ନିପ୍ର): ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଲିବନ୍ଧ ପଞ୍ଚାୟତର କଣ୍ଟିଆଗଡ଼ ନିକଟରେ ଅବସ୍ଥିତ ପ୍ରସିଦ୍ଧ ଶୈବ ପୀଠ ବଟେଶ୍ୱର ପୀଠରୁ ଜାତୀୟ ରାଜପଥ ୧୬କୁ ସଂଯୋଗ ରାସ୍ତା ନିର୍ମାଣାଧୀନ କାର୍ଯ୍ୟରେ ବିଳମ୍ବ ଯୋଗୁଁ ପର୍ଯ୍ୟଟକମାନେ ଅସୁବିଧା ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ଏହା ସହିତ ଏହି ରାସ୍ତା ଉପରେ ଯାତାୟାତ ପାଇଁ ନିର୍ଭର କରିଥିବା ୩ ଗ୍ରାମର ଲୋକଙ୍କୁ ଅସୁବିଧା ସମ୍ମୁଖୀନ ହେବାକୁ ପଡୁଛି । ଯାହାକୁ ନେଇ ବଟେଶ୍ୱର ଐତିହ୍ୟ ସଂରକ୍ଷଣ କମିଟିପକ୍ଷରୁ ଅନୁଷ୍ଠିତ ଏକ ବୈଠକରେ ଘୋର ଅସନ୍ତୋଷ ପ୍ରକାଶ ପାଉଛି । ଏନେଇ କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ଅବଗତ କରିବାକୁ ନିଷ୍ପତି ହୋଇଥିବା ସୂଚନା ମିଳିଛି । ଏହି ସଂକ୍ରାନ୍ତିରେ ବର୍ତ୍ତମାନ ବଟେଶ୍ୱର ପୀଠକୁ ଭକ୍ତଙ୍କ ଭିଡ଼ ହେଉଥିବା ବେଳେ ରାସ୍ତାର ନିର୍ମାଣ ପାଇଁ ଦୀର୍ଘ ଦିନ ହେଲା ରାସ୍ତା ପାର୍ଶ୍ୱରେ ଖୋଳି ପକାଯାଇଥିବା ଯୋଗୁଁ ଯାନବାହନ ଯିବା ଆସିବାରେ ଆସୁଥିବା ସୃଷ୍ଟି ହେଉଛି । ଚାରି ମାସ ହେଲା ଖୋଳି ପଡ଼ିଥିବା ଯୋଗୁଁ ଠିକାଦାର ଜଣକ ଉକ୍ତ କାର୍ଯ୍ୟ ପାଇଁ ତତ୍ପରତା ନଥିବା ଜଣାପଡୁଛି । ଏହା ବିଳମ୍ବ ଯୋଗୁଁ ଦୁର୍ଘଟଣା ମଧ ହେଉଛି । ପର୍ଯ୍ୟଟକ ବର୍ତ୍ତମାନ ଆସୁଥିବା ବେଳେ ରାସ୍ତା ପାଇଁ ସମସ୍ୟା



ସୃଷ୍ଟି ହେଉଛି । ପ୍ରଶାସନ ପକ୍ଷରୁ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ୬ ଖଣ୍ଡ ଗ୍ରାମର ଜନସାଧାରଣ ପକ୍ଷରୁ ଦାବି ହେଉଛି । ପ୍ରକାଶ ଯୋଗ୍ୟ ଯେ ଉକ୍ତ ରାସ୍ତା ଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି । ରାସ୍ତା ନିର୍ମାଣ ପାଇଁ ଉକ୍ତ ବିଭାଗ ପକ୍ଷରୁ ଅର୍ଥ ବ୍ୟୟ ବରାଦ ହୋଇଛି । ପ୍ରାୟ ୫କୋଟି ୪୪ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି । ଟେଣ୍ଡର ମାଧ୍ୟମରେ କାର୍ଯ୍ୟଦେଶ ପାଇଥିବା ଠିକାଦାର ଜଣକ କିନ୍ତୁ ନିର୍ମାଣ କାର୍ଯ୍ୟରେ ଠିକ ଭାବେ ତ୍ୱରାନ୍ୱିତ କରୁନାହିଁ । ଫଳରେ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଛି ବୋଲି ବଟେଶ୍ୱର ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅଭିଯୋଗ ହୋଇଛି । ଜିଲ୍ଲାପାଳ ଏବଂ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଯିବା ନେଇ ନିଷ୍ପତ୍ତି ହୋଇଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି ।

## ଦକ୍ଷତା ଅଭିବୃଦ୍ଧିରେ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

ରମ୍ଭା,୧୮ ।୩ (ନିପ୍ର); ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଗଂଜାମ, ପକ୍ଷରୁ ନବମ ଅଭିମୁଖୀକରଣ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ ପ୍ରତିଷ୍ଠାନର ସମ୍ମିଳନୀ କକ୍ଷରେ ଆନୁଷ୍ଠାନିକ ରୀତିରେ ଅନୁଷ୍ଠିତ ହୋଇଯାଇଛି । ସର୍ବ ପ୍ରଥମେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରତିଷ୍ଠାନର ଅଧକ୍ଷ ଡଃ ସନ୍ତୋଷ କୁମାର ପରିଡା ଭକ୍ତିପୂତ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ସିଆରସିସି ରାଜେନ୍ଦ୍ର କୁମାର ବିଷୋୟୀ ଦୀପ ମନ୍ତ୍ର ଶ୍ଳୋକ ଉଚ୍ଚାରଣ କରିଥିଲେ । ଅନୁଷ୍ଠିତ ବୈଠକରେ ସମସ୍ତ ସିଆରସିସିଙ୍କୁ ସ୍ୱାଗତ ଅଭିନନ୍ଦନ ଜଣାଇଥିଲେ ପ୍ରତିଷ୍ଠାନର ଅଧକ୍ଷ ଡକ୍ଟର ସନ୍ତୋଷ କୁମାର ପରିଡା । ବିଗତ ଦିନରେ ସମାହିତ ହୋଇଥିବା ଆଠଗୋଟି ମାସିକ କ୍ଲଷ୍ଟର ସ୍ତରୀୟ ବୈଠକର ବିଦ୍ୟାଳୟ ସ୍ତରୀୟ ବିକାଶ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସୁସମ୍ପର୍କ, ଶିକ୍ଷାରେ ଅଗ୍ରଗତି, ଶିକ୍ଷକ ଶିକ୍ଷାର୍ଥୀଙ୍କ ମଧ୍ୟରେ ବନ୍ଧୁତା ପୂର୍ଣ୍ଣ ବ୍ୟବହାର, ଶ୍ରେଣୀ ତଦାରଖ, ବିଦ୍ୟାଳୟ ଗୁଡ଼ିକରେ ବିଭିନ୍ନ ସୁବିଧା ସୁଯୋଗର ସଫଳ ରୂପାୟନ, ବିଦ୍ୟାଳୟ ପରିବେଶକୁ ସୁଧାରିବାରେ ଯତ୍ନବାନ ହେବା, ପ୍ରବେଶ ଉତ୍ସବରେ ସାମିଲ ହୋଇ ଖଡ଼ି ଛୁଆଁ କାର୍ଯ୍ୟକ୍ରମକୁ ଉଜ୍ଜୀବିତ ରଖିବା, ଦକ୍ଷତା ଅଭିବୃଦ୍ଧିରେ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକର ଭୂମିକା ଆଦି ବହୁବିଧ ଦିଗ ସମ୍ପର୍କରେ ଅଧକ୍ଷ ଡକ୍ଟର ପରିଡା ଆଲୋକପାତ କରିଥିଲେ । ବରିଷ୍ଠ ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା ପ୍ରୋତ୍ସାହନମୂଳକ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଶିକ୍ଷିକା ଲିପି ଶ୍ରୀ ଦେବୀ, ପ୍ରଜ୍ଞା ପାରମିତା, କଲ୍ୟାଣୀ କୁମାରୀ ଗୈ।ଡ, ଭାବିଲିତା ନାୟକ, ଅନୁପମା ଦାସ , ବବିତା ସିଂ ନାୟକ, ଜୟନ୍ତୀ ବେହେରାଙ୍କ ସମେତ ପ୍ରଶିକ୍ଷକ ସୁକୁଲେଇ ଟୁଡୁ ପ୍ରମୁଖ ପ୍ରଶିକ୍ଷଣରେ ସାମିଲ ଥିଲେ । ବିଭିନ୍ନ କ୍ଲଷ୍ଟରରୁ ଆସିଥିବା ସି ଆର ସି ସି ମାନେ ଗତ ଆଠମାସ ହେଲା ଅନୁଷ୍ଠିତ ହୋଇସାରିଥିବା ମାସିକ ବୈଠକକୁ ଡକ୍ୟୁମେଣ୍ଟେସନ କରି ଉପସ୍ଥାପନ କରିବା ସହିତ ପୋଷ୍ଟର ତିଆରି କରିଥିଲେ । ବରିଷ୍ଠ ସେକ୍ସନ ଅଧିକାରୀ ପ୍ରବେଶ କୁମାର ପଟ୍ଟନାୟକ, କନିଷ୍ଠ କିରାଣୀ ଆଶିଷ ରଞ୍ଜନ ସେଠୀ, ନିରୂପମା ପ୍ରଧାନ, ଜୟ ଶଙ୍କର ଗୈ।ଡ, ସୁକାନ୍ତି ସେଠୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଆତ୍ମରକ୍ଷା ତାଲିମ ଶିବିର

କୁଚିଣ୍ଡା,୧୮ ।୩ (ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଅଧୀନସ୍ଥ କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ (ବିଜିଡି) କଲେଜରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି । କଲେଜ ଭାରପ୍ରାପ୍ତ ଅଧ୍ୟକ୍ଷା ମନୋରମା ପଟେଲଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଅଧାପିକା ଯଶୋଦା ମାଝି, ନମିତା ନାଏକ, ସୁରମା ସାହୁ, ଅଧାପକ ହରେଶ କୁମାର ସାହୁ,ବିନୋଦ ବିହାରୀ ପୃଷ୍ଟେଠ, କ୍ରୀଡା ଅଧାପକ ମନୋଜ କୁମାର ପଟେଲ, ପ୍ରଶିକ୍ଷିକା ରିତା କିଷାନ ଓ ପୁଷ୍ପଲତା ବାଘ ଯୋଗଦେଇଥିଲେ । ଅଧ୍ୟକ୍ଷା ଶିବିରକୁ ଉଦଘାଟନ କରି କହିଥିଲେ । ନିଜକୁ ରକ୍ଷା କରିବା ସହ ସମାଜରେ ଘଟୁଥିବା ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରି ସାହସର ସହ ଆଗେଇ ଯାଅ । ମହାବିଦ୍ୟାଳୟର ଅଙ୍କିତା ସାହୁ, ଦେସ୍ମାମଞ୍ଜରି ପୃଷ୍ଟେଠ,ବିନତା ସାହୁ, ନିୟତି ପଟେଲ, ଲୋପାରାଣି ସାହୁ, ଉତ୍ପଳା ଖମାରି, ରେସ୍ମା କିଷାନ, ସଲିମା ରାଉତ ପ୍ରମୁଖ ଅଂଶଗ୍ରହଣ କରି ବିଭିନ୍ନ ଆତ୍ମରକ୍ଷା କୌଶଳ ଶିକ୍ଷା ଗ୍ରହଣ କରିଥିଲେ । ପ୍ରକାଶଥାଉ କି, ୨୪୦ ଜଣ ଛାତ୍ରୀଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ଶିବିର ଏପ୍ରିଲ ୭ ତାରିଖରେ ଉଦ୍‌ଯାପିତ ହେବ ।

## ଗ୍ୟାସ ଅଭାବ ବିକ୍ରି ଯୋଗୁ ଉଜୁଡ଼ିବାକୁ ବସିଲାଣି ଛୋଟ ବ୍ୟବସାୟୀଙ୍କ ଜୀବିକା

ପାରଳାଖେମୁଣ୍ଡି,୧୮ ।୩ (ନିପ୍ର): ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧର ପ୍ରଭାବ କାରଣରୁ ଜିଲ୍ଲାରେ ଗ୍ୟାସର ଅଭାବି ବିକ୍ରି ହେତୁ ଜିଲ୍ଲାର ସଦର ମହକୁମା ତଥା ଆଭ୍ୟନ୍ତରୀଣ ଗ୍ରାମାଞ୍ଚଳ ଗୁଡିକରେ ମଧ ଛୋଟ ଛୋଟ ହୋଟେଲ ବ୍ୟବସାୟ କରି ଗୁଜରାଣ ମେଣ୍ଟାଉଥିବା ଲୋକେ ଗତ କିଛି ଦିନ ହେଲା ନିଜ ବ୍ୟବସାୟ ବନ୍ଦ କରି ମୁଣ୍ଡରେ ହାତ ଦେଇ ବସିଛନ୍ତି । ବର୍ତ୍ତମାନ ଜିଲ୍ଲାରେ ଘରୋଇ ଗ୍ୟାସ ବ୍ୟତୀତ ବ୍ୟବସାୟ ଭିତ୍ତିକ ଗ୍ୟାସ ମିଳିପାରୁ ନାହିଁ । ଏବେ ଜିଲ୍ଲାରେ ଥିବା ଗ୍ୟାସ ଡିପୋରେ ବ୍ୟବସାୟ ଉପଯୋଗୀ ବଡ ସିଲିଣ୍ଡର ଯୋଗାଣ ବନ୍ଦ ରହିଛି ,ରାଜ୍ୟ ସରକାରଙ୍କ ଘୋଷଣା କ୍ରମେ ସାଧାରଣ ଉପଯୋଗୀ ସିଲିଣ୍ଡର ମଧ ୨୫ ଦିନରେ ଗୋଟିଏ ମିଳୁଛି ।ହେଲେ ଜିଲ୍ଲାରେ ରାସ୍ତା କଡର ଠେଲା ହୋଟେଲ, ଫାଷ୍ଟଫୁଡ ଭଳି ଦୋକାନ ବିନା ଗ୍ୟାସରେ ବର୍ତ୍ତମାନ ଚାଲିବ ବା କିପରି ? ପୂର୍ବରୁ ସୁଲଭ ମୂଲ୍ୟରେ କିରୋସିନ ମିଳି ପାରୁଥିଲା ଯାହା ବର୍ତ୍ତମାନ ଆଉ ସାଧାରଣରେ ମଧ ଉପଲବ୍ଧ ନାହିଁ । ପୂର୍ବେ ପାରଳାଖେମୁଣ୍ଡି ଏବଂ ଆଖପାଖ ଅଞ୍ଚଳରେ କାଠ ଚୁଲା କିମ୍ବା ତସୁ ଚୁଲା ବ୍ୟବହାର କରୁଥିଲେ ଛୋଟ ଛୋଟ ବ୍ୟବସାୟୀ ମାନେ । ବିଭିନ୍ନ ସମୟରେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ତରଫରୁ ଚଢ଼ାଉ ହେତୁ ଲୋକେ ପାରମ୍ପରିକ ପଦ୍ଧତିକୁ ମଧ ଛାଡି ଦେଇଛନ୍ତି । ଦୁଇ ଦିନ ହେଲା ନିଜ ବ୍ୟବସାୟ କରିନପାରି ଜିଲ୍ଲାର ବିଭିନ୍ନ ସ୍ଥାନର ଛୋଟ ବ୍ୟବସାୟୀ ଜାଳେଣିର ସନ୍ଧାନରେ ଦୋକାନ ବନ୍ଦ କରି ବୁଲୁଛନ୍ତି ।

ଏପଟେ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଇଥିବା ସରକାରୀ ଓ ବେସରକାରୀ କର୍ମଚାରୀ ଅଧିକାଂଶ ନିର୍ଭର କରିଥାନ୍ତି ସକାଳ ଜଳଖିଆ ପାଇଁ ଛୋଟ ଛୋଟ ହୋଟେଲ ଗୁଡିକ ଉପରେ । ଗତ ଦୁଇ ଦିନ ହେଲା ଗ୍ୟାସ ଅଭାବରୁ ବିଭିନ୍ନ ହୋଟେଲ ବନ୍ଦ ଥିବା ହେତୁ ସାଧାରଣ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ସରକାର ଛୋଟ ଛୋଟ ବ୍ୟବସାୟୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କୌଣସି ବିକଳ୍ପ ବ୍ୟବସ୍ଥା ବାହାର କରିବା ଆବଶ୍ୟକ ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଅନ୍ୟପଟେ ଗ୍ୟାସ ଅଭାବରୁ ପାରଳାଖେମୁଣ୍ଡି ସହରରେ ଥିବା ବିଭିନ୍ନ ରେଷ୍ଟୁରାଣ୍ଟ ଗୁଡିକ ଜାଳେଣି



କାଠରେ ରୋଷେଇ କରୁଥିବାର ଦେଖିବାକୁ ମିଳୁଛି । ନିଜ ପେଟ ପଟଣା ପାଇଁ କାଠ ଚୁଲା ଏବଂ ଅନ୍ୟାନ୍ୟ ଜାଳେଣୀ ସାମଗ୍ରୀର ପୁନର୍ବାର ବ୍ୟବହାର କରିବା ଆରମ୍ଭ କରିଥିବା କହିଛନ୍ତି । ଅନ୍ୟ ପକ୍ଷରେ ଘରୋଇ ରନ୍ଧନ ଗ୍ୟାସ ଅବଶ୍ୟକ ପରିମାଣର ନପାଇ ରୋଷେଇ ସମସ୍ୟାର ସମାଧାନ ପାଇଁ ବିଦ୍ୟୁତ ଚୁଲାର ଚାହିଦା ବୃଦ୍ଧି ପାଇଛି , ସେଥିପାଇଁ ଦୋକାନ ଗୁଡିକରେ ମଧ ଭିଡ ପରିଲକ୍ଷିତ ହୋଇଛି । ସେହିଭଳି ଗ୍ରାମାଞ୍ଚଳରେ ଅଧିକାଂଶ ଘରେ ପାରମ୍ପରିକ କାଠ ଚୁଲାର ପୁଣି ବହୁଳ ବ୍ୟବହାର କରାଯାଉଥିବା ପରିଲକ୍ଷିତ ହୋଇଛି ।

19 03.2026.pmd 1 3/18/2026, 4:55 PM

## କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ପରାମର୍ଶ

# ପିତୃତ୍ୱ ଛୁଟି ପାଇଁ ଆଇନ ଆଣ



ନୂଆଦିଲ୍ଲୀ,୧୮।୩: ବୁଧବାର ଏକ ଯୁଗାନ୍ତକାରୀ ଶୁଣାଣି ସମୟରେ ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଛନ୍ତି ଯେ, ସନ୍ତାନର ଲାଳନପାଳନ କେବଳ ମା'ଙ୍କ କାମ ନୁହେଁ, ବରଂ ଏହା ଉଭୟ ପିତାମାତାଙ୍କ ମିଳିତ ଦାୟିତ୍ୱ। ପିଲାର ମାନସିକ ଓ ଶାରୀରିକ ବିକାଶରେ ପିତାଙ୍କ ଭୂମିକାକୁ କୌଣସି ଗୁଣରେ କମ୍ କରାଯାଇ ପାରିବ ନାହିଁ। ଏହାକୁ ଦୃଷ୍ଟିରେ ରଖି ''ପିତୃତ୍ୱ ଛୁଟି'' (ପାର୍ଟରନିଟି ଲିଭ୍) କୁ ଏକ ସାମାଜିକ ସୁରକ୍ଷା ଅଧିକାର ଭାବେ ମାନ୍ୟତା ଦେବା ପାଇଁ କେନ୍ଦ୍ର ସରକାର ନୂତନ ଆଇନ ପ୍ରଣୟନ କରିବା ଉଚିତ ବୋଲି କୋର୍ଟ ପରାମର୍ଶ ଦେଇଛନ୍ତି। ବିଚାରପତି ଜେ.ବି. ପାର୍ଦିୱାଲା ଓ ଆର. ମହାଦେବନଙ୍କ ଖଣ୍ଡପୀଠ ଶିଶୁ ପାଳନକୁ ଏକ 'ମିଳିତ ଦାୟିତ୍ୱ' ଭାବେ ଅଭିହିତ କରିଛନ୍ତି। କୋର୍ଟଙ୍କ କହିବା ଅନୁଯାୟୀ, ଶିଶୁର ଜୀବନର ପ୍ରଥମ କିଛି ବର୍ଷ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଯଦି ପିତା ଏହି ସମୟରେ ପିଲା ସହ ସମୟ ନ ବିତାଇବେ, ତେବେ ଉଭୟ ଏକ ସ୍ନେହପୂର୍ଣ୍ଣ ସମ୍ପର୍କରୁ ବଞ୍ଚିତ ହେବେ। ଶିଶୁର ଶାରୀରିକ ଓ ମାନସିକ ବିକାଶରେ ପିତାଙ୍କ ଭୂମିକାକୁ ଅଣଦେଖା କରିବା ଅନ୍ୟାୟ। ପିତାମାତା ହେବା ଏକ ସାମୂହିକ ଦାୟିତ୍ୱ। ଜନ୍ମ କିମ୍ବା ପୋଷ୍ୟ ଗ୍ରହଣ ସମୟରେ ମା'ଙ୍କୁ ପାରିବାରିକ ଏବଂ ମାନସିକ ସମର୍ଥନ ଦେବାରେ ବି ପିତାଙ୍କ ଛୁଟି ସହାୟକ ହେବ। ତେଣୁ ପିଲାମାନଙ୍କର ସାମଗ୍ରିକ ବିକାଶରେ ପିତାଙ୍କ ସମାନ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଅଣଦେଖା କରିବା ନ୍ୟାୟସଙ୍ଗତ ନୁହେଁ, ଏହା ଏକ ମିଳିତ ଦାୟିତ୍ୱ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହି ଐତିହାସିକ ପର୍ଯ୍ୟବେକ୍ଷଣ ଆଗାମୀ ଦିନରେ କର୍ମକ୍ଷେତ୍ରରେ ଲିଙ୍ଗଗତ ସମାନତା ଏବଂ ପାରିବାରିକ ସଂହତି କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି।

# ମୁନ୍ଦ୍ରା ପୋର୍ଟରେ 'ଜଗ ଲାଡକୀ'

## ୮୦ ହଜାର ଟନ୍ ତେଲ ଧରି ଫେରିଛି ଭାରତୀୟ ଟ୍ୟାଙ୍କର




ନୂଆଦିଲ୍ଲୀ, ୧୮।୩: ସମୁଦ୍ର ପଥରେ ଯୁଦ୍ଧର ବିଭୀଷିକା ମଧ୍ୟରେ ଭାରତୀୟ ନୌସେନାର ଅଦମ୍ୟ ସାହସ । ଇରାନ-ଇସ୍ରାଏଲ ମଧ୍ୟରେ ଜାରି ରହିଥିବା ମିସାଇଲ ମାଡ଼ ଓ ଉତ୍ତେଜନା ଭିତରୁ ୮୦,୮୦୦ ଟନ୍ ଅଶୋଧିତ ତୈଳ ଧରି ସୁରକ୍ଷିତ ଭାବେ ଭାରତରେ ପହଞ୍ଚିଛି ତୈଳବାହୀ ଜାହାଜ 'ଜଗ ଲାଡକୀ' । ବୁଧବାର ସକାଳେ ଏହି ଭାରତୀୟ ଜାହାଜଟି ଗୁଜରାଟର ମୁନ୍ଦ୍ରା ବନ୍ଦରରେ ପହଞ୍ଚିଛି । ସୂଚନା ଅନୁଯାୟୀ, ଯେତେବେଳେ ସଂଯୁକ୍ତ ଆରବ ଏମିରେଟ୍ସ ର ଫୁଜୈରା ବନ୍ଦରରେ 'ଜଗ ଲାଡକୀ'ରେ ଅଶୋଧିତ ତୈଳ ଲୋଡ୍ କରାଯାଉଥିଲା, ଠିକ୍ ସେହି ସମୟରେ ଇରାନ ପକ୍ଷରୁ ସେଠାରେ ଭୟଙ୍କର ଆକ୍ରମଣ ହୋଇଥିଲା । ଶନିବାର ହୋଇଥିବା ଏହି ଆକ୍ରମଣ ଯୋଗୁଁ କିଛି ସମୟ ପାଇଁ ତୈଳ କାରବାର ବନ୍ଦ କରିବାକୁ ପଡ଼ିଥିଲା । ମାତ୍ର, ଭାରତୀୟ ନୌସେନାର କଡ଼ା ସୁରକ୍ଷା ବଳୟ ମଧ୍ୟରେ ଜାହାଜ ସହିତ ସମସ୍ତ ଭାରତୀୟ ନାବିକ ସୁରକ୍ଷିତ ରହିଥିଲେ । ଇରାନ ଯୁଦ୍ଧ ପରିସ୍ଥିତି ପରେ ଭାରତକୁ ସଫଳତାର ସହ ଫେରିବାରେ ଏହା ତୃତୀୟ ବଡ଼ ଜାହାଜ । ଶିବାଲିକ ପ୍ରଥମ ଏଲପିଜି ଟ୍ୟାଙ୍କର, ଯିଏ ସୋମବାର ମୁନ୍ଦ୍ରା ପହଞ୍ଚିଥିଲା । ନନ୍ଦା ଦେବୀ ଦ୍ୱିତୀୟ ଏଲପିଜି ଟ୍ୟାଙ୍କର, ଯିଏ ମଙ୍ଗଳବାର କାଣ୍ଡଲା ବନ୍ଦରରେ ପହଞ୍ଚିଥିଲା । ଜଗ ଲାଡକୀ ତୃତୀୟ ଅଶୋଧିତ ତୈଳ ଟ୍ୟାଙ୍କର, ଯିଏ ଆଜି ମୁନ୍ଦ୍ରାରେ ପହଞ୍ଚିଛି । 'ଜଗ ଲାଡକୀ'ର ଅର୍ଥ ହେଉଛି 'ଦୁନିଆର ଗେହ୍ଲା ଝିଅ' । ଏହି ବିଶାଳକାୟ ଟ୍ୟାଙ୍କରଟି ୨୦୧୦ ମସିହାରେ ନିର୍ମିତ ହୋଇଥିଲା । ଏହା ଭାରତର ଅଗ୍ରଣୀ ସିପିଂ କମ୍ପାନୀ 'ଗ୍ରେଟ୍ ଇଷ୍ଟର୍ଣ୍ଣ ସିପିଂ କମ୍ପାନୀ ଲିମିଟେଡ୍' ର ଏକ ଅଂଶ ।

## ଡଲାର ବିନିମୟ ମୂଲ୍ୟ ୯୨.୬୩ ଟଙ୍କାକୁ ବୃଦ୍ଧି



ମୁମ୍ବାଇ,୧୮।୩: ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ଅଶୋଧିତ ତୈଳ ଦର ମହଙ୍ଗା ହେଉଥିବାରୁ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ଦୁର୍ବଳ ହେବାରେ ଲାଗିଛି। ବୁଧବାର ଡଲାରର ବିନିମୟ ମୂଲ୍ୟ ୯୨ ଟଙ୍କା ୬୩ ପଇସାକୁ ବୃଦ୍ଧି ପାଇଛି। ଯୁଦ୍ଧ ସଙ୍କଟ ଓ ସେୟାର ବଜାରରୁ ବିଦେଶୀ ନିବେଶକମାନେ ଲଗାତାର ଭାବେ ପାଣ୍ଠି ପ୍ରତ୍ୟାହାର କରୁଥିବାରୁ ଟଙ୍କା ଉପରେ ଚାପ ରହିଛି। ଇରାନ ସହ ଇସ୍ରାଏଲ-ଆମେରିକା ଯୁଦ୍ଧ ଆରମ୍ଭ ହେବା ପରଠାରୁ ଡଲାରର ବିନିମୟ ମୂଲ୍ୟ ୧.୫ ପ୍ରତିଶତ ବଢ଼ିଛି। ଏହି ସମୟ ଭିତରେ ବିଦେଶୀ ନିବେଶକମାନେ ଭାରତରୁ ୮୦୦ କୋଟି ଡଲାର ପ୍ରତ୍ୟାହାର କରିଛନ୍ତି। ତଳକୁ ତଳ ଖସୁଥିବା ଟଙ୍କା ମୂଲ୍ୟରେ ସୁଧାର ଆଣିବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ନିୟମିତ ବ୍ୟବଧାନରେ ହସ୍ତକ୍ଷେପ କରୁଛି। ଏହା ନିଜ ଭଣ୍ଡାରରେ ଥିବା ଡଲାରକୁ କମ୍ ଦାମରେ ବିକ୍ରି କରି ସ୍ଥିତି ଉପରେ ନିୟନ୍ତ୍ରଣ ଆଣିବାକୁ ଉଦ୍ୟମ କରୁଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଆରମ୍ଭ ହେବା ପରେ ଅଶୋଧିତ ତୈଳର ବ୍ୟାରେଲ୍ ପିଛା ଦର ୪୦ ପ୍ରତିଶତ ବଢ଼ି ୧୦୦ ଡଲାର ପାଖାପାଖି ରହିଛି। ଯୁଦ୍ଧ ପାଇଁ ଉତ୍ତେଜନା ଜାରି ରହିଥିବାରୁ ଉଭୟ ତେଲ ଓ ଟଙ୍କା ମୂଲ୍ୟ ଉପରେ ଚାପ ରହିବ ବୋଲି ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି। ଭାରତୀୟ ଟଙ୍କା ଦୁର୍ବଳ ହେଉଥିବାରୁ କେନ୍ଦ୍ର ସରକାର, ରିଜର୍ଭ ବ୍ୟାଙ୍କ, ଆମଦାନିକାରୀ, ବିଦେଶ ଭ୍ରମଣରେ ଯିବାକୁ ଚାହୁଁଥିବା ଓ ବିଦେଶରେ ପିଲାଙ୍କୁ ପାଠପଢ଼ାଉଥିବା ଲୋକମାନଙ୍କ ଚିନ୍ତା ବଢ଼ିଯାଇଛି।

## ୫୪,୯୨୬ କୋଟିର ପୁଞ୍ଜିନିବେଶକୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ

ନୂଆଦିଲ୍ଲୀ,୧୮।୩: ଦେଶରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ୫୪,୨୯୬ କୋଟି ଟଙ୍କା ବ୍ୟୟ କରାଯିବ। ଏଥିପାଇଁ ଆଜି କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ ପ୍ରଦାନ କରିଛି। ଅନୁମୋଦନ ଲାଭ କରିଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ଜଳ ବିଦ୍ୟୁତ୍ ପ୍ରକଳ୍ପଠାରୁ ଆରମ୍ଭ କରି ଜାତୀୟ ରାଜପଥ, ଶିଳ୍ପ ପାର୍କ ଇତ୍ୟାଦି ରହିଛି। ଏହି ଅନୁମୋଦନ ରାଶିର ଏକ ବଡ଼ ଭାଗ ଭାରତ ଔଦ୍ୟୋଗୀକ ବିକାଶ ଯୋଜନାରେ ଶିଳ୍ପ ବିକାଶ ପାଇଁ ଖର୍ଚ୍ଚ କରାଯିବ ବୋଲି କ୍ୟାବିନେଟ କମିଟି ନିଷ୍ପତ୍ତି ନେଇଛି। ଏହି ଯୋଜନାରେ ଦେଶରେ ୧୦୦ଟି ଶିଳ୍ପ ପାର୍କର ବିକାଶ କରାଯିବ। ଶିଳ୍ପ ପାର୍କଗୁଡ଼ିକ ସଂପୃକ୍ତ ରାଜ୍ୟ ତଥା ନିକଟବର୍ତ୍ତୀ ଅଞ୍ଚଳରେ ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିବା ସହିତ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରି ପାରିବେ। ସେହିପରି କପାଚାଷୀଙ୍କ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ବାବଦକୁ ୧୧,୭୧୨ କୋଟି ଟଙ୍କାର ପ୍ରସ୍ତାବକୁ ଅନୁମୋଦନ ମିଳିଛି। ୯୨୭ ନମ୍ବର ଜାତୀୟ ରାଜପଥର ଚାରି ଲେନ୍ କାର୍ଯ୍ୟ ପାଇଁ ୬୯୬୯ କୋଟି ଟଙ୍କାର ଅନୁମୋଦନ ମିଳିଛି। ଦେଶରେ କ୍ଷୁଦ୍ର ଜଳ ବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପ ଗୁଡ଼ିକ ପାଇଁ ୨୫୮୫ କୋଟି ଟଙ୍କା ବିନିଯୋଗ କରିବାକୁ ଅନୁମୋଦନ ପ୍ରଦାନ କରାଯାଇଛି।

## ମହାରାଷ୍ଟ୍ରରେ ୬ ବର୍ଷର ଶିଶୁକନ୍ୟା ଉପରେ ଏସିଡ୍ ମାଡ଼

ଅହିଲ୍ୟାନଗର,୧୮।୩: ମହାରାଷ୍ଟ୍ରର ଅହିଲ୍ୟାନଗର ଜିଲ୍ଲାର ବଡ଼ଗାଁଓ ପାନଗାଁରେ ଜଣେ ଛଅ ବର୍ଷ ଶିଶୁକନ୍ୟା ଉପରେ ଏସିଡ ମାଡ଼ ହେବା ପରି ଅଭାବନୀୟ ଘଟଣା ଘଟିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ବୁଧବାର ଅପରାହ୍ନରେ ଶିଶୁଟି ସ୍କୁଲରୁ ଘରକୁ ଫେରୁଥିବା ସମୟରେ ତା' ଉପରେ ଏସିଡ୍ ମାଡ଼ ହୋଇଥିଲା। ଏସିଡ୍ ମାଡ଼ କରି ଆକ୍ରମଣକାରୀ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ପୁଲିସ ଅଭିଯୁକ୍ତକୁ ଖୋଜୁଛି। ସୂଚନା ଅନୁଯାୟୀ, ଶିଶୁଟି ସ୍କୁଲରୁ ଘରକୁ ଫେରୁଥିବା ସମୟରେ ଜଣେ ବ୍ୟକ୍ତି ବାଇକରେ ଆସି ବାଟରେ ତାଙ୍କୁ ଅଟକାଇବା ପରେ ଏସିଡ୍ ପକାଇ ଦେଇଥିଲେ। ଶିଶୁଟି ଭୟରେ ସ୍କୁଲକୁ ଦୌଡ଼ି ପହଞ୍ଚିବା ପରେ ଶିକ୍ଷକମାନେ ତାଙ୍କର ପ୍ରାଥମିକ ଉପଚାର ପରେ ଏକ ସରକାରୀ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଶିଶୁଟିର ଅବସ୍ଥା ବର୍ତ୍ତମାନ ସ୍ଥିର ଅଛି। ସଙ୍ଗମନେର୍ ପୁଲିସ ଥାନାରେ ଅଜଣା ବ୍ୟକ୍ତିଙ୍କ ନାଁ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରୁଛି। ଅଭିଯୁକ୍ତର ପରିଚୟ ପାଇବାକୁ ପୁଲିସ ଆଖପାଖର ସିସିଟିଭି ଫୁଟେଜ ଯାଞ୍ଚ କରୁଛି। ଏହି ଘଟଣା ପରେ ଉତ୍ତ୍ୟକ୍ତ ଲୋକମାନେ ରାସ୍ତା ଅବରୋଧ କରି ବିରୋଧ ପ୍ରଦର୍ଶନ କରିବା ସହିତ ଅଭିଯୁକ୍ତକୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ଏହି ଘଟଣାକୁ ନେଇ ରାଜ୍ୟ ରାଜନୀତି ମଧ୍ୟ ତୀବ୍ର ହୋଇଛି।

# ନୀତିନ ଗଡକରୀଙ୍କୁ ଭେଟିଲେ ରାହୁଲ-ପ୍ରିୟଙ୍କା



ନୂଆଦିଲ୍ଲୀ,୧୮।୩: ବୁଧବାର ସଂସଦରେ ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଛି। ଲୋକସଭାରେ ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଏବଂ ୱାୟାନାଡ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ସଂସଦରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ଭେଟିଛନ୍ତି। ଏହାର ଏକ ଭିଡିଓ ସାମ୍ନାକୁ ଆସିଛି। ଏହି ଉଚ୍ଚସ୍ତରୀୟ ବୈଠକର ପ୍ରାଥମିକ ଉଦ୍ଦେଶ୍ୟ ଥିଲା ରାଜସ୍ଥାନର ହଜାର ହଜାର ବସ୍ ବଡିବିଲ୍ଡର, ବିଶେଷକରି ଜୟପୁର ଏବଂ ଜାଲୋର ଅଞ୍ଚଳରେ, ସମ୍ମୁଖୀନ ହେଉଥିବା ବୈଷୟିକ ଏବଂ ନିୟାମକ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବା। ସୁରକ୍ଷା ମାନଦଣ୍ଡକୁ କଡ଼ାକଡ଼ି କରିବା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ନୂତନ ବସ୍ ବଡି କୋଡ୍ (ଏଆଇଏସ୍ ୦୫୨), କ୍ଷୁଦ୍ର ଏବଂ ମଧ୍ୟମ ସ୍ତରର ବଡିବିଲ୍ଡରମାନଙ୍କ ପାଇଁ କାର୍ଯ୍ୟ କରିବା କଷ୍ଟକର କରିଦେଇଛି। ରାଜସ୍ଥାନର ବଡିବିଲ୍ଡରମାନେ ଯୁକ୍ତି ଦେଉଛନ୍ତି ଯେ, ନୂତନ ମାନ୍ୟତା ପ୍ରକ୍ରିୟା ଏବଂ ଅତ୍ୟଧିକ ଫିସ୍ ସେମାନଙ୍କ ପାରମ୍ପରିକ ବ୍ୟବସାୟକୁ ପତନ ଦ୍ୱାରରେ ପକାଇବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ବୈଠକ ସମୟରେ ରାହୁଲ ଗାନ୍ଧୀ ଗୁରୁତ୍ୱାରୋପ କରିଥିଲେ ଯେ, ସୁରକ୍ଷା ମାନଦଣ୍ଡ ପାଳନ କରିବା ଜରୁରୀ, ସୁରକ୍ଷା ନାମରେ ହଜାର ହଜାର ସୂକ୍ଷ୍ମ ଏବଂ କ୍ଷୁଦ୍ର ଶିଳ୍ପକୁ ନଷ୍ଟ କରାଯିବା ଉଚିତ୍ ନୁହେଁ। ପ୍ରିୟଙ୍କା ଗାନ୍ଧୀ ଗଡକରୀଙ୍କୁ କହିଥିଲେ, ରାଜସ୍ଥାନର ଲୋକମାନେ ପିଢ଼ି ପିଢ଼ି ଧରି ବସ୍ ବଡି ନିର୍ମାଣରେ ନିୟୋଜିତ ଅଛନ୍ତି। ନୂତନ କଠୋର ନିୟମ ଏବଂ ଜଟିଳ ପ୍ରମାଣପତ୍ର ପ୍ରକ୍ରିୟା ସେମାନଙ୍କ ପାଇଁ ଅନାହାର ପରିସ୍ଥିତି ସୃଷ୍ଟି କରିଛି। ସେ ଦାବି କରିଥିଲେ ଯେ, ନିୟମାବଳୀରେ କିଛି କୋହଳ ଆଭିମୁଖ୍ୟ ପ୍ରଚଳନ କରାଯାଉ ଯାହା ଦ୍ୱାରା ସ୍ଥାନୀୟ କାରିଗରମାନେ ତିଷ୍ଠି ପାରିବେ। କେନ୍ଦ୍ରମନ୍ତ୍ରୀ ତଥା ନାଗପୁର ସାଂସଦ ନୀତିନ ଗଡକରୀ କଂଗ୍ରେସ ନେତାମାନଙ୍କ ଚିନ୍ତାକୁ ଧ୍ୟାନର ସହିତ ଶୁଣି ସ୍ପଷ୍ଟ କରିଛନ୍ତି ଯେ, ସରକାର ଯାତ୍ରୀଙ୍କ ସୁରକ୍ଷା ସହିତ ସାଲିସ କରିହେବ ନାହିଁ। କିନ୍ତୁ ଛୋଟ ବ୍ୟବସାୟଗୁଡ଼ିକର ଚିନ୍ତାକୁ ସମାଧାନ କରିବାକୁ ସେ ଚାହୁଁଛନ୍ତି। ରାଜସ୍ଥାନ ବସ୍ ବଡି ବିଲ୍ଡର୍ସ ଆସୋସିଏସନର ପ୍ରତିନିଧିମାନଙ୍କ ସହିତ ବୈଷୟିକ ଦିଗଗୁଡ଼ିକର ସମୀକ୍ଷା କରିବାକୁ ଅଧିକାରୀମାନଙ୍କୁ ଗଡକରୀ ନିର୍ଦ୍ଦେଶ ଦେଇଛନ୍ତି।

# ଗୁରୁଗ୍ରାମରେ ଖୋଲିଲା ଏଲପିଜି ଏଟିଏମ୍

ନୂଆଦିଲ୍ଲୀ,୧୮।୩: ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ଯୋଗୁଁ, ସାରା ଦେଶରେ ଗ୍ୟାସ୍ ଅଭାବ ଦେଖାଦେଉଛି। କିଛି ସ୍ଥାନରେ ଲୋକମାନେ ବୁକିଂ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଯେତେବେଳେ ଅନ୍ୟ ସ୍ଥାନରେ ବୁକିଂ ପରେ ସିଲିଣ୍ଡର ମିଳୁ ନାହିଁ। ଏହି ସମୟରେ, ସାଧାରଣ ଲୋକଙ୍କ ପାଇଁ ଗୁରୁଗ୍ରାମରେ ଏକ ନୂତନ ଏଲପିଜି ଏଟିଏମ୍ ସୁବିଧା ଆରମ୍ଭ କରାଯାଇଛି। ଏହାର ବିଶେଷତ୍ୱ ହେଉଛି ଏହା ୨ ରୁ ୩ ମିନିଟରେ ଏକ ଖାଲି ସିଲିଣ୍ଡର ବଦଳରେ ରିଫିଲ୍ ହୋଇଥିବା ସିଲିଣ୍ଡର ପ୍ରଦାନ କରିପାରୁଛି।ଏକ ରିପୋର୍ଟ ଅନୁଯାୟୀ, ଏହି ଏଟିଏମ୍ ମେସିନ୍ ଗୁରୁଗ୍ରାମର ସୋହନାର ସେକ୍ଟର -୩୩, ସେଣ୍ଟ୍ରାଲ୍ ପାର୍କ ଫ୍ଲୱାର୍ ଭ୍ୟାଲିରେ ସ୍ଥାପିତ ହୋଇଛି । ଭାରତ ପେଟ୍ରୋଲିୟମ୍ କର୍ପୋରେସନ୍ ଲିମିଟେଡ୍ (ବିପିସିଏଲ୍) ଦ୍ୱାରା ଏକ ପାଇଲଟ୍ ପ୍ରୋଜେକ୍ଟ ଭାବରେ ଏହା ଆରମ୍ଭ କରାଯାଇଛି। ଏହି ସ୍ମାର୍ଟ ଏଟିଏମ୍ ମେସିନରେ ସମ୍ପୂର୍ଣ୍ଣ ଏଲପିଜି ରିଫିଲ୍ ପ୍ରକ୍ରିୟା ଡିଜିଟାଲ୍ ଏବଂ ସ୍ୱୟଂଚାଳିତ ଭାବେ କାର୍ଯ୍ୟ କରୁଛି। ରିପୋର୍ଟ ଅନୁଯାୟୀ, ଏହି ମେସିନ୍ କମ୍ପୋଜିଟ୍ ଏଲପିଜି ସିଲିଣ୍ଡର ପ୍ରଦାନ କରୁଛି। ଯାହା ହାଲୁକା, ସ୍ୱଚ୍ଛ ଏବଂ ବ୍ୟବହାର କରିବାକୁ ସହଜ। ସାଧାରଣ ଲୁହା ସିଲିଣ୍ଡରଗୁଡ଼ିକର ଓଜନ ଗ୍ୟାସ୍ ସହିତ ପ୍ରାୟ ୩୧ କିଲୋଗ୍ରାମ ଥିବାବେଳେ, ଏହି ଫାଇବର-ଆଧାରିତ କମ୍ପୋଜିଟ୍ ସିଲିଣ୍ଡରଗୁଡ଼ିକର ଓଜନ ୧୪ କିଲୋଗ୍ରାମ ଗ୍ୟାସ୍ ସହିତ ପ୍ରାୟ ୧୫ କିଲୋଗ୍ରାମ୍ ରହିଛି। ଏହା ବ୍ୟତୀତ, ଏହି ସିଲିଣ୍ଡରଗୁଡ଼ିକ ସ୍ୱଚ୍ଛ। ଫଳରେ ଭିତରେ ଥିବା ଗ୍ୟାସ୍ ସ୍ତର ଦେଖାଯାଉଛି।

## ଡବ୍ଲ୍ୟୁଏଫପି ପକ୍ଷରୁ ଚେତାବନୀ,

# ଯୁଦ୍ଧ ଲାଗି ରହିଲେ ଅତି କ୍ଷୁଧାକୁ ଚାଲିଯିବେ ୪.୫ କୋଟି ଲୋକ



ନୂଆଦିଲ୍ଲୀ, ୧୮/୩ : ଜଳୁଛି ଅଶାନ୍ତ ମଧ୍ୟପ୍ରାଚ୍ୟ। ଥମିବାର ନାଁ ନେଉନି ଯୁଦ୍ଧ। ଡବ୍ଲ୍ୟୁଏଫପି ପକ୍ଷରୁ ଚେତାବନୀ। ଜୁନ୍ ପର୍ଯ୍ୟନ୍ତ ଯଦି ଯୁଦ୍ଧ ଲାଗିରୁହେ, ତେବେ ଅତି କ୍ଷୁଧାକୁ ଚାଲିଯିବେ ବିଶ୍ୱର ଆଉ ୪.୫ କୋଟି ଲୋକ। ଚିନ୍ତା ବ୍ୟକ୍ତ କଲେ ଡବ୍ଲ୍ୟୁଏଫ୍ପିର ଉପ- କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କାର୍ଲ ସ୍କାଉ। ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ(ଡବ୍ଲ୍ୟୁଏଫପି) ପକ୍ଷରୁ ଜାରି ଏକ ରିପୋର୍ଟରେ ଏହି ଚେତାବନୀ ଦିଆଯାଇଛି । ଇରାନ୍ ଉପରେ ଫେବ୍ରୁଆରୀ ୨୬ରୁ ଆମେରିକା-ଇସ୍ରାଏଲର ଆକ୍ରମଣ ପରଠାରୁ ମଧ୍ୟପ୍ରାଚ୍ୟରେ ଅଶାନ୍ତ ମାହୋଲ । ଯୁଦ୍ଧରେ ଥରହର ହେଉଛି ମଧ୍ୟପ୍ରାଚ୍ୟ । ଫଳରେ ମାନବୀୟ ସହାୟତାର ମାର୍ଗ ବନ୍ଦ ହୋଇଯାଇଛି । ବିଭିନ୍ନ ପ୍ରାନ୍ତରେ ଜୀବନ-ରକ୍ଷାକାରୀ ପରିବହନ ସାମଗ୍ରୀ ପହଞ୍ଚିପାରୁନାହିଁ । ଖାଦ୍ୟ, ତୈଳ ଏବଂ ପରିବହନ ଖର୍ଚ୍ଚ ବୃଦ୍ଧି ଯୋଗୁ ବିଶ୍ୱରେ ଆଉ ୪.୫ କୋଟି ଲୋକ ଉତ୍କଟ କ୍ଷୁଧାକୁ ଚାଲିଯିବେ। ଡବ୍ଲ୍ୟୁଏଫପିର ଉପ- କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କାର୍ଲ ସ୍କାଉ ଏନେଇ ପ୍ରକାଶ କରିଛନ୍ତି। ବର୍ତ୍ତମାନ ବିଶ୍ୱରେ ୩୧.୯ କୋଟି ଲୋକ ଅତି କ୍ଷୁଧା ବର୍ଗରେ ଅଛନ୍ତି । ଯୁଦ୍ଧ ବନ୍ଦ ନ ହେଲେ ଏହା ୩୬ କୋଟିକୁ ବଢ଼ିଯିବ ବୋଲି ସ୍କାଉ କହିଛନ୍ତି । ବିଶ୍ୱ କ୍ଷୁଧା ସ୍ତର ଏହାର ସର୍ବକାଳୀନ ରେକର୍ଡ ସ୍ତରକୁ ଚାଲିଯିବ । ଏହା ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ। ଯୁଦ୍ଧ ପୂର୍ବରୁ ହିଁ ବିଶ୍ୱ କ୍ଷୁଧାସ୍ତର ଭୟଙ୍କର ରହିଥିଲା । ବର୍ତ୍ତମାନ ଯୁଦ୍ଧ ଛବିକୁ ଅତି ବିକୃତ କରିଦେବ ବୋଲି ସ୍କାଉ କହିଛନ୍ତି ।

# ଇରାନକୁ ଔଷଧ ପଠାଇଲା ଭାରତ

## ସଙ୍କଟ ସମୟରେ ସହାୟତାର ହାତ



ନୂଆଦିଲ୍ଲୀ,୧୮।୩: ପଶ୍ଚିମ ଏସିଆରେ ଜାରି ରହିଥିବା ଯୁଦ୍ଧ ଓ ଉତ୍ତେଜନା ମଧ୍ୟରେ ଇରାନକୁ ସହାୟତାର ହାତ ବଢ଼ାଇଛି ଭାରତ। ଆମେରିକା ଓ ଇସ୍ରାଏଲ ସହ ସଂଘର୍ଷରେ ଜଡ଼ିତ ଥିବା ଇରାନକୁ ଭାରତ ପକ୍ଷରୁ ମାନବିକ ଭିତ୍ତିରେ ପ୍ରଥମ ପର୍ଯ୍ୟାୟ ଚିକିତ୍ସା ସହାୟତା ପ୍ରଦାନ କରାଯାଇଛି। ଏହି ସହାୟତା ସାମଗ୍ରୀକୁ ''ଇରାନୀ ରେଡ୍ କ୍ରିସେଣ୍ଟ ସୋସାଇଟି''କୁ ହସ୍ତାନ୍ତର କରାଯାଇଥିବା ନେଇ ନୂଆଦିଲ୍ଲୀ ସ୍ଥିତ ଇରାନ ଦୂତାବାସ ସୂଚନା ଦେଇଛି। ଭାରତରେ ଅବସ୍ଥାପିତ ଇରାନର ରାଷ୍ଟ୍ରଦୂତ ମହମ୍ମଦ ଫଥାଲି ଦିଲ୍ଲୀ-ତେହେରାନ ସମ୍ପର୍କକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅଭିହିତ କରିଛନ୍ତି। ସେ କହିଛନ୍ତି, ଭାରତ ଏକ ବିଶ୍ୱସ୍ତ ଓ ବନ୍ଧୁତ୍ୱପୂର୍ଣ୍ଣ ଦେଶ। ଅନ୍ୟ ଅନେକ ଦେଶ ସହଯୋଗ କରିବାକୁ ମନା କରିଦେଇଥିବା ବେଳେ ଭାରତ ଆମର ଅନୁରୋଧକୁ ରକ୍ଷା କରି ଜାହାଜ ସାହାଯ୍ୟରେ ଜରୁରୀ ସାମଗ୍ରୀ ପଠାଇଛି। ସହାୟତା ପାଇଁ ଭାରତକୁ କୃତଜ୍ଞତା ଜଣାଇବା ସହ ଶତ୍ରୁ ଦେଶମାନଙ୍କୁ କଡ଼ା ଚେତାବନୀ ଦେଇଛନ୍ତି ଇରାନ ରାଷ୍ଟ୍ରଦୂତ। ସହଯୋଗ କରିନଥିବା ଦେଶମାନଙ୍କୁ ଉଚିତ ଜବାବ ଦିଆଯିବ ଏବଂ ଖୁବଶୀଘ୍ର ବିଶ୍ୱ ଏହା ବିଷୟରେ ଜାଣିବାକୁ ପାଇବ ବୋଲି ସେ କହିଛନ୍ତି। ଏହି ଘଟଣା ଏବେ ଆନ୍ତର୍ଜାତୀୟ ରାଜନୀତିରେ ଭାରତର ସନ୍ତୁଳିତ ବୈଦେଶିକ ନୀତିକୁ ପୁଣି ଥରେ ପ୍ରମାଣିତ କରିଛି।

## ଇରାନ ଉପରେ ଆମେରିକାର 'ବଙ୍କର ବଷ୍ଟର'ରେ ଆକ୍ରମଣ

ନୂଆଦିଲ୍ଲୀ,୧୮।୩: ହର୍ମୁଜ୍ ପ୍ରଣାଳୀରେ ବଡ଼ ଆକ୍ରମଣ କଲା ଆମେରିକା ସେନା। ଇରାନୀ କ୍ଷେପଣାସ୍ତ୍ର ସ୍ଥଳ ଉପରେ ୫ ହଜାର ପାଉଣ୍ଡର ବଙ୍କର ବଷ୍ଟର ବୋମା ମାଡ଼। ଆମେରିକାର କେନ୍ଦ୍ରୀୟ କମାଣ୍ଡ ଘୋଷଣା କରିଛି, କିଛି ଘଣ୍ଟା ପୂର୍ବରୁ, ଆମେରିକାର ସେନା ହର୍ମୁଜ୍ ପ୍ରଣାଳୀ ନିକଟରେ ଇରାନ ଉପକୂଳରେ ଅବସ୍ଥିତ କ୍ଷେପଣାସ୍ତ୍ର ଘାଟି ଉପରେ ଆକ୍ରମଣ କରିଛି। ସେଣ୍ଟକମ୍ ଅନୁଯାୟୀ, ଏହି ଘାଟିଗୁଡ଼ିକରେ ମୁତୟନ ହୋଇଥିବା ଇରାନ ଜାହାଜର କ୍ରୁଜ୍ କ୍ଷେପଣାସ୍ତ୍ର ଆନ୍ତର୍ଜାତୀୟ ଜାହାଜଗୁଡ଼ିକର ଗତିବିଧି ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରୁଛି। ଆମେରିକାର ସେନା ଏହି ଘାଟିଗୁଡ଼ିକ ଉପରେ ୫ ହଜାର ପାଉଣ୍ଡ ବା ୨,୨୦୦ କିଲୋଗ୍ରାମ୍ର ବଙ୍କର ବଷ୍ଟର ବୋମା ସଫଳତାର ସହ ମାଡ଼ କରିଛି। ସେଣ୍ଟକମ୍ କହିଛି, ହର୍ମୁଜ୍ ପ୍ରଣାଳୀରେ ସୁରକ୍ଷିତ ଏବଂ ଅବାଧ ନୌବାହନ ସୁନିଶ୍ଚିତ କରିବା ପାଇଁ ଏହି ଆକ୍ରମଣ କରାଯାଇଛି।

## ଆଲିଗଡ଼ ହସ୍ପିଟାଲରେ ଗୁଳିକାଣ୍ଡ, ଜଣେ ମୃତ

ଆଗ୍ରା,୧୮।୩: ଉତ୍ତରପ୍ରଦେଶର ଆଲିଗଡ଼ରେ ଥିବା ଏକ ଘରୋଇ ହସ୍ପିଟାଲରେ ଗୁଳିକାଣ୍ଡ ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଛି। ଏହି ଗୁଳିକାଣ୍ଡ ଘଟଣା ପ୍ରେମ ବ୍ୟାପାରକୁ ନେଇ ହୋଇଥିବାବେଳେ ଉତ୍ତର ପ୍ରଦେଶର ଜଣେ ପ୍ରାଦେଶିକ ଆର୍ମଡ କନଷ୍ଟାବୁଲାରୀ (ପିଏସି) ଯବାନ ଓ ଜଣେ ପୁଲିସ କନଷ୍ଟେବଲ ସମ୍ପୃକ୍ତ ଥିବା ଜଣାପଡ଼ିଛି। ସୋମବାର ରାତି ୧୦ଟାରେ ଦୁଇ ଜଣ ଦୁର୍ବୃତ୍ତ ହସ୍ପିଟାଲ ଭିତରେ ପଶି ବେଦପାଲ ସିଂହ ନାମକ ୩୮ ବର୍ଷୀୟ ରୋଗୀଙ୍କ ଉପରେ ଗୁଳିଚାଳନା କରି ହସ୍ପିଟାଲ ଭିତରେ ଆତଙ୍କ ସୃଷ୍ଟି କରିଥିଲେ। ଗୁଳି କରିବା ପରେ ଦୁର୍ବୃତ୍ତ ଫେରାର୍ ହୋଇଯାଇଥିଲେ।

# ଆମକୁ ଭଲ ପାଉଥିଲେ, ମୋଦିଜୀଙ୍କୁ ବିବାହ କଲେ

## ଦେବେଗୌଡ଼ାଙ୍କ ପ୍ରତି ଖଡ଼ଗେଙ୍କ ମନ୍ତବ୍ୟରେ ହସିଲେ ମୋଦି



ନୂଆଦିଲ୍ଲୀ,୧୮।୩: ବିଦାୟୀ ସଦସ୍ୟ ତଥା କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ହାଲୁକା ମନ୍ତବ୍ୟ ଯୋଗୁଁ ଆଜି ରାଜ୍ୟସଭାରେ ହସ ଫୁଟିଛି। ସଂସଦର ଉଚ୍ଚ ସଦନରେ ବିରୋଧୀ ଦଳ ନେତା ଖଡ଼ଗେ ଆଜି ତାଙ୍କର ବିଦାୟୀ ଭାଷଣ ପ୍ରଦାନ କରିଥିଲେ। ଏହା ପରେ କଂଗ୍ରେସ ସଭାପତି ପୂର୍ବତନ ପ୍ରଧାନମନ୍ତ୍ରୀ ଏଚଡି ଦେବେଗୌଡ଼ା ଓ ଏନସିପି ପ୍ରତିଷ୍ଠାତା ଶରଦ ପାୱାରଙ୍କ ବିଷୟରେ କହିଥିଲେ, ଯେଉଁମାନଙ୍କର ରାଜ୍ୟସଭାରେ ବର୍ତ୍ତମାନର କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି। ତେବେ ପାୱାର ଗୃହକୁ ଫେରିବାକୁ ଯାଉଛନ୍ତି। ଖଡ଼ଗେ କହିଛନ୍ତି, ଦେବେଗୌଡା ପ୍ରଧାନମନ୍ତ୍ରୀ ଥିଲେ ଓ ଅନ୍ୟାନ୍ୟ ପଦବୀରେ କାର୍ଯ୍ୟ କରିଥିଲେ। ମୁଁ ତାଙ୍କୁ ୫୪ ବର୍ଷ ଧରି ଜାଣିଛି ଓ ତାଙ୍କ ସହ କାମ କରିଛି। କିନ୍ତୁ କ'ଣ ହେଲା ମୁଁ ଜାଣେ ନାହିଁ- ସେ ଆମକୁ ଭଲ ପାଉଥିଲେ, କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିବାହ କଲେ। ରାଜ୍ୟସଭାରେ ଉପସ୍ଥିତ ଥିବା ପ୍ରଧାନମନ୍ତ୍ରୀ ମଧ୍ୟ ହସୁଥିବାର ଦେଖିବାକୁ ମିଳିଥିଲା। ତେବେ ଦେବେଗୌଡ଼ା ଖଡ଼ଗେଙ୍କ ମନ୍ତବ୍ୟର ଉତ୍ତରରେ କହିଛନ୍ତି, ପ୍ରଥମ ବିବାହରେ ମୋତେ ଦୁର୍ବ୍ୟବହାର ମିଳିଲା, ତେଣୁ ଛାଡ଼ପତ୍ର ଦେଇ ଦ୍ୱିତୀୟ ବିବାହ କରିବାକୁ ପଡ଼ିଲା।

# ମହିଳାଙ୍କୁ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ମାଡ ମାରିବା ଘଟଣା: ୪ଗିରଫ

ଆସିକା(ନିପ୍ର): ମହିଳାଙ୍କୁ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ମାଡ ମାରିବା ଘଟଣାରେ କୋଟିନଡ଼ା ଥାନା ପକ୍ଷରୁ ୪ଜଣଙ୍କୁ ଗିରଫ କରି ପୋଲିସ କୋଟିନାଡା ଥାନା କେସ୍ ନମ୍ବର ୯୩/୨୬ ରେ ମାମଲା ରୁଜୁକରି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରିଛି ।ପ୍ରକାଶ ଥାଉକି କୋଟିନଡ଼ା ଥାନା ଭେଟନଇ ଗ୍ରାମରେ ହୋଇଥିବା ଚୋରି ଘଟଣାରେ ସମ୍ପୃକ୍ତି ଥିବା ସନ୍ଦେହରେ ଆଜି ଭୋର ସମୟରେ ଭେଟନଇ ଗ୍ରାମର ସନ୍ତୋଷ ସେଠୀ,ଶଙ୍କର ସେଠୀ ଗ୍ରାମର ଅନ୍ୟ କିଛି ଗ୍ରାମବାସୀଙ୍କ ସହିତ ମିଶି ପୁଷ୍ପାଞ୍ଜଳି ସେଠୀଙ୍କ ଘରର କବାଟ ଜୋର ଜବରଦସ୍ତ ବାଡ଼େଇଥିଲେ। ଏହା ପରେ ଘରେ ପଶି ପୁଷ୍ପାଞ୍ଜଳି ସେଠୀପୁଅ




ତାପସ ସେଠୀଓ ତାଙ୍କ ଦୁଇ ବନ୍ଧୁ ଆସିକା ବ୍ଲକ ବଡ଼ଖୋଲି ଗ୍ରାମର ବୁଲୁ ପ୍ରଧାନ ଏବଂ କେଶରପାଲି ଗ୍ରାମର ସଞ୍ଜୟ ପ୍ରଧାନଙ୍କୁ ଘର ଭିତରୁ ବାହାରକୁ ଟାଣି ଆଣି ଗ୍ରାମର ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ମାଡ଼ ମାରିଥିଲେ ।ଏହି ଘଟଣା ଦେଖିବା ପରେ, ପୁଷ୍ପାଞ୍ଜଳି ସେଠୀ ତାଙ୍କ ପୁଅ ଏବଂ ତାଙ୍କ ବନ୍ଧୁମାନଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିବାକୁ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ ହେଲେ ଅଭିଯୁକ୍ତମାନେ ତାଙ୍କୁ ମଧ ଅଟକାଇ ସେହି ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିସ୍ଥୁକ ମାଡ ମାରିଥିଲେ ।ଏନେଇ କୋଟିନଡ଼ା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଘଟଣା ସ୍ଥଳରୁ ଉଦ୍ଧାର କରିଥିଲା । ଏନେଇ ମହିଳାଙ୍କ ଲିଖିତ ଅଭିଯୋଗ ପରେ କୋଟିନଡା ପୋଲିସ ଥାନା କେସ ନଂ. ୯୩ ତାରିଖ ୧୬.୦୩.୨୦୨୬ କୁ ବିଏନଏସ ର ୨୯୬/୩୩୨(ମ)/ ୧୨୭(୨)/୭୪/ ୧୧୫(୨)/୩୫୧(୩)/୩(୫) ମାମଲା ରୁଜୁ କରି ଶଙ୍କର ସେଠୀ (୩୮) ପିତା ସ୍ୱର୍ଗତ ଖଣ୍ଡଳା ସେଠୀ,ସନ୍ତୋଷ କୁମାର ସେଠୀ (୨୪),ପିତା ମାଧବ ସେଠୀ,ସୁଶାନ୍ତ ସେଠୀ (୧୯),ପିତା ମାଧବ ସେଠୀ,ନରେସ କୁମାର ସେଠୀ, ପିତା ସ୍ୱର୍ଗତ ଉଦୟନାଥ ସେଠୀ କୁ ଗିରଫ କରି କୋର୍ଟକୁ ଚାଲାଣ କରିଥିବା କୋଟିନଡ଼ା ଥାନା ଅଧିକାରୀ ଦାମୋଦର ବିହାରୀ ସୂଚନା ପ୍ରଦାନ କରିଛନ୍ତି ।

# ତାରାତାରିଣୀଙ୍କ ପୀଠରେ ସେବା ଯୋଗାଇଲେ ୮୦ ସ୍ୱେଚ୍ଛାସେବୀ



ଭୁବନେଶ୍ୱର,୧୮ ।୩: ଚଇତି ଯାତ୍ରାର ଦ୍ୱିତୀୟ ପାଳିରେ ଗଞ୍ଜାମ ଅଧିଷ୍ଠାତ୍ରୀ ମା’ ତାରାତାରିଣୀ ମା’ ମହାଲକ୍ଷ୍ମୀ ରୂପେ ବେଶ ଧାରଣ କରିଥିଲେ। ଏହି ଅପୂର୍ବ ବେଶ ଦେଖିବାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଛୁଟିଥିଲା । କିନ୍ତୁ ଏହି ଭିଡରେ ଅନନ୍ୟ ସେବା କରି ଶ୍ରଦ୍ଧାଳୁଙ୍କ ମନ ମୋହିବାକୁ ପୂର୍ବରୁ ପ୍ରସ୍ତୁତ ଥିଲେ ଗଜପତି ଜିଲ୍ଲା କୋର୍ଟରେ କାର୍ଯ୍ୟରତ ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ଓ ଭୁବନେଶ୍ୱରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସେବା ପ୍ରତିନିଧି। ଏହି ସଂଗଠନର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ରଙ୍କ ନେତୃତ୍ୱାଧୀନ ସେବା ପ୍ରତିନିଧିର ୮୦ଜଣରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସେବା ଯୋଗାଇଥିଲେ। ଭୋର ୩ଘଟିକାରୁ ଦିବା ୨ଘଟିକା ପର୍ଯ୍ୟନ୍ତ ଭକ୍ତଙ୍କୁ ଧାଡ଼ିରେ ଛିଡା କରାଇବା ତଥା ଦିବ୍ୟାଙ୍ଗ ଓ ବୟସ୍କ ବ୍ୟକ୍ତିଙ୍କୁ ସୁଚାରୁ ଦର୍ଶନ କରାଇବା ଆଦି କାମ ଅନ୍ୟତମ ଥିଲା। ଯେଉଁଥିରେ ସହଯୋଗର ହାତ ବଢାଇଥିଲେ ହୃଷିକେଶ ବେହେରା, ଆର. ହରି ପ୍ରସାଦ ରେଡ୍ଡୀ ଓ ଡ଼ି. ସନ୍ତୋଷ ରେଡ୍ଡୀ। ସେହିପରି ଉଦୁଉଦିଆ ଖରାରେ ଶ୍ରଦ୍ଧାଳୁଙ୍କୁ ପାନୀୟ ଜଳ ବଣ୍ଟନ ଓ ଗ୍ଲୁକୋଜ ବଣ୍ଟନ କେନ୍ଦ୍ର ଖୋଲାଯାଇଥିଲା। ଏହି ଦୁଇ କେନ୍ଦ୍ରର ଦାୟିତ୍ୱ ନିର୍ବାହ କରିଥିଲେ ନାରାୟଣ ସାହୁ ଓ ସନାତନ ମହାରଣା ତଥା ଏହି ବଣ୍ଟନ କାର୍ଯ୍ୟରେ ସହଯୋଗର ହାତ ବଢାଇଥିଲେ ଲିଓରା ଫାଉଣ୍ଡେସନ, ଦୀପା ମହାରଣା, ମନୋରଞ୍ଜନ ବେହେରା, ଟୁଟୁ ନାୟକ ତଥା ଲସିତ ବରଣ ବେହେରା। ସେହିପରି ନିରାକାର ସାହୁ, ଶ୍ରୀତମ ପଟ୍ଟନାୟକ, ସମୀର ପ୍ରଧାନ ଓ ଶିବ ପ୍ରସାଦ ବେହେରା ଲୋକଙ୍କୁ ଶୃଙ୍ଖଳିତ ଦର୍ଶନ କରିବାରେ ଯଥାର୍ଥ ସହାୟତା କରିଥିଲେ। ସମସ୍ତ ସେବା କାର୍ଯ୍ୟ ସାମ୍ବାଦିକ ପ୍ରଦୀପ କୁମାର ସାହୁ, ସମାଜସେବୀ ମନୋଜ ମିଶ୍ର ଓ ଏନ. ବସନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଥିଲା।

## ଭଦ୍ରକରେ ଇଦ୍-ଉଲ୍-ଫିତର ପାଇଁ ପ୍ରାକ୍ ପ୍ରସ୍ତୁତି

ଭଦ୍ରକ,(ନିପ୍ର): ଭଦ୍ରକ ସହରରେ ଆସନ୍ତା ଇଦ୍-ଉଲ୍-ଫିତର ଉତ୍ସବ–୨୦୨୬ କୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ପାଳନ କରିବା ନିମନ୍ତେ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ ସଭାଗୃହ ଓସତ୍ୱାନରେ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମନୋଜ ରାଉତ , ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ) ରବି ନାରାୟଣ ସାହୁ , ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତୀ , ଡେପୁଟି କଲେକ୍ଟର(ବିଚାର) କାର୍ତିକ ନାଥ ମଣ୍ଡଳ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ (ଜିଲ୍ଲା ଗୁଇନ୍ଦା ସଂସ୍ଥା) ଅଂଶୁମାନ ଦ୍ୱିବେଦୀ ସହ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଓ ବିଭିନ୍ନ ସମ୍ପ୍ରଦାୟର ପ୍ରତିନିଧିମାନେ ଯୋଗଦେଇଥିଲେ। ବୈଠକ ଆରମ୍ଭରେ ଡେପୁଟି କଲେକ୍ଟର(ବିଚାର) ସମସ୍ତ ଉପସ୍ଥିତ ସଦସ୍ୟଙ୍କୁ ସ୍ୱାଗତ କରିବା ସହ ବୈଠକର ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉପସ୍ଥିତ ମୁସଲିମ ଜାମାତ କମିଟି, ହିନ୍ଦୁ ସୁରକ୍ଷା ସମିତି ଓ ଶାନ୍ତି କମିଟିର ସଦସ୍ୟମାନଙ୍କୁ ପର୍ବ ପାଳନ ସମ୍ବନ୍ଧୀୟ ସେମାନଙ୍କର ଯୋଜନା ଓ ପ୍ରସ୍ତାବ ରଖିବାକୁ ଅନୁରୋଧ କରାଯାଇଥିଲା।

## ‘ପଖାଳ’କୁ ଜିଆଇ ଟ୍ୟାଗ ପାଇଁ ଉଦ୍ୟମ ଜାରି ରହିଛି : ମେୟର ସୁବାସ ସିଂହ

କଟକ,(ନିପ୍ର) : ଓଡ଼ିଶାର ସାଂସ୍କୃତିକ ପରମ୍ପରାରେ ପଖାଳ ଅନ୍ୟତମ ଆକର୍ଷଣ। ପଖାଳ ହେଉଛି ଓଡ଼ିଶା ତଥା ଓଡିଆଙ୍କର ପରିଚୟ , ଏହାକୁ ବ୍ରାଣ୍ଡ ଆମ୍ବାସାଡର କରିବା ପାଇଁ ପ୍ରୟାସ ଜାରି ରହିଛି। ଆସନ୍ତା ମାର୍ଚ୍ଚ ୨୦ ତାରିଖ ଦିନ ପଖାଳ ଦିବସ ପାଳନ କରାଯିବ, ସେଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି ବୋଲି ମେୟର ସୁବାସ ସିଂହ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ମେୟର ଶ୍ରୀ ସିଂ ଗଣମାଧ୍ୟମ ପ୍ରତିନିଧିଙ୍କୁ ପଖାଳ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଉଲ୍ଲେଖ କରି କହିଲେ ପ୍ରତ୍ୟେକ ଓଡ଼ିଆଙ୍କର ପଖାଳ ହେଉଛି ପ୍ରିୟ ଖାଦ୍ୟ। ପଖାଳ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପାଦେୟ । ତେଣୁ ପଖାଳ ଖାଦ୍ୟର ପ୍ରଚାର ପ୍ରସାର ପାଇଁ ସରକାରୀ ଏବଂ ବେସରକାରୀ ସ୍ତରରେ ଉଦ୍ୟମ ଜାରି ରହିଛି । ଆସନ୍ତା ମାର୍ଚ୍ଚ ୨୦ ତାରିଖ ଦିନ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଖାଦ୍ୟ ସହିତ ପଖାଳ ପରିବେଷଣ କରାଯିବା । ପଖାଳକୁ ଜୀଆଇ ଟ୍ୟାଗ ପାଇବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ମେୟର ପ୍ରକାଶ କରିଥିଲେ।

## ସ୍ୱଚ୍ଛ ସର୍ବେକ୍ଷଣ ୨୦୨୫ : ସମ୍ମାନିତ ହେଲେ ବହୁ ୱାର୍ଡବାସୀ




ଆସିକା (ନିପ୍ର): ଆସିକା ପୌରପରିଷଦ ଅଞ୍ଚଳ ପକ୍ଷରୁ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୫ ଅନୁଷ୍ଠିତ। ଆସିକା ତାଲୁକା ଛକ ସ୍ଥିତ ଏନଏସି କଲ୍ୟାଣ ମଣ୍ଡପ ଠାରେ ଆସିକା ପୌରପରିଷଦ ଅଞ୍ଚଳ ପକ୍ଷରୁ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୫ ସ୍ୱଚ୍ଛ ସୁପରଭାଇଜର ଦୀପ୍ତିମୟୀ ସାହୁଙ୍କ ସଂଯୋଜନା ଆସିକା ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅଧକ୍ଷା ବିନେତା ସ୍ୱାଇଁ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲା ବେଳେ ଅନ୍ୟ ଅତିଥିଭାବେ ସ୍ୱଚ୍ଛ ସର୍ବେକ୍ଷଣ ବ୍ରାଣ୍ଡ ଆମ୍ବାସାଡାର ନିରଞ୍ଜନ ମହାନ୍ତି କାଉନସିଲର ସୁଜାତା ପରିଡା, ମଦନ ନାୟକ,ଭାସ୍କର ବେହେରା, ନିଗମାନନ୍ଦ ରାଉତ,ବାସନ୍ତୀ ପାତ୍ର,ଲାଲୁ ଜେନା ଉପସ୍ଥିତ ରହିଥିଲେ। ୨୦୨୪ ମସିହା ସ୍ୱଚ୍ଛ ସର୍ବେକ୍ଷଣରେ ସାରା ଭାରତ ବର୍ଷରେ ୨ୟ ସ୍ଥାନ ଓ ଓଡ଼ିଶାରେ ପ୍ରଥମ ସ୍ଥାନ ଆସିକା ପୌରପରିଷଦ ଅଧିକାର କେବଳ ସହରବାସୀଙ୍କ ଯୋଗୁଁ ହୋଇପାରିଛି ବୋଲି ଅଧକ୍ଷା ନିଜ ଅଭିଭାଷଣରେ କହିଥିଲେ । ଆସିକା ଜନସାଧାରଣ ସମ୍ପୂର୍ଣ୍ଣ ରୂପେ ସଚେତନ, ପରିବେଶ ସୁରକ୍ଷିତ ରଖିବା ବର୍ଜ୍ୟବସ୍ତୁ ଠିକ ପରିଚାଳନା ଓଦା ଅଳିଆ ଓ ଶୁଖିଲା ଅଳିଆ ଆବର୍ଜନା ଗାଡିକୁ ଠିକ ଭାବେ ପ୍ରଦାନ କରିବା ନିଜ ଚତୁର୍ପାଶ୍ୱ ସଫା ରଖିବା ଦ୍ୱାରା ଆମେ ସୁରକ୍ଷିତ ରହିବା ଓ ଅନ୍ୟ ମାନଙ୍କ କୌଣସି ଅସୁବିଧା ହେବନି ବୋଲି ଉପସ୍ଥିତ ଅତିଥି ମାନେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଆସିକାର ସମସ୍ତ ୱାର୍ଡର ଜଣେ ଜଣେ ବ୍ୟକ୍ତି ବିଶେଷଙ୍କୁ ଆବର୍ଜନାର ଠିକ ପରିଚାଳନା କରିବା ସହ ନିଜ ଅଞ୍ଚଳ ସଫା ରଖୁଥିବା ଯୋଗୁଁ ପୁରସ୍କୃତ କରାଯାଇଥିଲା। ଅନୁରୂପ ମଳଉପଚାର କେନ୍ଦ୍ର କର୍ମଚାରୀ , ଝାଡୁଦାର,ଆବର୍ଜନା ଗାଡି ଚାଳକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପୁରୀ ବାଲାଜୀ ମନ୍ଦିରରେ ମାଗଣା ବ୍ରତୋପନୟନ ୨ ରାଜ୍ୟର ୭ ଜଣ ହେଲେ ବ୍ରହ୍ମଚାରୀ

ପୁରୀ: ପୁରୀ ଶ୍ରୀରାମ ଚନ୍ଦ୍ର ସ୍ୱାମୀ ଚାରିଟେବୁଲ ଟ୍ରଷ୍ଟ ତରଫରୁ ପ୍ରତିବର୍ଷ ପରି ଚଳିତ ବର୍ଷ ବୈଦିକ ରୀତିନୀତିରେ ସାମୁହିକ ମାଗଣା ବ୍ରତୋପନୟନ ଲୋକନାଥ ମନ୍ଦିର ନିକଟ ଥାନ ପତି ଆଶ୍ରମର ବାଲାଜୀ ମନ୍ଦିର ପରିସରରେ ଜୀୟର ସ୍ୱାମୀ ମଠର ମହନ୍ତ ଶ୍ରୀ ଇନ୍ଦିରା ରମଣ ରାମାନୁଜ ଦାସଜୀ ମାର୍ଗଦର୍ଶନ ରେ ଅନୁଷ୍ଠିତ ହୋଇଯାଇଛି । ଏହି ବ୍ରତୋପନୟନରେ ବିହାର,ଓଡିଶା ରାଜ୍ୟର ସମ୍ବଲପୁର, କଟକ, ଖୋର୍ଦ୍ଧା, , ଢେଙ୍କାନାଳ,ଭଦ୍ରକ, ଅନୁଗୁଳ ଜିଲ୍ଲାର ୭ ଜଣ ବ୍ରାହ୍ମଣ ବାଳକ ପରମ୍ପରା ଓ ରୀତି ନୀତି ଅନୁସାରେ ବ୍ରହ୍ମଚାରୀ ହୋଇଥିଲେ । କାର୍ଯ୍ୟକ୍ରମ ସ୍ଥଳରେ ଟ୍ରଷ୍ଟ ବୋର୍ଡର ସଦସ୍ୟ ତଥା ଜିୟର ସ୍ୱାମୀ ମଠର ସନ୍ଥ ସୁଦର୍ଶନ ରାମାନୁଜ ଦାସ ଜୀ ମହାରାଜ ପ୍ରତ୍ୟେକ୍ଷ ପରିଚାଳନା କରିବା ସହିତ ମହନ୍ତ ଶ୍ରୀ ଇନ୍ଦିରା ରମଣ ରାମାନୁଜ ଦାସଜୀ ସମସ୍ତ ବ୍ରହ୍ମଚାରୀଙ୍କୁ ଦୀକ୍ଷା ପ୍ରଦାନ କରିଥିବାବେଳେ ବିଜେପି ନେତ୍ରୀ ରଞ୍ଜିତା ପାଢ଼ୀ ସଦସ୍ୟ ତଥା କଟକୀ ମଠର ମହନ୍ତ ଡ଼ ବିଜୟ ନାରାୟଣ ରାମାନୁଜ ଦାସ, ସୁରେଶ ଶର୍ମା, ରମେଶ ଶର୍ମା, କମଳ ଟିବରୱାଲ, ବିଷ୍ଣୁ ଜୋଶୀଜୀ ସହଯୋଗ କରିଥିଲେ। ବରିଷ୍ଠ ସାମ୍ବାଦିକ ବିଷ୍ଣୁଦତ୍ତ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ୭ ଜଣ ବ୍ରହ୍ମଚାରୀ ବାଲାଜୀ ମନ୍ଦିର ଦର୍ଶନ କରିବା ସହିତ ବିଭିନ୍ନ ସ୍ଥାନରୁ ଆସିଥିବା ଭକ୍ତ ମାନଙ୍କ ସହ ସାମୁହିକ ପ୍ରସାଦ ସେବନ କରିଥିଲେ ।

## ମହିଳା ସଶକ୍ତିକରଣ ପାଇଁ , ‘ଜିଲାସ୍ତରୀୟ ସମନ୍ୱୟ ସଭା’

ବ୍ରହ୍ମପୁର (ନିପ୍ର ): ରିଲିଆନ୍ସ ଫାଉଣ୍ଡେସନ ଏବଂ ଗେଟସ ଫାଉଣ୍ଡେସନ, ମିଶନ ଶକ୍ତି , ଓଡିଶା ଜୀବିକା ମିଶନ ସହାୟତାରେ ଜଉଗଡ ସଭା ଗୃହ, ଜିଲ୍ଲା ପରିଷଦ, ଗଞ୍ଜାମ ପରିସରରେ ମହିଳା ସଶକ୍ତିକରଣ କରିବା ପାଇଁ , ଗ୍ରାମ ବିକାଶର ମିଳିତ ପ୍ରଚେଷ୍ଟାରେ ‘ଜିଲାସ୍ତରୀୟ ସମନ୍ନୟ ସଭା” ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲାର କୀର୍ତ୍ତି ଭାସନ ଭି, ଜିଲ୍ଲା ପାଳ,ଡ଼କ୍ଟର ବିଜୟ କୁମାର ବେହେରା ଜିଲ୍ଲା ଉନ୍ନୟନ ଅଧିକାରୀ କନ୍ଦ ଜେନା , ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଜୟା କୃଷ୍ଣ ମହାପାତ୍ର, ଜିଲ୍ଲା ପ୍ରକଳ୍ପ ସଂଯୋଜକ ,ଲିବି ଟି ଜନସନ ,କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଗ୍ରାମ ବିକାଶ , ବୃକ୍ଷରେ ଜଳ ଅର୍ପଣ କରି ସଭା କାର୍ଯ୍ୟକୁ ଆନୁଷ୍ଠାନିକ ଭାବେ ଆରମ୍ଭ କରିଥିଲେ। ଗ୍ରାମ ବିକାଶ କାର୍ଯ୍ୟ କରୁଥିବା ଗ୍ରାମ ଗୁଡ଼ିକର ଗ୍ରାମ କମିଟିର ସଦସ୍ୟ ଓ ମହିଳା ଉଦ୍ୟୋଗୀମାନେ ସେମାଙ୍କର ଅନୁଭୂତି ଓ ଗ୍ରାମ ବିକାଶ ସହିତ ସେମାଙ୍କର ସମ୍ବନ୍ଧ ବିଷୟରେ ଆଲୋକପାତ କରିଥିଲେ । ସ୍ୱୟଂଶ୍ରୀ ପରି ସରକାରୀ ସ୍ତରରେ ଗଞ୍ଜାମ ଜିଲ୍ଲା ମହିଳା ସଶକ୍ତିକରଣ କରିବା ପାଇଁ ସପୂର୍ଣ୍ଣା ଶ୍ରୀ ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଛନ୍ତି ବୋଲି ଜିଲ୍ଲା ପାଳ ତାଙ୍କର ଉଦ୍ବୋଧନ ପ୍ରକାଶ କରିଥିଲେ । ସେ ପ୍ରକଳ୍ପ ମାଧ୍ୟମ ରେ ମାହିଳା ମାନେ କିପରି ସ୍ୱାବଲମ୍ବୀ ହୋଇ ନିଜ ପରିବାର ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହୋଇପାରିବେ ସେ ବିଷୟରେ ଆଲୋଚନା କରିଥିଲେ । ସମସ୍ତ ବିଭାଗ ଅଧିକାରୀ ଯଥା ଡ଼କ୍ଟର ବିଜୟ କୁମାର ବେହେରା ,ମୁଖ୍ୟ ଉନ୍ନୟନ ଅଧିକାରୀ,ଅକ୍ଷୟ କୁମାର କର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, କନ୍ଦ ଜେନା , ଉପ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ,ଭାରତ ସାହୁ,ଜିଲ୍ଲା ମତ୍ସ୍ୟ ଅଧିକାରୀ,ଡ଼କ୍ଟର ଅଞ୍ଜନ କୁମାର ଦାସ , ଜିଲ୍ଲା ପଶୁସମ୍ପଦ ଅଧିକାରୀ ,ଜୟା କୃଷ୍ଣ ମହାପାତ୍ର , ଜିଲ୍ଲା ପ୍ରୋଗ୍ରାମ ସଂଯୋଜକ ମିଶନ ଶକ୍ତି ,ଶ୍ରୀ ରାଜଗୋପାଳ ଦାସ,ସିଇଓ, ଓର୍ମାସ , ଶ୍ରୀ ସନ୍ତୋଷ କୁମାର ରଥ , ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର , ଓଡିଶା ଜୀବିକା ମିଶନ , ଇତ୍ୟାଦି ଉପସ୍ଥିତ ରହି ନିଜ ବିଭାଗର ଯୋଜନା ବିଷୟରେ ଆଲୋଚନା କରିଥିଲେ। ଗ୍ରାମବିକାଶ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଗଞ୍ଜାମ ଜିଲ୍ଲାରେ ଗ୍ରାମ ବିକାଶର ଚାଲୁଥିବା କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ ।

## ମାଆ ପେଟରେ ଟ୍ୟୁମର, ପୁଅ ବିକଳାଙ୍ଗ, ଅର୍ଥ ସାଜିଛି ବାଧକ



ବୁଗୁଡ଼ା(ନିପ୍ର):ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମୋଟାବାଡି ପଞ୍ଚାୟତ ଅଧିନସ୍ଥ ଠଣାପଲ୍ଲୀ ଗ୍ରାମର କୁନ୍ତୀ ପ୍ରଧାନ( ୫୧ ) ଦୀର୍ଘ ୧୨ ବର୍ଷ ପୂର୍ବେ କୁନ୍ତୀଙ୍କ ପେଟରେ ଯନ୍ତ୍ରଣା ହେବାରୁ ସେ ବୁଗୁଡ଼ା ମେଡ଼ିକାଲକୁ ଯାଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ପେଟ ଯନ୍ତ୍ରଣା ନ କମିବାରୁ ସେ ବ୍ରହ୍ମପୁର ମେଡ଼ିକାଲ ଯାଇ ସେଠାରେ ଚିକିତ୍ସିତ ହୋଇ ଜାଣିବାକୁ ପାଇଲେ ତାଙ୍କ ପେଟରେ ମାଂସ ପିଣ୍ଡୁଳା ବା ଟ୍ୟୁମର ହୋଇଛି। ଅପରସେନ୍ ପାଇଁ ରକ୍ତ ଏବଂ ଅର୍ଥର ଅଭାବ ହେତୁ ସେ ଗାଁ କୁ ଫେରି ଆସିଥିଲେ। ସେବେଠାରୁ ତାଙ୍କର ପେଟରେ ଟ୍ୟୁମର ବଢ଼ିବାରେ ଲାଗିଛି ।ଯାହାଦ୍ୱାରା କି ପେଟ ଟି ଅତ୍ୟଧିକ ଫୁଲିଥିବା କାରଣରୁ ସେ କୌଣସି କାମ ଧନ୍ଦା କରି ପାରୁନାହାନ୍ତି ଏବଂ ଦିନେ ଖାଇଲେ ଦୁଇ ଦିନ ଉପବାସ ରହିଥାନ୍ତି। ଦୁଃଖ ସେତିକିରେ ସରିନି କୁନ୍ତୀଙ୍କ ଏକ ମାତ୍ର ପୁତ୍ର ରାଘବ ପ୍ରଧାନ (୧୬)ଜନ୍ମରୁ ସବୁ ଠିକ୍ ଥିଲା କିନ୍ତୁ ସେ ବି ବର୍ତ୍ତମାନ କୌଣସି ଅଜଣା ରୋଗରେ ଶିକାର ହୋଇ ସଂପୂର୍ଣ୍ଣ ବିକଳାଙ୍ଗ। ଦୁଇ ଗୋଡ଼, ଦୁଇ ହାତ ମଧ ସରୁ ହୋଇଗଲାଣି, ନା’ ଚାଲି ପାରୁଛି ନା’ ବସି ବି ପାରୁଛି ଖୁଆଇଲେ ଖାଉଛି, ନିଜେ ବି ଶୋଇ ପାରୁନି,ସରକାରୀ ସୁବିଧା କହିଲେ ମାସିକ ଏକ ହଜାର ଟଙ୍କା ସାଙ୍ଗକୁ ପାଞ୍ଚ କିଲୋ ଚାଉଳ। ମା ଓ ପୁଅ ଦୁହେଁ ଲୋତକ ଭରା କଣ୍ଠରେ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ସରକାରଙ୍କୁ ଗୁହାରୀ କରିଛନ୍ତି କି ଯଦି ସରକାର ମା’ ଓ ପୁଅ ଉଭୟଙ୍କୁ ଉନ୍ନତ ମାନର ଚିକିତ୍ସା କରାଇ ଭଲ କରି ଦିଅନ୍ତେ ତାହା ହେଲେ ସେ ଭଲ ହେବା ସହିତ ପୁଅ ମଣିଷ ପରି ମଣିଷଟିଏ ହୋଇପାରନ୍ତା। ଠଣାପଲ୍ଲୀ ର ସମସ୍ତ ଗ୍ରାମବାସୀ ସରକାରଙ୍କୁ ଗୁହାରୀ କରିବା ସହିତ ଯଦି କେହି ବଦାନ୍ୟ ବ୍ୟକ୍ତି ଏହି ଗରୀବ ନିସହାୟ ମା ଓ ପୁଅଙ୍କ ସାହାଯ୍ୟର ହାତ ବଢ଼ାଇ ସାହାଯ୍ୟ କରନ୍ତି ତେବେ ପୁଣି ଏମାନଙ୍କ ମୁହଁରେ ହସ ଫେରି ପାରନ୍ତା ।

## ପୂର୍ତ୍ତମନ୍ତ୍ରୀଙ୍କ ଏସସିବି ସମ୍ପ୍ରସାରଣ କାର୍ଯ୍ୟର ସମୀକ୍ଷା

କଟକ(ନିପ୍ର): ଏସସିବି ସମ୍ପ୍ରସାରଣ ନିର୍ମାଣ କାର୍ଯ୍ୟ ବୁଲି ସମୀକ୍ଷା କରିଛନ୍ତି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଏମ୍ସ ପ୍ଲସ ଢାଞ୍ଚାରେ ନିର୍ମାଣ ହେଉଥିବା ଏସସିବିର ସମ୍ପ୍ରସାରଣ କାର୍ଯ୍ୟ ବୁଲି ରିଭ୍ୟୁ କରିଛନ୍ତି ମନ୍ତ୍ରୀ। ଚଳିତବର୍ଷ ଜୁନ ୩୦ ସୁଦ୍ଧା କାର୍ଯ୍ୟକ୍ଷମ ହେବ ଏମ୍ସ ପ୍ଲସ ଏସସିବି। ଏହି ମାସରେ ନିର୍ମାଣ କାର୍ଯ୍ୟ ଶେଷ ହେବ ଓ ଏସସିବିର ନୂଆ କ୍ଲିନିକାଲ ଓ ହଷ୍ଟେଲ ବିଲ୍ଡିଂ କାର୍ଯ୍ୟକ୍ଷମ ହେବ । ନୂତନ ସରକାର ଦାୟିତ୍ୱ ଗ୍ରହଣ କରିବା ପରେ ଏମ୍ସ ପ୍ଲସ ଏସସିବିର ନିର୍ମାଣ କାର୍ଯ୍ୟ ସମ୍ପର୍କରେ ଭୁବନେଶ୍ୱରରେ ବାରମ୍ବାର ବୈଠକ ଡ଼କାଯାଇ ଏହାର ରୂପରେଖ ସମ୍ବନ୍ଧରେ ରିଭ୍ୟୁ ମିଟିଂ କରାଯାଉଥିଲା। ରେସିଡେନସିଆଲ ତଥା ହଷ୍ଟେଲ କାର୍ଯ୍ୟ ମାର୍ଚ୍ଚରୁ ଏପ୍ରିଲ ମଧ୍ୟରେ ଶେଷ ହେବ। ବର୍ତ୍ତମାନ ସୁଦ୍ଧା କ୍ଲିନିକାଲ ବିଲ୍ଡିଂ ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି। ଚିକିତ୍ସା ସମ୍ବନ୍ଧୀୟ ସାମଗ୍ରୀ ବିଲ୍ଡିଂରେ ରହିବା ପରେ ତାହା କାର୍ଯ୍ୟକ୍ଷମ ହେବ ବୋଲି ମନ୍ତ୍ରୀ କହିଛନ୍ତି।

## ମରଣାନ୍ତକ ଆକ୍ରମଣ କରି ୫ ଗିରଫ

ଭୁବନେଶ୍ୱର,(ନିପ୍ର): ରାସ୍ତାରୁ ଗାଡି ସାଇଡ କରିବାକୁ କହିବାରୁ ଜଣେ ଆଇନଜୀବୀଙ୍କୁ ସଂଘବଦ୍ଧ ଆକ୍ରମଣ କରିବା ଅଭିଯୋଗରେ ବଡଗଡ ପୁଲିସ ୫ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପ୍ରତ୍ୟୁଷ ପ୍ରିୟାଂଶୁ ନାୟକ, ସଂଗ୍ରାମ ନାୟକ, ଆଦିତ୍ୟ କହଁର, ପୂଜା ପ୍ରିୟଦର୍ଶିନୀ ଓ ଶୁଭମ ଦାସ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଗତ ତା ୩୧.୦୮.୨୦୨୫ ରାତି ପ୍ରାୟ ୧୧:୦୦ ଟା ସମୟରେ, ଅଭିଯୋଗକାରୀ ଆୟାଶ୍ରେଷ୍ଠ ପରିଜା ନିଜର ଚ଼ାମ୍ବର ଆଡକୁ ଯାଉଥିବା ସମୟରେ, ସେ କିଛି ଲୋକଙ୍କୁ ରାସ୍ତା ଜାମ କରି ଛିଡା ହୋଇଥିବାର ଦେଖିଥିଲେ। ସେମାନଙ୍କୁ ସାଇଡ ହେବାକୁ କହିବାରୁ ଅଭିଯୁକ୍ତମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ଏବଂ ଇଟା ଦ୍ୱାରା ଆକ୍ରମଣ କରି ହତ୍ୟା କରିବାକୁ ଧମକ ଦେଇଥିଲେ। ପରେ କିଛି ସମୟ ମଧ୍ୟରେ ସେମାନେ ପୁନର୍ବାର ସହଯୋଗୀମାନଙ୍କ ସହ ଲୁହା ଖଣ୍ଡା ଭଳି ମାରାତ୍ମକ ଅସ୍ତ୍ର ଧରି ଅଭିଯୋଗକାରୀଙ୍କ ଚ଼ାମ୍ବର ନିକଟକୁ ଆସି ହତ୍ୟା ଉଦ୍ଦେଶ୍ୟରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ। କୌଶଳକ୍ରମେ ଅଭିଯୋଗକାରୀ ସେଠାରୁ ପଳେଇ ନିଜ ଜୀବନ ରକ୍ଷା କରିଥିଲେ। ତଦନ୍ତରୁ ପ୍ରକାଶ ପାଇଥିଲା ଯେ ଅଭିଯୁକ୍ତମାନେ ବେଆଇନ ସମାବେଶ କରି ଅଭିଯୋଗକାରୀଙ୍କୁ ଭୟଭୀତ କରିଥିବା ସହ ମାରାତ୍ମକ ଅସ୍ତ୍ର ବ୍ୟବହାର କରି ଗୁରୁତର ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ, ଯାହା ଫଳରେ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଥିଲା। ବିଶ୍ୱସ୍ତ ସୂଚନା ଆଧାରରେ ଚ଼ଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା ଏବଂ ପଚ଼ରାଉଚ଼ରା ସମୟରେ ସେମାନଙ୍କ ସମ୍ପୃକ୍ତି ପ୍ରମାଣିତ ହୋଇଥିଲା। ଅଭିଯୁକ୍ତମାନଙ୍କ ପୂର୍ବ ଅପରାଧିକ ରେକର୍ଡ ଯାଞ୍ଚରୁ ଅଭିଯୁକ୍ତ ସଂଗ୍ରାମ ନାୟକ କ୍ୟାପିଟାଲ ଥାନାରେ ଗୋଟିଏ ମାମଲାରେ ଏବଂ ଅଭିଯୁକ୍ତ ଆଦିତ୍ୟ କହଁର ଲକ୍ଷ୍ମୀସାଗର ଥାନାରେ ଦୁଇଟି ମାମଲାରେ ଜଡିତ ଥିବା ଜଣାପଡିଛି।

## ଗୁଣ୍ଡବନ୍ଧ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବ୍ରହ୍ମପୁର (ନିପ୍ର ): ଗୁଣ୍ଡବନ୍ଧ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଆମ୍ବଗଡ଼ ସେବା ସମବାୟ ସମିତିର ସଭାପତି ତଥା ଏହି ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ କାହ୍ନୁ ଚରଣ ପାତ୍ର ମୁଖ୍ୟ ଅତିଥି ଭାବେ ଓ ଦକ୍ଷିଣପୁର ପ୍ରଧାନ ଶିକ୍ଷୟତ୍ରୀ ଏ ପୁଷ୍ପଲତା ଏବଂ ଆମ୍ବଗଡ ପ୍ରଧାନ ଶିକ୍ଷୟତ୍ରୀ ସୁନିତା ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ । ମୁଖ୍ୟ ଅତିଥି କାହ୍ନୁ ଚରଣ ପାତ୍ର ସମସ୍ତ ସମ୍ମାନନୀୟ ଅତିଥିଙ୍କ ସହ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବିଦ୍ୟାଳୟ ଶିକ୍ଷୟତ୍ରୀ ସଙ୍ଗୀତା ମହାନ୍ତି ଓ ଗୀତାଞ୍ଜଳି ବିଶୋଇ ମଞ୍ଚ ସାଜସଜ୍ଜା କରିଥିଲେ । ଶିକ୍ଷୟତ୍ରୀ ରେଣୁରୁରା ପୁଷ୍ପଶ୍ରୀ ମଞ୍ଚ ପରିଚାଳନା କରି ଅତିଥି ମାନଙ୍କୁ ପିଲାଙ୍କ ଦ୍ୱାରା ସମ୍ମାନୀତ କରାଇ ଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁଜାତା କୁମାରୀ ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ । ତତ୍ ପରେ ପିଲାମାନେ ଶିଖିଥିବା ନୃତ୍ୟ ପରିବେଷଣ କରିଥିଲେ ।

# ୮ ବର୍ଷ ପରେ ବି ଅପହଞ୍ଚ ‘ବସୁଧା’ର ମଧୁର ଜଳ

## ବିଶ୍ୱ ଜଳ ଦିବସ ପାଇଁ ତରବରିଆ ଫଟା ପାଚେରିରେ ରଙ୍ଗମରା

ଧାମନଗର(ନିପ୍ର): ରାଜ୍ୟ ସରକାରଙ୍କ 'ବସୁଧା' ଯୋଜନାରେ ଘରେ ଘରେ ପାନୀୟ ଜଳ ପହଞ୍ଚାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ଧାମନଗର ବ୍ଲକ ଖପରପଦା ପଞ୍ଚାୟତରେ ଏହି ଯୋଜନା ବାଟବଣା ହୋଇଛି। ଦୀର୍ଘ ୮ ବର୍ଷ ହେବ ଲୁଣିଆ ଠାରେ ଦୁଇଟି ୨ ଲକ୍ଷ ଲିଟର ବିଶିଷ୍ଟ ଜଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସରିଥିଲେ ମଧ ସ୍ଥାନୀୟ ଲୋକଙ୍କୁ ଏପର୍ଯ୍ୟନ୍ତ ମଧୁର ଜଳ ଟୋପାଏ ମିଳିପାରି ନାହିଁ। ପ୍ରାପ୍ତ ସୂଚନା ଅନୁଯାୟୀ, ଲୁଣିଆ ଶାସନ ଗ୍ରାମକୁ ପାଣି ପାଇପ୍ ବିଛା ଯାଇଥିଲେ ମଧ ଜଳ ଯୋଗାଣ କରାଯାଉ ନାହିଁ। ଏ ସମ୍ପର୍କରେ ସ୍ଥାନୀୟ



ବାସିନ୍ଦା ବ୍ରଜ କିଶୋର ପଣ୍ଡା କହିଛନ୍ତି ଯେ, ‘କୋଟି କୋଟି ଟଙ୍କା ବ୍ୟୟରେ ଟାଙ୍କି ନିର୍ମାଣ ହୋଇଛି ସତ, କିନ୍ତୁ ଲୋକଙ୍କ ପାଇଁ ଏହା ଶୋଭାବର୍ଦ୍ଧନ କାରୀ ସାମଗ୍ରୀ ପାଲଟିଛି। ଆମେ ପାଣି ମୁନ୍ଦାଏ ପାଇଁ ଚାହିଁ ବସିଛୁ।ଆସନ୍ତା ମାର୍ଚ୍ଚ ୨୨ ତାରିଖରେ ବିଶ୍ୱ ଜଳ ଦିବସ ପାଳନ ପାଇଁ ବିଭାଗ ତରବରିଆ ପ୍ରସ୍ତୁତି କରୁଥିବା ବେଳେ ଏଠାରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ପ୍ରକଳ୍ପର ସୁରକ୍ଷା ପାଚେରି ଫାଟି ଯାଇଥିଲେ ମଧ ତାହାର ମରାମତି ନକରି କେବଳ ରଙ୍ଗ ମାରି ଦିଆଯାଉଛି। ଲକ୍ଷ ଲକ୍ଷ ଟଙ୍କାର ସରକାରୀ ପାଣ୍ଠି ହଡ଼ପ କରିବା ପାଇଁ ଏହା ଠିକାଦାରଙ୍କ ଏକ ଯୋଜନାବଦ୍ଧ ଚାଲ୍ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏହି ସମ୍ପର୍କରେ ସମିତି ସଭ୍ୟ ଭାରତ ବିଜୟ ଦଳାଇ ନିଜର କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ, ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁଁ ଲୋକେ ହଇରାଣ ହେଉଛନ୍ତି। ଏହା ସରକାରୀ ଅର୍ଥର ଅପବ୍ୟୟ ଛଡ଼ା ଅନ୍ୟ କିଛି ନୁହେଁ। ଅନ୍ୟପଟେ, ବିଭାଗୀୟ ଯନ୍ତ୍ରୀ କହିଛନ୍ତି, ‘ମୁଁ ନୂଆ କରି ଦାୟିତ୍ୱ ଗ୍ରହଣ କରିଛି। ପୂର୍ବରୁ ଠିକାଦାର କାର୍ଯ୍ୟ ସାରି ନଥିବାରୁ ଜଳ ଯୋଗାଣରେ ବିଳମ୍ବ ହୋଇଛି, କିନ୍ତୁ ଖୁବଶୀଘ୍ର ଏହା କାର୍ଯ୍ୟକ୍ଷମ ହେବ।‘

# ଆଇପିଏଲ୍‌-୨୦୨୬: ଏସ୍‌ଆର୍‌ଏଚ୍‌ର କିଶନ ଅଧିନାୟକ, ଅଭିଷେକ ଉପଅଧିନାୟକ




ହାଇଦ୍ରାବାଦ,୧୮।୩: ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ତଥା ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆରଏଚ୍‌)ର ନିୟମିତ ଅଧିନାୟକ ପ୍ୟାଟ୍ କମିନ୍ସ ଆହତ ହୋଇଛନ୍ତି। ସେଥିପାଇଁ ଚଳିତ ମାର୍ଚ୍ଚ ୨୮ ତାରିଖରୁ ଆରମ୍ଭ ହେବାକୁ ଥିବା ଆଇପିଏଲ୍‌-୧୯ର କିଛି ପ୍ରାରମ୍ଭିକ ପର୍ଯ୍ୟାୟ ମ୍ୟାଚ୍ ଖେଳି ପାରିବେନି ସେ। କମିନ୍ସଙ୍କ ଅନୁପସ୍ଥିତିରେ ଓପନର ଈଶାନ କିଶନ ଏହି ଦଳର ନେତୃତ୍ୱ ନେବେ। ବୁଧବାର ପ୍ରକାଶ କରିଥିବା ପ୍ରେସ୍ ବିଜ୍ଞପ୍ତିରେ ଏସ୍‌ଆରଏଚ୍ ଆନୁଷ୍ଠାନିକ ଭାବେ ପ୍ରେସ୍ ବିଜ୍ଞପ୍ତି ଜାରି କରି ଏହି ସୂଚନା ଦେଇଛି। ଭାରତର ଟ୍ୱେଣ୍ଟି-୨୦ ବିଶ୍ୱକପ୍ ବିଜୟରେ କିଶନ ଅତୁଳନୀୟ ଅବଦାନ ରଖିଥିଲା ବେଳେ ସୟଦ ମୁସ୍ତାକ ଅଲୀ ଟ୍ରଫି ଘରୋଇ ପ୍ରତିଯୋଗିତାରେ ଝାଡ଼ଖଣ୍ଡର ଅଧିନାୟକ ଦାୟିତ୍ୱ ତୁଲାଇ ନିଜ ନେତୃତ୍ୱ ଦକ୍ଷତାର ପ୍ରମାଣ ଦେଇ ସାରିଛନ୍ତି। ସେହି ଦୃଷ୍ଟିରୁ ଦଳ ତାଙ୍କ ଉପରେ ଅସ୍ଥା ପ୍ରକଟ କରିଛି ବୋଲି କୁହାଯାଉଛି। ସେହିଭଳି ଭାରତୀୟ ଦଳର ବିସ୍ଫୋରକ ଓପନର ଆଗାମୀ ଋତୁରେ ତା'ର ଉପଅଧିନାୟକ ଦାୟିତ୍ୱ ତୁଲାଇବେ ବୋଲି ମଧ ଏସ୍‌ଆରଏଚ୍ ଘୋଷଣା କରିଛି। ସୂଚନାଯୋଗ୍ୟ ଯେ ପିଠି ଯନ୍ତ୍ରଣା ଲାଗି ଭାରତ ଓ ଶ୍ରୀଲଙ୍କାରେ ଆୟୋଜିତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ମଧ କମିନ୍ସ ଖେଳି ପାରି ନଥିଲେ।

# ପ୍ରଧାନମନ୍ତ୍ରୀଙ୍କୁ ଭେଟି ମାଲୁଦ ପଞ୍ଚୁଦୋଳ ସମ୍ପର୍କରେ ତଥ୍ୟ ଉପସ୍ଥାପନ କଲେ ସାଂସଦ ଡ. ପାତ୍ର



କୃଷ୍ଣପ୍ରସାଦ,୧୮।୩(ନିପ୍ର): ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର କୃଷ୍ଣପ୍ରସାଦ ବ୍ଲକ ଅଧିନ ମାଲୁଦ ଠାରେ ପ୍ରତିବର୍ଷ ଅନୁଷ୍ଠିତ ଐତିହାସିକ ପଞ୍ଚୁଦୋଳ ମେଳଣ ଓ ପରମ୍ପରା ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦିଲ୍ଲୀ ଠାରେ ସାକ୍ଷାତ କରି ପୁରୀ ସାଂସଦ ଡ. ସମ୍ବିତ ପାତ୍ର ତଥ୍ୟ ଉପସ୍ଥାପନ କରିଥିବା ଜଣାଯାଇଛି । ସାଂସଦ ଡ଼ଃ ପାତ୍ର ପଞ୍ଚୁଦୋଳ ମେଳଣର ପରମ୍ପରା, କଳା ସଂସ୍କୃତି ଓ ଐତିହ୍ୟ ସମ୍ପର୍କରେ ସାଂସଦ ପ୍ରଧାନମନ୍ତ୍ରୀଙ୍କ ଆଗରେ ଉପସ୍ଥାପନ କରିବା ସହ ପଞ୍ଚୁଦୋଳ ମେଳଣର ଫୋଟ ପ୍ରଦାନ କରିଥିବା ଜଣାଯାଇଛି । ପ୍ରଧାନମନ୍ତ୍ରୀ ଓଡ଼ିଶାର କଳା ସଂସ୍କୃତି ଓ ପଞ୍ଚୁଦୋଳ ମେଳଣ ଐତିହ୍ୟ ସମ୍ପର୍କରେ ଅବଗତ ହେବା ପରେ ଖୁସି ବ୍ୟକ୍ତ କରିବା ସହ ଏଥି ନିମନ୍ତେ ସାଂସଦଙ୍କୁ କୃତଜ୍ଞତା ଜଣାଇଥିଲେ । କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳର ସମୃଦ୍ଧ କଳା, ସଂସ୍କୃତି ଓ ଗରିମାକୁ ସାଂସଦ ଜାତୀୟ ସ୍ତରରେ ଉପସ୍ଥାପନ କରିବା ସହ ପ୍ରଧାନମନ୍ତ୍ରୀଙ୍କୁ ସବିଶେଷ ସୂଚନା ପ୍ରଦାନ କରିଥିବାରୁ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧକ୍ଷା ସରୋଜିନୀ ତରେଇ, ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ,ବ୍ଲକ ଆତ୍ମା କମିଟି ଅଧକ୍ଷ ସଞ୍ଜୟ କୁମାର ସେଠୀ, ସାଂସଦଙ୍କ ପ୍ରତିନିଧି ହରିହର ଦାଶ, ମଣ୍ଡଳ ବିଜେପି ସଭାପତି ସଂଗ୍ରାମ କେଶରୀ ଜେନା, ଯୁବ ମୋର୍ଚ୍ଚା ସଭାପତି ବିଶ୍ୱଜିତ ବିଶ୍ୱାଳ,ଅଲଣ୍ଡା ପଞ୍ଚାୟତ ବିଜେପି ସଭାପତି ଶରତ ଚନ୍ଦ୍ର ଜେନା, ଅଲଣ୍ଡା ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳ, ବଡ଼ଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ, ଗୋମୁଣ୍ଡିଆ ସରପଞ୍ଚ ଦୁଷ୍ମନ୍ତ କୁମାର ସେଠୀ, ଚିଲିକା ନୂଆପଡା ସରପଞ୍ଚ କବିତା ଜେନା, ବଜ୍ରକୋଟ ସରପଞ୍ଚ ପ୍ରଦୀପ କୁମାର ସେଠୀ,ବଡ଼ଝାଡ଼ ସରପଞ୍ଚ ସୁମିତ୍ରା ପାହାଣ, ସମିତିସଭ୍ୟ ଉମାକାନ୍ତ ସେଠୀ, ସିଆଣ୍ଡି ସମିତିସଭ୍ୟ ଲଳିତ କୁମାର ତରେଇ, ସିଆଳ ସମିତିସଭ୍ୟ ଭୀମସେନ ସେଠୀ, ଯୁବନେତା ସୁରେନ୍ଦ୍ର କୁମାର ବିଶ୍ୱାଳ, ପ୍ରଦୀପ କୁମାର ଜେନା, ମନୋଜ କୁମାର ଜେନା, ଗୋପାଳ କୃଷ୍ଣ ପଲେଇ, ଭିକାରି ଚରଣ ବିଶ୍ୱାଳ, ବିଚ୍ଛନ୍ଦ ଜେନା ସମେତ ବ୍ଲକ ଅଞ୍ଚଳବାସୀ ସାଂସଦ ଡ଼ଃ ପାତ୍ରଙ୍କୁ ଶୁଭେଚ୍ଛା ଓ କୃତଜ୍ଞତା ଜଣାଇଛନ୍ତି।

# ଆଜିଠୁ ୫୨ କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ମୂଲ୍ୟାୟନ

## ୧୫ ଦିନରେ ମୂଲ୍ୟାୟନ ସାରିବାକୁ ଟାର୍ଗେଟ

କଟକ,୧୮।୩(ନିପ୍ର): ଓଡିଶା ମାଧମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଖାତା ଦେଖା ଆସନ୍ତା ୧୯ ତାରିଖ ଗୁରୁବାର ଠାରୁ ଆରମ୍ଭ ହେବ। ଏଥିପାଇଁ ୫୨ ଟି ମୂଲ୍ୟାୟନ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ଖାତାଦେଖା କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଏଥିପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ମଧ ଦିଆଯାଇଛି। ପ୍ରାୟ ୧୫ ହଜାର ଶିକ୍ଷକ ଖାତା ଦେଖିବେ । ଏଥିପାଇଁ ସବୁ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ବୋର୍ଡ କର୍ତ୍ତୃପକ୍ଷ ଚିଠି ଲେଖିଛନ୍ତି ।ଏପ୍ରିଲ ୨ ତାରିଖ ସୁଦ୍ଧା ଅର୍ଥାତ ୧୫ଦିନ ମଧରେ ଖାତାଦେଖା ସାରିବାକୁ ନିଷ୍ପତ୍ତି ନିଆଯାଇଛି । ମୁଖ୍ୟ ପରୀକ୍ଷକ, ଉପ ମୁଖ୍ୟ ପରୀକ୍ଷକ, ସହକାରୀ ନିରୀକ୍ଷକଙ୍କ ସମେତ ନିୟୋଜିତ ଥିବା ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀଙ୍କୁ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାସହ ମୂଲ୍ୟାୟନ ପୂର୍ବରୁ ଅର୍ଥାତ୍ ପ୍ରତ୍ୟେକ ଦିନ ପୂର୍ବାହ୍ଣ ୧୦ଟା ସୁଦ୍ଧା ସେମାନେ ମୂଲ୍ୟାୟନ କେନ୍ଦ୍ରରେ ପହଞ୍ଚିବେ। କ୍ୟାମ୍ପ ଅଧିକାରୀ ଓ କର୍ମଚାରୀ ସକାଳ ୯ଟା ୩୦ ସୁଦ୍ଧା କେନ୍ଦ୍ରରେ ପହଞ୍ଚିବାକୁ କୁହାଯାଇଛି। ସୂଚନା ଯୋଗ୍ୟ ଯେ,ଚଳିତ ବର୍ଷ ଫେବୃୟାରୀ ୧୯ ରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ଚଳିତ ମାସ ୨ ତାରିଖରେ ଶେଷ ହୋଇଛି। ଏଥର ମାଟ୍ରିକ ପରୀକ୍ଷା ପାଇଁ ୫ ଲକ୍ଷ ୪୬ ହଜାର ୫ ଶହ ୮୨ ଜଣ ଛାତ୍ରଛାତ୍ରୀ ଫର୍ମ ଫିଲପ କରିଥିଲେ । ୩ ହଜାର ୮୨ ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହୋଇଥିଲା । ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି କ୍ୟାମେରା ଲାଗିଥିଲା । କମାଣ୍ଡ କଣ୍ଟ୍ରୋଲ ସିଷ୍ଟମ ଜରିଆରେ ମାଧମିକ ଶିକ୍ଷା ପରିଷଦର କଣ୍ଟ୍ରୋଲ ରୁମରେ ବସି, ବୋର୍ଡ କର୍ତ୍ତୃପକ୍ଷ ସମସ୍ତ ପରୀକ୍ଷା କେନ୍ଦ୍ରର ଗତିବିଧି ଉପରେ ନଜର ରଖିଥିଲେ। ପରୀକ୍ଷା ପରିଚାଳନା ବେଳେ ସେଭଳି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। କିନ୍ତୁ ତ୍ରୁଟି ଶୂନ୍ୟ ଭାବେ ଖାତା ଦେଖା କାର୍ଯ୍ୟ ହେବା ଆବଶ୍ୟକ।

# ଶ୍ରୀମନ୍ଦିର ସବ୍-କମିଟି ବୈଠକ

ପୁରୀ,୧୮/୩ (ନିପ୍ର)ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ଶ୍ରୀମନ୍ଦିର ସାଂସ୍କୃତିକ ଏବଂ ପ୍ରକଳ୍ପ ବୈଷୟିକ ସବ୍ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ। ରାଜ୍ୟ ସରକାରଙ୍କ ଯୋଜନା ଅନୁଯାୟୀ ଶ୍ରୀମନ୍ଦିର ଏମାର ମଠ ନିକଟରେ ଏକ ସାଂସ୍କୃତିକ କେନ୍ଦ୍ର ନିର୍ମାଣ ହେବ। ସେଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ସମସ୍ତ ତତ୍ତ୍ୱ ଏବଂ ଐତିହାସିକ ତଥ୍ୟାବଳୀ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ପରମ୍ପରା ବିଷୟରେ ଶ୍ରଦ୍ଧାଳୁଙ୍କୁ ସୂଚନା ଦିଆଯିବ। ସେହିପରି ଜଗନ୍ନାଥ ସଂସ୍କୃତି ଉପରେ ଗବେଷଣା ପାଇଁ ଶ୍ରୀମନ୍ଦିର ଏମାର ମଠ ନିକଟରେ ବିଶ୍ୱସ୍ତରୀୟ ରଘୁନନ୍ଦନ ଲାଇବ୍ରେରୀ ଏବଂ ଗବେଷଣା କେନ୍ଦ୍ର ନିର୍ମାଣ କରାଯିବ। ସେବାୟତ ଘରର ପିଲାମାନଙ୍କୁ ଏକ ଆଦର୍ଶ ସେବକ ଭାବେ ପରିଣତ କରିବା ପାଇଁ ଆଦର୍ଶ ଗୁରୁକୁଳ ନିର୍ମାଣ କରାଯାଇ ସିବିଏସଇ ଢାଞ୍ଚାରେ ସେବାୟତ ଘରର ପିଲାମାନଙ୍କୁ ଶିକ୍ଷାଦାନ କରାଯିବ। ଶ୍ରୀଜଗନ୍ନାଥ ବଲ୍ଲଭ ପ୍ରମୋଦ ଉଦ୍ୟାନର ଉନ୍ନତିକରଣ ମଧ କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନର ୩୯ କୋଟି ୨୨ ଲକ୍ଷ ଟଙ୍କାକୁ ଏକ ବର୍ଷ ପାଇଁ ସ୍ଥାୟୀ ଜମା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ଦିଆଗଲା ଜମା। କର୍ପସ ଫଣ୍ଡର ୩୬ କୋଟି ଏବଂ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ୩ କୋଟି ୨୨ ଲକ୍ଷ ସମୁଦାୟ ୩୯ କୋଟି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କକୁ ଏକ ବର୍ଷ ପାଇଁ ଜମା ଦିଆଯାଇଛି।

# ଦେବୀ ତ୍ରିପାଠୀଙ୍କ ସରକାରୀ ବାସଭବନକୁ ଘେରାଉ କଲା ବିଜେଡ଼ି

ଭୁବନେଶ୍ୱର,୧୮।୩(ନିପ୍ର) ବିଧାୟକ ଦେବୀ ତ୍ରିପାଠୀଙ୍କ ସରକାରୀ ବାସଭବନକୁ ଘେରାଉକଲା ବିଜେଡ଼ି । ଶତାଧିକ ବିଜୁ ଜନତା ଦଳର ଯୁବ ଓ ଛାତ୍ର ଜନତା ଦଳତରଫରୁ ଦେବୀ ତ୍ରିପାଠୀଙ୍କ ଘର ସମୁଖରେ ହଙ୍ଗାମା କରାଯାଇଛି । ଶୂନ୍ୟକାଳରେ ବିଜୁ ନବୀନ ଇନ୍‌ସପେରେସନାଲ ଫାଉଣ୍ଡେସନ କଥା ଉଠାଇଥିଲେ ବିଜେପି ବିଧାୟକ ସନ୍ତୋଷ ଖଟୁଆ ।

---

## ବିଷାକ୍ତ ଖାଦ୍ୟର ହଟସ୍ପଟ୍ ନୟାଗଡ଼, କଟକ ଓ ଖୋର୍ଦ୍ଧା

# କେନ୍ଦୁଝରରେ ସର୍ବାଧିକ ଭେଜାଲ ଖାଦ୍ୟର ମାମଲା

ଭୁବନେଶ୍ୱର, ୧୮।୩(ନିପ୍ର): ରାଜ୍ୟରେ ମିଳୁଛି ବିଷାକ୍ତ ଖାଦ୍ୟ । ୨୦୨୫-୨୬ ରେ ଏକ ଲକ୍ଷ ୬୦ ହଜାର ୧୩୪ ଚଢ଼ାଉ କରାଯାଇ ୪୭ ଟି ମାମଲା ରୁଜୁ ହୋଇଛି । ସେଥିରେ ୫ ଲକ୍ଷ ୧୯ ହଜାର ଜରିମାନା ଆଦାୟ ହୋଇଛି । ବିଷାକ୍ତ ଖାଦ୍ୟର ହଟସ୍ପଟ୍ ପାଲଟିଛି ନୟାଗଡ, କଟକ ଓ ଖୋର୍ଦ୍ଧା । ନୟାଗଡରେ ୧୬୩୦୦, କଟକରେ ୧୬୦୧୬ ଓ ଖୋର୍ଦ୍ଧାରେ ୧୫୩୩୪ ଚଢ଼ାଉ ହୋଇଛି ।କେନ୍ଦୁଝରରେ ସର୍ବାଧିକ ଭେଜାଲ ଖାଦ୍ୟର ମାମଲା ଆସିଛି । ସେଠି ୯ଟି ମାମଲା ସାମ୍ନାକୁ ଆସିଥିବା ନେଇ ବୁଧବାର ଗୃହରେ ଖାଉଟି କଲ୍ୟାଣ ମନ୍ତ୍ରୀକୃଷ୍ଣ ଚନ୍ଦ୍ର ପାତ୍ର ଉତ୍ତର ରଖିଛନ୍ତି।

# 'ଦ୍ୱିତୀୟ ଅଯୋଧ୍ୟା'ରେ ରାମନବମୀ ମହୋତ୍ସବ ଆରମ୍ଭ



ଭାପୁର,(ନିପ୍ର): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅନ୍ତର୍ଗତ ଫତେଗଡ଼ ଗ୍ରାମରେ ଅବସ୍ଥିତ ଦ୍ୱିତୀୟ ଅଯୋଧ୍ୟାରେ ନବଦିନାତ୍ମକ ରାମନବମୀ ମହୋତ୍ସବ ଆରମ୍ଭ ହୋଇଛି। ସ୍ୱୟଂ ସଂସ୍ଥାପିତ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ଜନ୍ମ ଉତ୍ସବ ବୁଧବାର ଠାରୁ ଆରମ୍ଭ ହୋଇଛି ଏବଂ ଏହା ୨୭ ତାରିଖ ପର୍ଯ୍ୟନ୍ତ ସମାରୋହରେ ପାଳିତ ହେବ। ଏଥିସହିତ କ୍ଷେତ୍ରର ଆଦି ଦେବତା ପ୍ରଭୁ ଗିରିଗୋବର୍ଦ୍ଧନଙ୍କର ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ, ବୁଧବାର ଅଧିବାସ ସହିତ ଅଙ୍କୁରା ରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଗୁରୁବାର ପୁଣ୍ୟତୋୟା ମହାନଦୀରୁ ପାଣି ଉଠାଯାଇ କଳସ ଯାତ୍ରା ସହିତ ରାମ ନବମୀ ମହୋତ୍ସବ ଆରମ୍ଭ ହେବ ବୋଲି ରାମ ପରିଷଦ ଠାରୁ ପ୍ରକାଶ । ପ୍ରତ୍ୟେକ ଦିନ ପୂର୍ବାହ୍ନରେ ଗୋସ୍ୱାମୀ ତୁଳସୀ ଦାସ କୃତ ଶ୍ରୀ ରାମ ଚରିତ ମାନସ ନବାହ୍ନ ପରାୟଣ ମହାଯଜ୍ଞ ସହିତ ସନ୍ଧ୍ୟା ସମୟରେ ଲୋକପ୍ରିୟ ପ୍ରବକ୍ତା ସୂର୍ଯ୍ୟ ନାରାୟଣ ଦାସ ମହାରାଜଙ୍କ ଦ୍ୱାରା ପ୍ରବଚନ ଅନୁଷ୍ଠିତ ହେବ । ପବିତ୍ର ଶ୍ରୀରାମ ନବମୀ ଦିନ ଓଡିଶାର ଲୋକପ୍ରିୟ କଣ୍ଠ ଶିଳ୍ପୀମାନଙ୍କ ଦ୍ୱାରା ବିଶାଳ ଭଜନ ସମାରୋହ 'ମର୍ଯ୍ୟାଦା' ଅନୁଷ୍ଠିତ ହେବ।

# ଲୋକ ଭବନଠାରେ ରାଜ୍ୟପାଳଙ୍କୁ ସାକ୍ଷାତ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୮।୩(ନିପ୍ର) ବୁଧବାରଲୋକ ଭବନଠାରେ ରାଜ୍ୟପାଳ ଡ.ହରିବାବୁ କମ୍ଭମପତିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ପ୍ରଗତି ଓ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ସଫଳ ରୂପାୟନ ଦିଗରେ ରାଜ୍ୟପାଳଙ୍କ ମାର୍ଗଦର୍ଶନ ସର୍ବଦା ପ୍ରେରଣାଦାୟୀ।

# କାଳବୈଶାଖୀ ୨୧ ଯାଏଁ !

ଭୁବନେଶ୍ୱର,୧୮।୩: ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀର ପ୍ରଭାବ ଆଗାମୀ ୨୧ ତାରିଖ ଯାଏଁ ଦେଖିବାକୁ ମିଳିବ। ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ସହ ବିଜୁଳି, ଘଡ଼ଘଡ଼ି ଓ ଝଟକା ପବନ ଅନୁଭୂତ ହେବ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏପରି ସୂଚନା ଦିଆଯାଇଛି। ବୁଧବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି ଏବଂ କନ୍ଧମାଳ ଜିଲାରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବର୍ଷା ସମୟରେ ୩୦ରୁ ୪୦ କି.ମି ପର୍ଯ୍ୟନ୍ତ ପବନ ବହିପାରେ। ଏଥିସହ ଅନ୍ୟ ଜିଲାଗୁଡ଼ିକରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ନେଇ ସୂଚନା ଦିଆଯାଇଛି। ସେହିପରି ୧୯ ତାରିଖରେ ଦକ୍ଷିଣ ଓଡ଼ିଶାର କିଛି ଜିଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବାବେଳେ ୨୦ ତାରିଖରେ ରାଜ୍ୟରେ ବଡ଼ ବର୍ଷା ହେବାର ସୂଚନା ଦିଆଯାଇଛି। ୨୪ ଜିଲାରେ ପ୍ରବଳ ବର୍ଷା ହେବାକୁ ଥିବାବେଳେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼ ଓ ସମ୍ବଲପୁର ଜିଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଘଡ଼ଘଡ଼ି ବର୍ଷା ସହିତ ୫୦ରୁ ୬୦ କି.ମି. ବେଗରେ ପବନ ବହିବା ନେଇ ପୂର୍ବାନୁମାନ କରାଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, ଅନୁଗୋଳ, ଢେଙ୍କାନାଳ, ଦେଓଗଡ଼, ସୋନପୁର, ବୌଦ୍ଧ, ନୂଆପଡ଼ା ଏବଂ ବଲାଙ୍ଗୀର, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, କଟକ ଓ ଜଗତ୍‌ସିଂହପୁର ଜିଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି।

# ଏସିଆନ୍ ଗେମ୍ସରେ ସ୍ଥାନ ପାଇଲେ ରଶ୍ମିତା ସାହୁ

ଭୁବନେଶ୍ୱର, ୧୮।୩: କନଷ୍ଟେବଲ ରଶ୍ମିତା ସାହୁ ଜଳକ୍ରୀଡାରେ ଜାପାନରେ ଆୟୋଜିତ ଏସିଆନ୍ ଗେମ୍ସ ପାଇଁ ନିଜ ସ୍ଥାନ ସୁନିଶ୍ଚିତ କରିଛନ୍ତି। ବର୍ତ୍ତମାନ ସେ ଉତ୍ତରାଖଣ୍ଡର ଟେହରି ପାହାଡ଼ ଅଞ୍ଚଳରେ କଠୋର ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି ଏବଂ ଅନ୍ତର୍ଜାତୀୟ ମଂଚରେ ଦେଶ ପାଇଁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପ୍ରସ୍ତୁତ ଅଛନ୍ତି। ଓଡ଼ିଶା ପୋଲିସ୍ ତାଙ୍କର ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଛି। ଓଡ଼ିଶା ପୋଲିସ୍ ପକ୍ଷରୁ ଏକ୍ସ ମାଧରେ ଏହି ସୂଚନା ଦିଆଯାଇଛି।

## ଜିଲ୍ଲାପାଳଙ୍କୁ ବିଦାୟ ବେଳେ କାନ୍ଦିଲେ ଆଦିବାସୀ ସମାଜ

# ୩୯ ଜଣଙ୍କୁ ଘରଡିହ ଜମି ଦଖଲ ଦେଇ ଆଶାର ଆଲୋକ ଭରିଥିଲେ

ମାଲକାନଗିରି,୧୮।୩(ନିପ୍ର): ଜଣେ ପ୍ରଶାସକ ଯେତେବେଳେ ଜନସାଧାରଣଙ୍କ ସହ ନିଜକୁ ଯୋଡ଼ି ଦିଅନ୍ତି, ସେତେବେଳେ ବିଦାୟ ବେଳା ଅତି କଷ୍ଟଦାୟକ ହୋଇଥାଏ। ଏହାର ଏକ ଜ୍ୱଳନ୍ତ ଉଦାହରଣ ଆଜି ମାଲକାନଗିରି ଜିଲ୍ଲାରେ ଦେଖିବାକୁ ମିଳିଛି। ପୂର୍ବତନ ଜିଲ୍ଲାପାଳ ସୋମେଶ କୁମାର ଉପାଧାୟଙ୍କୁ ବିଦାୟ ଦେବା ସମୟରେ ଜିଲ୍ଲା ଆଦିବାସୀ ମହାସଂଘର ସଦସ୍ୟମାନେ ଅତ୍ୟନ୍ତ ଭାବବିହ୍ୱଳ ହୋଇ କାନ୍ଦି ପକାଇଥିଲେ। ଜିଲ୍ଲାପାଳଙ୍କ ବାସଭବନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକ ଭାବପ୍ରବଣ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରୀ ଉପାଧାୟଙ୍କ ସ୍ନେହୀ ବ୍ୟବହାର ଓ ଜିଲ୍ଲାର ଉନ୍ନତି ପାଇଁ ତାଙ୍କର ନିରନ୍ତର ପ୍ରୟାସକୁ ମନେ ପକାଇ ସେଠାରେ ଉପସ୍ଥିତ ଥିବା ହରିବନ୍ଧୁ ଗୋଲରୀ, ଜାରାଶବର ମାଢ଼ି, ପ୍ରଭାକର ହନ୍ତାଳ, ଘେନୁ ମୁଦୁଲି, ବନ୍ଧୁ ମୁଦୁଲି, ଗୋପୀ ପାଙ୍ଗି, ସନାତନ କଓ୍ୱାସୀ, ସୋମା ମାଡକାମୀ, ମୁକା ମାଡକାମୀଙ୍କ ସମେତ ସମସ୍ତ ଆଦିବାସୀ ନେତୃବୃନ୍ଦ ନିଜର ଲୁହ ରୋକି ପାରିନଥିଲେ। ନିଜର ଜଣେ ଆତ୍ମୀୟଙ୍କୁ ହରାଇଲା ଭଳି ସେମାନେ ଅତି ଶ୍ରଦ୍ଧାର ସହ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ତାଙ୍କ ସ୍ୱଳ୍ପ ଦିନର କାର୍ଯ୍ୟକାଳ ସମୟ ମଧରେ ମାରିଓ୍ୱାଡ଼ା ଗ୍ରାମର ୩୯ ଜଣ ହିତାଧିକାରୀଙ୍କୁ ଘରଡିହ ଜମି ଦଖଲ ଦେଇ ସେ ସେମାନଙ୍କ ଜୀବନରେ ଆଶାର ଆଲୋକ ଭରିଥିଲେ। ଦୂର ପଂଚାୟତରେ ଜନ ଶୁଣାଣି କରି ପ୍ରଶାସନକୁ ଲୋକଙ୍କ ପାଖକୁ ନେଇଥିବାରୁ ସେ ଆବାଳ ବୃଦ୍ଧବନିତାଙ୍କ ଅତି ପ୍ରିୟ ହୋଇପାରିଥିଲେ। ଜନଜାତି ସମ୍ପ୍ରଦାୟର ସଂସ୍କୃତି ଓ ଅଧିକାରକୁ ସୁରକ୍ଷା ଦେବାରେ ତାଙ୍କର ଅବଦାନ ସବୁଦିନ ପାଇଁ ମନେ ରହିବ। ଶେଷରେ ପାରମ୍ପରିକ ବାଜା ଓ ନୃତ୍ୟର ତାଳେ ତାଳେ ବିଦାୟ ଦିଆଯାଉଥିଲେ ମଧ, ସମସ୍ତଙ୍କ ଆଖିରେ ଥିବା ଲୁହର ଧାର ଶ୍ରୀ ଉପାଧାୟଙ୍କ ପ୍ରତି ଥିବା ଗଭୀର ଭଲପାଇବା ଓ ସମ୍ମାନକୁ ପ୍ରତିପାଦିତ କରୁଥିଲା।

# ପୂର୍ବ ବିବାଦକୁ ନେଇ ଆକ୍ରମଣ, ନାବାଳକ ସହ ୪ ଗିରଫ

ଭୁବନେଶ୍ୱର,୧୮।୩ (ନିପ୍ର): ପୂର୍ବ ବିବାଦକୁ ନେଇ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ବଡଗଡ ପୁଲିସ ଜଣେ ନାବାଳକ ସହ ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କେ. ଲଇଲା ପ୍ରସାଦ, କେ. ଆପ୍ପା ରାଓ, କେ ପପାମା ଓ ଜଣେ ନାବାଳକ। ପୁଲିସ ଏକ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ନାବାଳକକୁ ସୁଧାର ଗୃହକୁ ପଠାଇ ଦେଇଛି। ସୂଚ଼ନାଯୋଗ୍ୟ ଯେ, ଗତ ତା ୧୨.୦୩.୨୦୨୬ ରିଖ ଅପରାହ୍ନ ୨.୩୦ ମିନିଟ ସମୟରେ ପୀଡିତ ଶଙ୍କର ପାଣି ନିଜ ଝିଅକୁ ଦେଖା କରିବାକୁ ଯାଉଥିବା ବେଳେ, ଗୌତମ ନଗର ନିକଟରେ ଫାଳିକିଆ ବସ୍ତିର କାଶୀ, ଲିଙ୍ଗା, ବରୁଣ ରାଓ, କୁମାର ସ୍ୱାମୀ, କେ ଲଇଲା ପ୍ରସାଦ, କେ ଆପ୍ପା ରାଓ, କେ ସାଇ ନାଥ ଏବଂ ଅନ୍ୟ ସହଯୋଗୀ ମିଶି ଶଙ୍କର ପାଣିକୁ ପୂର୍ବ ଶତ୍ରୁତାକୁ ନେଇ ଜୀବନରୁ ମାରିଦେବାକୁ ଆକ୍ରମଣ କରିଥିଲେ। ଏହା ଦେଖି ସେଠାରେ ଥିବା ଉପସ୍ଥିତ ଲୋକେ ଶଙ୍କର ପାଣିଙ୍କୁ ବଞ୍ଚାଇବାକୁ ଯିବା ବେଳେ ଆସାମୀ ମାନେ ସେମାନଙ୍କୁ ମଧ ଆକ୍ରମଣ କରିଥିଲେ ଏବଂ ସେଠାରେଉ ଫେରାର ହୋଇଯାଇଥିଲେ । ତଦନ୍ତ ସମୟରେ ଏହା ସ୍ପଷ୍ଟ ହୋଇଥିଲା ଯେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଭିଯୁକ୍ତମାନେ ବଳପ୍ରୟୋଗ ଓ ଅପରାଧିକ ଧମକ ସହ ଗୋଷ୍ଠୀ ଆକ୍ରମଣ କରିଥିଲେ। ବିଶ୍ୱସ୍ତ ସୂଚ଼ନା ଆଧାରରେ ଚ଼ଢାଉ କରି ତା ୧୬.୦୩.୨୦୨୬ ରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା ଏବଂ ଜଣେ ନାବାଳକ (ସିସିଏଲ୍)ଙ୍କୁ ପଚ଼ରାଉଚ଼ରା ପାଇଁ ଥାନାକୁ ଅଣାଯାଇଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହୋଇଥିବାରୁ ଆଇନଅନୁଯାୟୀ ଆଜି ସେମାନଙ୍କୁ କୋର୍ଟକୁ ଚ଼ାଲାଣ କରାଯାଇଛି।

## ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ

# ଜୟଦେବ ବିଜେଡିରେ ଅସନ୍ତୋଷ: ବିଧାୟକଙ୍କ କୁଶପୁତ୍ତଳିକା ଦାହ



ବାଲିପାଟଣା,୧୮।୩(ନିପ୍ର): ରାଜଧାନୀ ଉପକଣ୍ଠ ଜୟଦେବ ନିର୍ବାଚନ ମଣ୍ଡଳୀ ବିଜେଡି ମହଲରେ ଅସନ୍ତୋଷ ଦେଖାଦେଇଛି । ରାଜ୍ୟରେ ସଦ୍ୟ ସମାପ୍ତ ରାଜ୍ୟସଭା ନିର୍ବାଚନରେ ବିଧାୟକଙ୍କ କ୍ରସ ଭୋଟିଂକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ଆଲୋଚନା ଲାଗି ରହିଥିବା ବେଳେ ଜୟଦେବରେ ଏହାର ଉଷ୍ମତା ପରିଲକ୍ଷିତ ହୋଇଛି । କ୍ରସ ଭୋଟିଂ କରିଥିବା ଜୟଦେବ ବିଧାୟକ ନବ ମଲିକଙ୍କ ଉପରେ ଅସନ୍ତୋଷ ଜାହିର ସହିତ କୁଶ ପୁତ୍ତଳିକା ଦାହ କରିଛନ୍ତି ବିଜେଡି ସମର୍ଥକ । ଆଜି ପୂର୍ବାହ୍ନରେ ଶତାଧିକ ବିଜେଡି ସମର୍ଥକ ବାଇକ ଶୋଭାଯାତ୍ରାରେ ଆସି ବାଲିପାଟଣା ଛକରେ ଏକତ୍ର ହୋଇ ନବୀନ ପଟନାୟକ ଜିନ୍ଦାବାଦ ବିଜେଡି ଜିନ୍ଦାବାଦ ବିଧାୟକ ନବ ମଲିକ ମୁର୍ଦ୍ଦାବାଦ଼ ସ୍ଲୋଗାନ ଦେଇ ରାଜ୍ୟସଭା ନିବାଚନରେ ଦଳର ସଭାପତି ନବୀନ ପଟନାୟକଙ୍କ ନିଷ୍ପତ୍ତି ବିରୋଧରେ ଦଳୀୟ ହୁଇପ ଅମାନ୍ୟ କରି ଦଳୀୟ ପ୍ରାର୍ଥୀଙ୍କ ବିରୋଧରେ ଭୋଟ ଦେଇଥିବାରୁ ନବଙ୍କୁ ତୀବ୍ର ସମାଲୋଚନା କରିବା ସହିତ ନିନ୍ଦା କରିଥିଲେ । ବିଶ୍ୱାସଘାତକ କହିବା ସହିତ ନିର୍ବାଚନ ମଣ୍ଡଳୀ ବିଜେଡି ଲୋକଙ୍କ ବିଶ୍ୱାସରେ ବିଷ ଦେଇଥିବା କହିଥିଲେ। ଏହି ନିର୍ବାଚନ ମଣ୍ଡଳୀ ବିଜେଡିର ଦୁର୍ଗ ହୋଇଥିବା ବେଳେ କ୍ରମାଗତ ଭାବେ ବିଜେଡି ପ୍ରାର୍ଥୀ ଜିତିବା ଏବଂ ୨୦୨୪ ବିଧାନସଭା ନିର୍ବାଚନରେ ମଧ ଜୟଦେବରୁ ବିଜେଡି ପ୍ରାର୍ଥୀ ଜୟଯୁକ୍ତ ହୋଇଥିଲେ। ଗତ ନିର୍ବାଚନରେ ମାଟିର ପୁଅ ନାରା ଦେଇ ସମସ୍ତଙ୍କ ସମର୍ଥନରେ ବିପୁଳ ଭୋଟରେ ଜୟଯୁକ୍ତ ହୋଇଥିବା ବିଧାୟକ ଶେଷରେ ନିର୍ବାଚନ ମଣ୍ଡଳୀର ନା ପକାଇଲେ। ଆଜି ସାରା ରାଜ୍ୟରେ ଜୟଦେବ ବିଧାୟକଙ୍କୁ ସାମାଜିକ ଗଣମାଧ୍ୟମ, ବଜାର ହାଟରେ ତୀବ୍ର ସମାଲୋଚନା କରାଯାଉଛି । ଏ ସମ୍ପର୍କରେ ସେମାନେ ଦଳର ସଭାପତି ନବୀନ ପଟନାୟକଙ୍କୁ ଭେଟି ଦଳ ବିରୋଧୀ କାର୍ଯ୍ୟ କରିଥିବା ବିଧାୟକଙ୍କୁ ଦଳରୁ ବହିଷ୍କାର କରିବା ସହିତ ଖୁବଶୀଘ୍ର ଜୟଦେବରେ ନବୀନଙ୍କ ସଭା କରିବା ସହିତ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି ବିଜେଡି ସମର୍ଥକମାନେ କହିଛନ୍ତି । ଆଗାମୀ ଦିନରେ ଜୟଦେବରେ ବିଧାୟକଙ୍କୁ ଜୟଦେବରେ କୌଣସି କାର୍ଯ୍ୟକ୍ରମ କରାଇ ନ ଦେବାକୁ ବିରୋଧ କରିବାକୁ ବିଜେଡି ସମର୍ଥକ କର୍ମକର୍ତ୍ତାମାନେ କହି ବିଧାୟକଙ୍କ ଫଟୋଚିତ୍ରରେ ଅଗ୍ନି ସଂଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲିପାଟଣା ବ୍ଲକର ପୂର୍ବତନ ଅଧକ୍ଷ ତଥା ବିଜେଡିର ବରିଷ୍ଠ ନେତା ତ୍ରିବିକ୍ରମ ଆଚାର୍ଯ୍ୟ, ପୂର୍ବତନ ବ୍ଲକ ସଭାପତି ପ୍ରତାପ କେଶରୀ ନାୟକ ଦିନେଶ ନାୟକଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ସମର୍ଥକ ଯୋଗ ଦେଇଥିଲେ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ